

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର, ୧୫ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 15 SEPTEMBER 2022
Vol.No. 35 ■ No. 243 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







## ଗୋଆ କଂଗ୍ରେସକୁ ଝଟ୍କା : ପଦ୍ମ ଧରିଲେ ୮ ବିଧାୟକ



ପାଣାଜୀ, ୧୪/୦୯ (ନି.ପ୍ର): ତୁଟୁନି କଂଗ୍ରେସ କଳି। ଗୋଆ କଂଗ୍ରେସରେ ପୁଣି ବଢ଼ିଲା ଅଡୁଆ। ଦଳର ୧୧ ଜଣ ବିଧାୟକଙ୍କ ମଧ୍ୟରୁ ୮ ଜଣ ବିଧାୟକ କଂଗ୍ରେସର ହାତ ଛାଡି ବିଜେପିର ପଦ୍ମ ଧରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମେତ ୮ ଜଣ ବିଧାୟକ ଆଜି ବାଚସ୍ପତିଙ୍କୁ ଭେଟିବା ପରେ ଏଭଳି ନିଷ୍ପତି ନେଇଛନ୍ତି। କଂଗ୍ରେସ ବିଧାୟକ ଦିଗମ୍ବର କାମତ, ମାଇକେଲ ଲୋବୋ, ଦେଲିଲା ଲୋବେ, ରାଜେଶ ଫଲଦେସାଇ, କେନାର ନାଏକ, ସକଳ୍ପ ଅମୋନକର, ଅଲେକ୍ସୋ ସିକେରା ଓ ରୁଡୋଲ୍ଫ ଫର୍ଣ୍ଣାଣ୍ଡିଜ ଆଜି ବିଜେପିରେ ସାମିଲ ହୋଇଛନ୍ତି। ଏହି ସମସ୍ତ ବିଧାୟକ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କୁ ଭେଟି ବିଧିବଦ୍ଧ ଭାବେ ଗେରୁଆ ଦଳରେ ମିଶିଛନ୍ତି। ଏହା ପୂର୍ବରୁ ରାଜ୍ୟ ବିଜେପି ମୁଖ୍ୟ ସଦାନନ୍ଦ ସେଟ୍ ତନାବଡ୍ଡେ କଂଗ୍ରେସର ବିଧାୟକମାନେ ବିଜେପିରେ ମିଶିବାକୁ ଯାଉଛନ୍ତି ବୋଲି ଦାବି କରିଥିଲେ। ଇତି ମଧ୍ୟରେ ବିରୋଧୀ ଦଳର ନେତା ମାଇକେଲ ଲୋବୋ କଂଗ୍ରେସ ବିଧାନସଭା ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ଏହି ବୈଠକରେ କଂଗ୍ରେସ ବିଧାନସଭା ପାର୍ଟିକୁ ବିଜେପି ସହ ମିଶ୍ରଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାପୂର୍ବରୁ ଜୁଲାଇରେ ୧୧ ଜଣ କଂଗ୍ରେସ ବିଧାୟକଙ୍କ ମଧ୍ୟରୁ ୫ଜଣଙ୍କୁ ବିଜେପିରେ ଯୋଗଦେବାକୁ ନେଇ ଆଲୋଚନା ହୋଇଥିଲା। ତେବେ କଂଗ୍ରେସ ଠିକ୍ ସମୟରେ ସକ୍ରିୟତା ଦେଖାଇ ନିଜ ବିଧାୟକଙ୍କ ମନ ପରିବର୍ତ୍ତନ କରିଦେଇଥିଲା ୪୦ ଆସନ ବିଶିଷ୍ଟ ଗୋଆ ବିଧାନସଭାରେ ବର୍ତ୍ତମାନ ବିଜେପିର ୨୦ ଜଣ ବିଧାୟକ ଅଛନ୍ତି। ସେହିପରି କଂଗ୍ରେସର ମାତ୍ର ୧୧ ଜଣ ବିଧାୟକ ଅଛନ୍ତି। ଏହାବ୍ୟତୀତ ମହାରାଷ୍ଟ୍ରୱାଡି ଗୋମନ୍ତକ ଦଳର ଦୁଇ ଜଣ ଓ ଗୋଆ ପରୱାର୍ଡ ପାର୍ଟିର ଜଣେ ବିଧାୟକ ଅଛନ୍ତି। ସେହିପରି ୬ ଜଣ ଅନ୍ୟ ବିଧାୟକ ଅଛନ୍ତି। ଏଭଳି ସ୍ଥିତିରେ କଂଗ୍ରେସର ୮ ଜଣ ବିଧାୟକ ବିଜେପିରେ ଯୋଗ ଦେବା ପରେ ବିଧାନସଭାରେ କଂଗ୍ରେସ ବିଧାୟକଙ୍କ ସଂଖ୍ୟା ୩ରେ ପହଞ୍ଚି ଯାଇଛି । ଆଉ ବିଜେପି ବିଧାୟକଙ୍କ ସଂଖ୍ୟା ୨୩କୁ ବୃଦ୍ଧି ପାଇଛି।

## ଆଇଏଏସ୍ ସ୍ତରରେ ଅଦଳବଦଳ



ଭୁବନେଶ୍ୱର,୧୪/୦୯ (ନି.ପ୍ର): ରାଜ୍ୟ ସରକାର ବୁଧବାର ବରିଷ୍ଠ ଆଇଏଏସ ଅଫିସରସ୍ତରରେ ଏକ ବଡ ଧରଣର ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ ଶକ୍ତି ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ଅବକାରୀ ବିଭାଗର ଅତିରିକ୍ତ ଦାୟିତ୍ୱ ମିଳିଛି। ଏଥିସହ ସେ ପୂର୍ବପରି ଗ୍ରୀଡକୋ ଅଧକ୍ଷ ଭାବେ ମଧ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ପୂର୍ବରୁ ଏହି ଦାୟିତ୍ୱରେ ଦେଓରଂଜନ ସିଂହ ଥିଲେ । ସେହିପରି କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଡ. ଅରବିନ୍ଦ ପାଢ଼ୀ ଅତିରିକ୍ତ ଭାବେ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ତୁଲାଇବେ। ବରିଷ୍ଠ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କମିଶନର ତଥା ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗର ସଚିବ ଭାବେ ବଦଳି କରାଯାଇଛି। ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗରେ କମିଶନର ତଥା ସଚିବ ଶୁଭା ଶର୍ମାଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗରେ ଅବସ୍ଥାପିତ କରାଯାଇଛି। ୧୯୯୯ ବ୍ୟାଚ୍ ଆଇଏଏସ୍ ଭାସ୍କରଜ୍ୟୋତି ଶର୍ମାଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ପଦରୁ ହଟାଇ ଦିଆଯାଇଛି । ସେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସଚିବ ଭାବେ କାର୍ଯ୍ୟ କରିବେ । ସେ ଅତିରିକ୍ତ ଭାବେ ବିଜ୍ଞାନ ଓ ବୈଷୟିକ ବିଭାଗର ସଚିବ ଦାୟିତ୍ୱ ତୁଲାଇବେ । ଅପରପକ୍ଷରେ ଶାଳିନୀ ପଣ୍ଡିତଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସଚିବ ଭାବେ ଅବସ୍ଥାପିତ କରିଛନ୍ତି। ୨୦୦୧ ବ୍ୟାଚ୍ ଆଇଏଏସ୍ ତଥା ଏନଏଚଏମ୍ ଶାଳିନୀ ପଣ୍ଡିତଙ୍କୁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗର ସଚିବ ତଥା କମିଶନର ଭାବେ ନିଯୁକ୍ତି ଦେଇଛନ୍ତି । ▶▶ପୃଷ୍ଠା ୭

## ୧୮ରୁ ବଢ଼ିବ ବର୍ଷା

ଭୁବନେଶ୍ୱର,୧୪/୦୯ (ନି.ପ୍ର): ଆସନ୍ତା୧୮ ତାରିଖ ବେଳକୁ ଉତର ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତୀ ସମୁଦ୍ର ମଧ୍ୟରେ ଉତର ଓଡିଶା- ପଶ୍ଚିମବଙ୍ଗ ଉପକୂଳ ଅଂଚଳରେ ବାୟୁମଣ୍ଡଳର ଉପରି ଭାଗରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ୧୮ ତାରିଖରୁ ବର୍ଷାର ବିସ୍ତୃତି ଓ ପରିମାଣରେ ବୃଦ୍ଧି ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ମୌସୁମୀ ନିମ୍ନ-ଚାପ ରେଖା ବୁଧବାର ନିଜର ସାଧାରଣ ଅବସ୍ଥାନ ଠାରୁ ସାମାନ୍ୟ ଦକ୍ଷିଣରେ ରହିବା ସହ ରାଜସ୍ଥାନର ଜସେଲମେରରୁ ବାହାରି କୋଟା, ଉତର-ପଶ୍ଚିମ ମଧ୍ୟପ୍ରଦେଶ ଅଂଚଳରେ ସୁଦୃଶଃ ଲଘୁଚାପ କ୍ଷେତ୍ରର କେନ୍ଦ୍ର ଦେଇ ସତନା, ଚୁର୍କ, ରାଂଚି ଏବଂ ଦିଘା ଠାରୁ ପୂର୍ବ-ଦକ୍ଷିଣପୂର୍ବ ଦିଗରେ ଉତର-ପୂର୍ବ ବଙ୍ଗୋପସାଗର ଯାଏଁ ଲମ୍ବିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ମୟୂରଭଂଜ, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭରାବନା ରହିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, କେନ୍ଦୁଝର,ମୟୂରଭଞ୍ଜ, ଅନୁଗୁଳ, ଢ଼େଙ୍କାନାଳ, ବୌଦ୍ଧ ଓ କନ୍ଧମାଳ ଆଦି ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

## ଓଜେଇଇରେ ଲାଗୁ ହେଲା ଇଡବ୍ଲ୍ୟୁଏସ୍ କୋଟା



ଭୁବନେଶ୍ୱର,୧୪/୦୯ (ନି.ପ୍ର): ରାଜ୍ୟରେ ଇଞ୍ଜିନିୟରିଂ ପାଠପଢ଼ା ପାଇଁ ଲାଗୁ ହେଲା ଇଡବ୍ଲୁଏସ ସ୍କିମ୍ । ଅର୍ଥାତ୍ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀ ଏଣିକି ସଂରକ୍ଷିତ ସିଟ୍ରେ ଇଞ୍ଜିନିୟରିଂ ପାଠକ୍ରମରେ ନାମ ଲେଖାଇପାରିବେ । ଏଥିପାଇଁ ଚଳିତବର୍ଷଠାରୁ ୧୦ପ୍ରତିଶତ ସଂରକ୍ଷିତ ସିଟ୍ ପାଇଁ ଆବେଦନ କରିପାରିବେ ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀ । ନିୟମ ଅନୁଯାୟୀ ଇଞ୍ଜିନିୟରିଂ କଲେଜରେ ଇଡବ୍ଲୁଏସ ଏବଂ ଅନ୍ୟ କୋଟା ଅଧାରରେ ୨୫ ପ୍ରତିଶତ ସିଟ ବୃଦ୍ଧି ପାଇବ । ରାଜ୍ୟରେ ୮ଟି ସରକାରୀ କଲେଜ ସହ ମୋଟ ୮୬ଟି ଇଞ୍ଜିନିୟରିଂ କଲେଜ ରହିଛି । ମୋଟ ସିଟ୍ ସଂଖ୍ୟା ୩୪,୦୦୦ରୁ ଅଧିକ, ନୂଆ ସଂରକ୍ଷଣ ପାଇଁ ୩୪୦୦ ସିଟ୍ ବୃଦ୍ଧି କରାଯାଇଛି । ଏବେ ନଜର ପକାଇବା କାହାକୁ ମିଳିବ ଇଡବ୍ଲୁଏସ୍ କୋଟା ? ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗ କୋଟାରେ ଅନ୍ତର୍ଭୁକ୍ତ ନଥିବେ, ପରିବାରର ବାର୍ଷିକ ଆୟ ୮ ଲକ୍ଷ ଟଙ୍କାରୁ କମ୍ ଥିବ, ୫ ଏକର କିମ୍ବା ତା'ଠାରୁ ଅଧିକ ଜମି ନଥିବ, ଆର୍ଥିକ ଅନଗ୍ରସର ପ୍ରମାଣପତ୍ର ପାଇଁ ତହସିଲ୍ ଅଫିସକୁ ଆବେଦନ କରିବେ । ତଥ୍ୟ ଯାଞ୍ଚ ପରେ ତହସିଲ୍ଦାର କିମ୍ବା ଅତିରିକ୍ତ ତହସିଲଦାର ପ୍ରମାଣପତ୍ର ଦେବେ । କାଉନସେଲିଂ ବେଳେ ଇଡବ୍ଲୁଏସ୍ କୋଟା ପାଇଁ ଆବେଦନ କରିପାରିବେ ଛାତ୍ରଛାତ୍ରୀ । ନାମଲେଖା ସମୟରେ ଇଡବ୍ଲୁଏସ୍ ପ୍ରମାଣପତ୍ର ଦେଖାଇବାକୁ ପଡିବ । ଅଲ ଇଣ୍ଡିଆ କାଉନସିଲ୍ ଫର ଟେକନିକାଲ ଏଜୁକେସନର ଅନୁମୋଦନକ୍ରମେ ଏହି କୋଟାକୁ ଚଳିତବର୍ଷଠାରୁ ଲାଗୁ କରିଛି ଓଜେଇଇ ।

## ହିନ୍ଦୀ ଦିବସ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଜଣାଇଲେ ଶୁଭେଚ୍ଛା



ଭୁବନେଶ୍ୱର,୧୪/୦୯ (ନି.ପ୍ର): କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହିନ୍ଦୀ ଦିବସ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଅନେକ ଭାଷା ଓ ଓ ଉପଭାଷାକୁ ନିଜ ମଧ୍ୟରେ ରଖି ହିନ୍ଦୀ ଭାଷାର ଭାରତକୁ ଏକତାର ସୂତ୍ରରେ ବାନ୍ଧିବାକୁ ବିଶେଷ ସ୍ଥାନ ରହି ଆସିଛି । ବିଶ୍ୱରେ ଅନେକ ଭାଷାରେ ଆଜି ହିନ୍ଦୀ ଭାଷାର ମଧ୍ୟ ବ୍ୟବହାର ହେବାରେ ଲାଗିଲାଣି । ହିନ୍ଦୀ ଦିବସ ଉପ ଲପଲକ୍ଷେ ଆପଣ ସମସ୍ତଙ୍କ ଶୁଭକାମନା । ଆସନ୍ତୁ ନ୍ମକ୍ଷ ମାତୃଭାଷା ସମେତ ହିନ୍ଦୀର ଉତଥାନରେ ଭାଗିଦାର ହେବାର ସଂକଳ୍ପ ନେବା ।

## ଏଲିଜାବେଥଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ସାମିଲ ହେବେ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୧୪/୦୯ : ବ୍ରିଟେନର ଦିବଙ୍ଗତ ରାଣୀ ଏଲିଜାବେଥ ଦ୍ୱିତୀୟଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାମିଲ ହେବେ। ଭାରତ ସରକାରଙ୍କ ପକ୍ଷରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲଣ୍ଡନ ଗସ୍ତ କରି ସେଠାରେ ରାଣୀଙ୍କୁ ଶେଷ ଦର୍ଶନ ଶୋକବ୍ୟକ୍ତ କରିବେ। ଏଥିପାଇଁ ସେପ୍ଟେମ୍ବର ୧୭ରୁ ୧୯ ମଧ୍ୟରେ ରାଷ୍ଟ୍ରପତି ଲଣ୍ଡନରେ ଉପସ୍ଥିତ ରହିବେ। ବ୍ରିଟେନର ପୂର୍ବତନ ରାଷ୍ଟ ମୁଖ୍ୟ କୁଇନ୍ ଏଲିଜାବେଥ ଦ୍ୱିତୀୟ ମଧ କମନୱେଲଥ୍ ରାଷ୍ଟ୍ରର ମଧ ମୁଖ୍ୟ ଥିଲେ । ସେପଟ୍ଟେମ୍ବର ୭ରେ ରାଣୀଙ୍କର ପରଲୋକ ହୋଇଥିଲା। ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନକଡ଼ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଣୀଙ୍କ ନିଧନରେ ଶୋକବ୍ୟକ୍ତ କରିଛନ୍ତି। ସେହିପରି ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ନୂଆଦିଲ୍ଲୀରେ ଥିବା ବ୍ରିଟିସ୍ ହାଇକମିଶନରଙ୍କ କାର୍ଯ୍ୟାଳୟରେ ଭେଟି ରାଣୀଙ୍କ ପ୍ରତି ଶୋକବ୍ୟକ୍ତ କରିଛନ୍ତି। ଭାରତ ମଧ ରାଣୀଙ୍କ ସମ୍ମାନେର୍ଥେ ଗୋଟିଏ ଦିନ ରାଷ୍ଟ୍ରୀୟ ଶୋକ ▶▶ପୃଷ୍ଠା ୭

## ଚନ୍ଦୁ ହତ୍ୟା ମାମଲାରେ ଲେଡି ଡନ୍ ରଞ୍ଜୁ ଓ ସହଯୋଗୀ କାହ୍ନା ଗିରଫ

ଭୁବନେଶ୍ୱର,୧୪/୦୯ (ନି.ପ୍ର): ୟୁନିଟ୍ ୮ ନାରାୟଣୀ ବସ୍ତିରେ ଚନ୍ଦୁ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଲେଡି ଡନ୍ ରଞ୍ଜୁ ଓ ତାର ସହଯୋଗୀ କାହ୍ନା ଗିରଫ ହୋଇଛନ୍ତି। ଉଭୟଙ୍କୁ ଗଞ୍ଜାମରୁ ଗିରଫ କରିଛି କମିଶନରେଟ ପୋଲିସ। ଶୁକ୍ରବାର ବିଳମ୍ବିତ ରାତିରେ ୟୁନିଟ୍-୮ ତୁଳସୀ ବସ୍ତିର ପି. ସୁବ୍ରତ ରାଓ ଓରଫ ଚନ୍ଦୁ (୩୭) ନାରାୟଣୀ ବସ୍ତିକୁ ଯାଇଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିଲା। ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୧ଟା ବେଳେ ମୁଖ୍ୟ ଅଭିଯୁକ୍ତ ଲେଡି ଡନ୍ ରଞ୍ଜୁ ଓ ତାର ସହଯୋଗୀ କାହ୍ନା ସଂଘବଦ୍ଧ ଭାବେ ଆକ୍ରମଣ କରି ତାଙ୍କୁ ହତ୍ୟା କରିଥିଲେ। ଦୁର୍ବୃତମାନେ ତାଙ୍କୁ ବସ୍ତି ଭିତରେ ପିଟିପିଟି ହତ୍ୟା କରିଥିଲେ। ଖବର ପାଇ କ୍ୟାପିଟାଲ ଥାନା ପୋଲିସ୍ ଘଟଣାସ୍ଥଳରୁ ଚନ୍ଦୁକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତି କରାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ମିଳିଥିବା ସୂଚନାନୁଯାୟୀ, ନିଶା କାରବାର କରିଆସୁଥିବା ଚନ୍ଦୁ କିଛି ଦିନ ତଳେ ଏଥିରୁ ଦୂରେଇ ଯାଇଥିଲା। କିନ୍ତୁ ପୁରୁଣା ହିସାବକୁ କେନ୍ଦ୍ରକରି ତା'ର କିଛି ଯୁବକଙ୍କ ସହ ବିବାଦ ହୋଇଥିଲା। ତାହାକୁ କେନ୍ଦ୍ରକରି କିଛି ଦିନ ତଳେ ଚନ୍ଦୁ ସହ ସେମାନେ ଗଣ୍ଡଗୋଳ କରିଥିଲେ। ତେବେ ଶୁକ୍ରବାର ବିଳମ୍ବିତ ରାତିରେ ବସ୍ତିକୁ ଉକ୍ତ ଯୁବକମାନେ ଆସି ଚନ୍ଦୁ ସହ ଗଣ୍ଡଗୋଳ କରିଥିଲେ।

## ନକଲି ଔଷଧ ମାମଲାରେ ସବୁ ଜିଲ୍ଲାରେ ଚଢାଉ କରାଯିବ : ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର,୧୪/୦୯ (ନି.ପ୍ର): ନକଲି ଔଷଧ ମାମଲାରେ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି । ଆଇନ ତା ବାଟରେ ଯିବ। କାହାରିକୁ ଛଡ଼ାଯିବ ନାହିଁ । ଯଦି କେହି ଭୁଲ୍ କରିଥିବେ, ତେବେ ତାଙ୍କୁ ଦଣ୍ଡ ଦିଆଯିବ । ଆଗକୁ ମଧ ସବୁ ଜିଲ୍ଲାରେ ଚଢାଉ କରିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ । ସୂଚନାଯୋଗ୍ୟ ଯେ, ଗତ କିଛି ଦିନତଳେ କଟକ ଭୁବନେଶ୍ୱରର ବିଭିନ୍ନ ନକଲି ଔଷଧ ବିକ୍ରି ନେଇ ଅଭିଯୋଗ ଆସିବା ପରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ବହୁ ନକଲି ଔଷଧ ମିଳିଥିଲା।

## ପୁରୀରେ ବିଜେପିର ମାନସ ମନ୍ଥନ



ଭୁବନେଶ୍ୱର,୧୪/୦୯ (ନି.ପ୍ର): ୨୦୨୪ ନିର୍ବାଚନ ପାଇଁ ରାଜ୍ୟ ବିଜେପିର ରଣହୁଙ୍କାର । ବିଜେଡି ବିରୋଧରେ ଲଢେଇକୁ ଜୋରଦାର କରିବାକୁ ଅଣ୍ଟାଭିଡିଲାଣି ରାଜ୍ୟ ବିଜେପି । ପଶ୍ଚିମବଙ୍ଗ ଶୈଳୀରେ ଲଢେଇ କରିବାକୁ ରଣନୀତି ପ୍ରସ୍ତୁତ କରୁଛି । ବିଜେଡିର ଗଡକୁ ଭେଦିବା ପାଇଁ ବିଜେପି କର ବା ମର ସ୍ଥିତିରେ ଲଢ଼ିବ । ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚି ରାଜ୍ୟ ସରକାରଙ୍କୁ ଘେରିବାକୁ ଲକ୍ଷ୍ୟ ରଖିଛି ବିଜେପି । ଆବଶ୍ୟକ ପଡିଲେ ମୁହାଁମୁହିଁ ପରିସ୍ଥିତି ବି ଉପୁଜିପାରେ ବୋଲି ବିଜେପି ନେତା ଦମ୍ଭୋକ୍ତି ଦେଖାଇଛନ୍ତି । ୨୦୨୪ ପାଇଁ ୨୦୨୨ରୁ ହିଁ ଦେଖାଦେଲାଣି ରାଜନୈତିକ ଉଷ୍ମତା । ବିଜେଡି, ବିଜେପି ଏବେଠାରୁ ରଣନୀତି ପ୍ରସ୍ତୁତ କଲେଣି । ବିଶେଷକରି ୨୦୨୪ରେ ଓଡିଶାକୁ ଫୋକସ ରାଜ୍ୟରେ ରଖିଛି ବିଜେପି । ଏଥିପାଇଁ ପୁରୀରେ ମାନସ ମନ୍ଥନ କରୁଛନ୍ତି ବିଜେପି ନେତା । ତେଣୁ ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କୁ ଯେଭଳି ▶▶ପୃଷ୍ଠା ୭

## ମୁମ୍ବାଇରେ ନିବେଶକ ସମ୍ମିଳନୀରେ ଯୋଗଦେଲେ ନବୀନ ପଟ୍ଟନାୟକ




ଭୁବନେଶ୍ୱର,୧୪/୦୯ (ନି.ପ୍ର): ମୁମ୍ବାଇର ନିବେଶକ ସମ୍ମିଳନୀରେ ବଡ ବଡ ଶିଳ୍ପପତିଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏମାନଙ୍କ ମଧ୍ୟରେ ଅଛନ୍ତି ମହିନ୍ଦ୍ରା ଗ୍ରୁପର ଅଧକ୍ଷ ଆନନ୍ଦ ମହିନ୍ଦ୍ରା, ଥ୍ୱାରେ ଇଂଜିନିୟରର ଅଧକ୍ଷ ହିତେଶ ଯୋଶୀ, ଆପ୍ରା ଇଣ୍ଡଷ୍ଟିର ଅଧକ୍ଷ ଚୈତନ୍ୟ ଦେଶାଇ, ଧ୍ରୁବ କୋଟାକର ଚେୟାରମ୍ୟାନ ଜେ.ଏମ୍. ବକ୍ସି, ଆଇସିଆଇସିଆଇ ବ୍ୟାଙ୍କର ଏକଜିକ୍ୟୁଟିଭ ଡାଇରେକ୍ଟର ରାକେଶ ଝା, ମହିନ୍ଦ୍ରା ଗ୍ରୁପର ମୁଖ୍ୟ ଆନନ୍ଦ ମହିନ୍ଦ୍ରା । ଏହାଛଡା ଅନ୍ୟ ନିବେଶଙ୍କୁ ବି ଭେଟି ଓଡିଶା ଆସିବା ପାଇଁ ନିମନ୍ତ୍ରଣ କରିଛନ୍ତି । ୱାନ-ଟୁ-ୱାନ ବୈଠକରେ ଓଡିଶାର ଆର୍ଥିକ ବିକାଶ ନେଇ ନିବେଶକଙ୍କୁ ବୁଝାଉଛନ୍ତି ନବୀନ ପଟ୍ଟନାୟକ । ବିଶେଷକରି ରାଜ୍ୟରେ ନିବେଶ କଲେ ସବୁ ପ୍ରକାରର ସହାୟତା ଯୋଗାଇଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି । ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ମାଧ୍ୟମରେ ସବୁପ୍ରକାରର ସହୟତା ଦିଆଯାଇଛି । ଏଥିପାଇଁ ଓଡିଶାରେ ଅନୁକୂଳ ପରିବେଶ ରହିଛି ବୋଲି ଶିଳ୍ପପତିଙ୍କୁ ବୁଝାଇଛନ୍ତି ନବୀନ । ଆଇଟି, ପେଟ୍ରୋ କେମିକାଲସ, ଫୁଡ ପ୍ରୋସେସିଙ୍ଗ ଭଳି କ୍ଷେତ୍ରରେ ଅଧିକ ପୁଂଜିନିବେଶ କରିବା ପାଇଁ ଶିଳ୍ପପତିଙ୍କୁ ପ୍ରସ୍ତାବ ଦିଆଯାଇଛି । ପୂର୍ବରୁ ଦୁବାଇ, ଦିଲ୍ଲୀ , ଅହମ୍ମଦାବାଦରେ ଓଡିଶାର ନିବେଶ ସମ୍ମିଳନୀ ହୋଇଥିଲା । ଆଗକୁ ନଭେମ୍ବର ୩୦ରୁ ଡିସେମ୍ବର ୪ ଯାଏଁ ଭୁବନେଶ୍ୱରରେ ମେକ-ଇନ ଓଡିଶାର ତୃତୀୟ ସଂସ୍କରଣ ହେବ । ତେଣୁ ତା ପୂର୍ବରୁ ମୁମ୍ବାଇ ସମ୍ମିଳନୀକୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି । ନବୀନ ପଟ୍ଟନାୟକଙ୍କ ପୂର୍ବରୁ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଶିଳ୍ପପତିଙ୍କୁ ଭେଟି ଆଲୋଚନା କରିଥିଲେ ।

## କୋର୍ଟରେ ହାଜର ହେଲେ ବର୍ଷା ଓ ଅନୁଭବ



ଭୁବନେଶ୍ୱର,୧୪/୦୯ (ନି.ପ୍ର): ପାରିବାରିକ ବିବାଦ ମାମଲାରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶନୀ ଓ କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତି ବୁଧବାର ଫ୍ୟାମିଲି କୋର୍ଟରେ ହାଜର ହୋଇଛନ୍ତି। ଫ୍ୟାମିଲି କୋର୍ଟରେ ହାଜର ହେବାକୁ ଉଭୟଙ୍କୁ ପୂର୍ବରୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉଭୟେ ଫ୍ୟାମିଲି କୋର୍ଟରେ ପହଂଚିବା ପରେ ଉଭୟ ବର୍ଷା ଏବଂ ଅନୁଭବଙ୍କୁ ନିଜ ଚ୍ୟାମ୍ବରକୁ ପଠାଇ ଦେଇଛନ୍ତି ଜଜ୍ । ଉଭୟଙ୍କ ସହ ଆଲୋଚନା ହୋଇଥିଲା। କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ମୁତାବକ, ଆଜି ଉଭୟ ୫ ହଜାର ଟଙ୍କା ଦଣ୍ଡ ଦେଇ ରସିଦ୍ କାଟିଥିଲେ। କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ମୁତାବକ ଉଭୟ ଦାଖଲ କରିଥିବା ୫ ହଜାର ଟଙ୍କାର ପ୍ରମାଣ ଦେଇଥିଲେ। ସେପଟେ କୋର୍ଟ କାର୍ଯ୍ୟରେ ବିଚାର ପ୍ରକ୍ରିୟାକୁ ସହଯୋଗ କରିବା, ଅଯଥା ସମୟ ନନେବା, କୋର୍ଟରେ କୌଣସି ମିଥ୍ୟା ତଥ୍ୟ ଦାଖଲ ନକରିବା ନେଇ ସତ୍ୟପାଠ ଦାଖଲ କରିଥିଲେ ବର୍ଷା। ପରେ ଉଭୟଙ୍କୁ ମଧ୍ୟସ୍ଥତା କେନ୍ଦ୍ରରେ ହାଜର ପାଇଁ ନିଜ ଆଡୁ ନିର୍ଦ୍ଦେଶ ଦେଇଥିଲେ କଟକ ପରିବାର ଅଦାଲତ।

# ଅଲ୍ ଓଡିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମୁଖ୍ୟର ଜୟପୁର ଶାଖାର ବୈଠକ

ଜୟପୁର,୧୪/୦୯ (ନି.ପ୍ର): ଅଲ୍ ଓଡିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମୁଖ୍ୟର ଜୟପୁର ଶାଖାର ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୟପୁର୍ ଟାଉନ୍ ହଲ ଠାରେ ଆୟୋଜିତ ଏହି ବୈଠକରେ ନନ୍ଦିନୀ ପଣ୍ଡା ଉପସ୍ଥିତ ରହି ନିଜର ଅଭି ଭାଷଣରେ କହିଥିଲେ ଯେ, ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ତଥା ମୀନି ଅଙ୍ଗନୱାଡ଼ି କର୍ମୀମାନେ କେନ୍ଦ୍ର ସରକାରଙ୍କ ୬୦ ପ୍ରତିଶତ ଏବଂ ୪୦ ପ୍ରତିଶତ ଅଂଶଧନରେ ତାଙ୍କର ସମସ୍ତ ଯୋଜନାକୁ ସଫଳ କରି ମଧ୍ୟ ସରକାରୀ ମାନ୍ୟତା ତଥା ଉପଯୁକ୍ତ ବେତନରୁ ବଂଚିତ ହେଉଛନ୍ତି । ତେଣୁ ଆଗାମୀ ଦିନରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସାମୁଖ୍ୟର ସଭାନେତ୍ରୀ ଭାବେ ଅଙ୍ଗନୱାଡ଼ି ଭଉଣୀ ମାନଙ୍କ ମାସିକ ବେତନ ବୃଦ୍ଧି ଓ ସରକାରୀ ମାନ୍ୟତା, ଏସଏନପିର ମୂଲ୍ୟ ବୃଦ୍ଧି, ଗାଁ କଲ୍ୟାଣ ସମିତି ଉଚ୍ଛେଦ, ଅବସରକାଳୀନ ମାସିକ ଭତା, ମୃତ୍ୟୁକାଳୀନ ସହାୟତା ରାଶି, ଅଙ୍ଗନୱାଡ଼ି କର୍ମୀରୁ ସୁପରଭାଇଜର୍ ପଦନ୍ନୋତିରେ ପୂର୍ବ ନିର୍ଦ୍ଦେଶନାମାରେ ସାମାନ୍ୟ ପରିବର୍ତନ କରିବା, ସମସ୍ତଙ୍କୁ ବିଏସକେୱାଇ କାର୍ଡ ଯୋଗାଇଦେବା, ପୋଷଣ କାମକୁ ବାଧ୍ୟତାମୂଳକ ନକରି ଅଙ୍ଗନୱାଡ଼ିରେ ଖାତା ପତ୍ର କମ୍ କରିବା, ମୀନି ଅଙ୍ଗନୱାଡ଼ି କର୍ମୀଙ୍କୁ ସହକର୍ମୀ ଯୋଗାଇ ଦେବା ସହିତ ସେମାନଙ୍କୁ ସମାନ ବେତନ ପ୍ରଦାନ କରିବା ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ କରିବା ସହିତ ଆଗାମୀ ଦିନରେ ଦୃଢତାର ସହିତ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଶ୍ରୀମତୀ ନନ୍ଦିନୀ ଦୃଢୋକ୍ତି ପ୍ରକାଶ କରିଥିଲେ ଏବଂ ୨୦୧୯ ନିର୍ବାଚନ ପ୍ରଚାର ବେଳେ ଏନଡିଏ ସରକାର କ୍ଷମତାକୁ ଆସିଲେ ଅଙ୍ଗନୱାଡ଼ି କର୍ମୀଙ୍କ ଦରମା ୧୫,୦୦୦ ଟଙ୍କା କରାଯିବା କଥା କହିଥିବା କେନ୍ଦ୍ର ସରକାର ଆଜି ନିରବ୍ ଦ୍ରଷ୍ଟା ସାଜିଥିବାରୁ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ଭଳି ବୋଲି କେନ୍ଦ୍ର ସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ରାଜ୍ୟ ସରକାର ମଧ୍ୟ ଅଙ୍ଗନୱାଡ଼ିର ବିଭିନ୍ନ ସମସ୍ୟା ଓ ତାର ସମାଧାନ ଉପରେ ଗୁରୁତ୍ୱ ଦେବା ସହିତ ସେମାନଙ୍କ ଦରମା ବୃଦ୍ଧି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ଅଛି ବୋଲି କହିଥିଲେ।

ସମ୍ମାନିତ ବକ୍ତା ବିଜୁ ଶ୍ରମିକ ସାମୁଖ୍ୟର କୋରାପୁଟ ଜିଲ୍ଲା ସଭାପତି ବାଲା ରାୟ ତାଙ୍କ ଅଭିଭାଷଣରେ ଅଙ୍ଗନୱାଡ଼ି ଭଉଣୀ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସଙ୍ଗଠନକୁ ସୁଦୃଢ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ ଓ କେନ୍ଦ୍ର ସରକାରଙ୍କ ଅଙ୍ଗନୱାଡ଼ି କର୍ମୀ ଙ୍କ ପ୍ରତି ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ, ତା ସହିତ ବ୍ଲକସ୍ତରୀୟ କିଛି ସମସ୍ୟାର ସମାଧାନ ନିମନ୍ତେ ଜୟପୁର ସିଡ଼ିପିଓଙ୍କୁ ଅବଗତ କରାଇବା ସହିତ ତୁରନ୍ତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ଅଭିଭକ୍ତ କୋରାପୁଟ ଜିଲ୍ଲା ସଂଯୋଜକ ନିରଞ୍ଜନ ପାତ୍ର ତାଙ୍କ ଅଭିଭାଷଣରେ ସଙ୍ଗଠନରେ ଏକତା ରକ୍ଷା କରିବା ସହିତ ନିଜ ହକ୍ ପାଇଁ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ ଓ ବାର୍ଷିକ ସଭ୍ୟା ଚାନ୍ଦା ଆଦାୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ଦାବୀ ପୂରଣ ନହେଲେ ନିଜ ହକ୍ ପାଇଁ ସାମୁଖ୍ୟ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଥିଲେ।

# କବିତା କହଁର ହତ୍ୟା ଘଟଣାର ସିବିଆଇକୁ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିକଲା ମହିଳା ସଂଗଠନ

କନ୍ଧମାଳ,୧୩ ସେପ୍ଟେମ୍ବର (ହି.ସ.)- କନ୍ଧମାଳ ଜିଲ୍ଲା ତୁଡିପାଜୁ ମହିଳା ମହାସଂଘର ମହିଳା ମାନେ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଂଚି ପ୍ଲାକାର୍ଡ ଧରି ଗତ ଜୁନ ୧୮ ତାରିଖରେ ସ୍ଥାନୀୟ ଆଇଟିଆଇ ନିକଟରେ ଉଦ୍ଧାର ହୋଇଥିବା ନାବାଳିକା କବିତା କହଁରଙ୍କ ମୃତଦେହ ଘଟଣାକୁ ଏକ ମିଳିତ ଦୁଷ୍କର୍ମ ଏବଂ ହତ୍ୟା ଘଟଣା ବୋଲି ଦାବୀ କରିବା ସହିତ ଘଟଣାର ପ୍ରକୃତ ଦୋଷୀମାନଙ୍କୁ ପୋଲିସ ଗିରଫ କରିନ ଥିବା କହିଛନ୍ତି । ତେଣୁ ସେମାନେ ଆଜି ମିଳିତ ଭାବରେ ପ୍ଲାକ୍‌କାର୍ଡ ଧରି ବିଭିମନ୍ନ ନାରାବାଜି କରିବା ସହିତ ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଥିଲେ। ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଘଟଣାର ତଦନ୍ତ ଭାର ସିବିଆଇକୁ ଦେବାକୁ ଦାବୀ କରି କନ୍ଧମାଳ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ଦାବୀ ପତ୍ରରେ ଅଭିଯୋଗ କରିଛନ୍ତି,ଗତ ଜୁନ ମାସ ୧୮ ତାରିଖରେ କବିତାର ଶବକୁ ଉଦ୍ଧାର କରାଯାଇଥିଲା ।ଏହାକୁ ପୋଲିସ ପ୍ରଥମେ ଏକ ଆତ୍ମହତ୍ୟା ଘଟଣା ଭାବରେ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ।୧୯ ତାରିଖରେ ନାବାଳିକାଙ୍କ ମା ଯଶୋଦା କହଁର ଫୁଲବାଣୀ ସଦର ଥାନାରେ,ତାଙ୍କ ଝିଅକୁ ଦୁଷ୍କର୍ମ ଓ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ ଦେଇଥିଲେ ହେଁ,ପୋଲିସ ତାଙ୍କ ଅଭିଯୋଗକୁ ଗ୍ରହଣ କରିନଥିଲା କିମ୍ବା ତାଙ୍କ ଅଭିଯୋଗ ଅନୁସାରେ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିନଥିଲା । ଏହାପରେ ପୋଲିସ ଗତ ଜୁଲାଇ ୭ ତାରିଖରେ ଘଟଣାରେ ଜଣକୁ ଗିରଫ କରି ତାକୁ ସୁହାଇଲାଭଳି ମାମଲା ରୁଜ୍ଜୁ କରି ଜେଲକୁ ପଠାଇଛି । ଘଟଣାର ଅନ୍ୟ ଦୋଷୀମାନେ ପ୍ରଭାବଶାଳୀ ଏବଂ ଅର୍ଥିକ ଭାବରେ ସ୍ୱଚ୍ଛଳ ହୋଇଥିବାରୁ ସେମାନଙ୍କୁ ବଂଚାଇବାକୁ ପୋଲିସ ଚେଷ୍ଟା କରିଛି ବୋଲି ଅଭିଯୋଗ କରିଛନ୍ତି । ମୃତ କବିତା କହଁରଙ୍କ ପରିବାର ଲୋକେ ଗରିବ ଓ ଅଶିକ୍ଷିତ ହୋଇଥିବାରୁ ପୋଲିସ ସେମାନଙ୍କ ଘରକୁ ଯାଇ ସେମାନଙ୍କୁ ବିଭିନ୍ନ ପ୍ରକାରର ଆଇନର ଭୟ ଦେକାଉଛି ବୋଲି ଅଭିଯୋଗ କରିଛନ୍ତି । ତେଣୁ ମାମଲାକୁ ମାମଲାର ତଦନ୍ତ ଭାର ସିବିଆଇ କୁ ଦେଲେ ଘଟଣାର ନିରପେକ୍ଷ ତଦନ୍ତ ହେବା ସହିତ ପ୍ରକୃତ ଦୋଷୀମାନେ ଦଣ୍ଡ ପାଇବ ଓ କବିତାଙ୍କ ପରିବାର ଲୋକେ ସଠିକ ନ୍ୟାୟ ପାଇବେ ବୋଲି ଦାବୀ କରିଛନ୍ତି,ଯଶୋଦା କହଁର,ଗୀତାଞ୍ଜଳି କହଁର,ଆରତୀ କହଁର,କୌଶଲ୍ୟା କହଁର,ରୀନା ବେହେରା,କ୍ଲେଶୀ ବେହେରା, ତୃଷ୍ଣା କହଁର,ପ୍ରଭାତୀ ମଲ୍ଲିକ ଏବଂ ରଶ୍ମିତା କହଁରଙ୍କ ସମେତ ଶତାଧିକ ମହିଳା । ଏହି ଦାବୀ ପତ୍ରର ନକଲ ସେମାନେ ରାଜ୍ୟ ପୋଲିସ ମହାନିର୍ଦ୍ଦେକ,ମାନବାଧିକାର କମିଶନ ଓ ମହିଳା କମିଶନଙ୍କ ନିକଟକୁ ମଧ୍ୟ ପଠାଇଥିବା ଜଣାପଡିଛି ।

# ସାହି ସମସ୍ୟାକୁ ନେଇ ସାହିଗଳି ବୁଲିବ ଆପ ଦଳ

ପୁରୀ,୧୩ ସେପ୍ଟେମ୍ବର(ହି ସ) - ଓଡ଼ିଶାର ପୁରାତନ ପୁରୀ ମୁନିସିପାଲଟି । ଗତ ୪ବର୍ଷ ହେଲାଣି ପୌରସଂସ୍ଥା ଭଙ୍ଗିବା ଯୋଗୁଁ କାଉନସିଲର ମାନଙ୍କ କ୍ଷମତା ଅପସରି ଯାଇଛି । ସାହିର ସମସ୍ୟାକୁ ନେଇ ଲୋକ ଅଭିଯୋଗ କରିବାକୁ ଅଭିଯୋଗ ଶୁଣିବା ପାଇଁ ସାହିରେ କେହି ନାହାନ୍ତି । ଯାହାଫଳରେ ସାହିର ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନାହିଁ । ଏହାକୁ ଦୃଷ୍ଟିରେ ରଖି ଆମ ଆଦମୀ ପାର୍ଟି (ଆପ) ଆସନ୍ତାକାଲି ବୁଧବାର ଠାରୁ ସାହି ସାହି ବୁଲିବା ସହ ମିଶନ ମୁନିସିପାଲଟି କାର୍ଯ୍ୟକ୍ରମ ଆରମ୍ଭ କରିବ । ପାର୍ଟିର କର୍ମକର୍ତାମାନେ ପ୍ରତି ୱାର୍ଡ଼ର ସୁବିଧା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ । ଆପର କାର୍ଯ୍ୟକର୍ତା ଅନିଲ କୁମାର ସେନାପତିଙ୍କ ନେତୃତ୍ୱରେ ପ୍ରତି ୱାର୍ଡ଼ ବୁଲିବା କାର୍ଯ୍ୟ ଆରମ୍ଭ ହେବ । ୱାର୍ଡ଼ର ସମସ୍ୟା ସମ୍ପର୍କରେ ମୋବାଇଲ ନମ୍ବର ୯୫୫୬୪୫୭୬୬୬ ରେ ଯୋଗାଯୋଗ କରି ପାରିବେ ବୋଲି ଆପ ପ୍ରେସ ରିଲିଜରେ ଜଣାଇଛନ୍ତି ।

# ଗଛର ସୁରକ୍ଷା ପାଇଁ ଛାତ୍ର ଛାତ୍ରୀ ତଥା ଅଧ୍ୟାପକ ନେଲେ ଶପଥ ପାଠ : ବୃକ୍ଷ ବନ୍ଧୁ କାର୍ଯ୍ୟକ୍ରମ

ବଲାଙ୍ଗିର,୧୪/୦୯ (ନି.ପ୍ର): ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକର ପଂଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଘୁନସର ଠାରେ କଲେଜ ଅଧ୍ୟକ୍ଷ ଶୁବେନ୍ଦୁ ବିକାଶ କୁମ୍ଭାରଙ୍କ ସଭାପତିତ୍ୱରେ ଓ ପ୍ରକୃତିବନ୍ଧୁ ଶିକ୍ଷକ ତଥା ରେଡକ୍ରସ କର୍ମୀ ରାମ ନାରାୟଣ ଦାଶଙ୍କ ସଂଯୋଜନାରେ ବୃକ୍ଷବନ୍ଧୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଘୁନସର ସରପଂଚ ଅନୁରାଧା ସେଠ ଯୋଗ ଦେଇଥିଲେ । ଡେଙ୍ଗ ବିଦ୍ୟାଳୟର ଇକୋ କ୍ଲବ ଅମରାବତି ଓ ରେଡକ୍ରସର ମିଳିତ ଆନୁକୁଲ୍ୟ କାର୍ଯ୍ୟକ୍ରମରେ କଲେଜ ର ଛାତ୍ର ଛାତ୍ରୀ ଓ ଅଧ୍ୟାପକ ଗଛ ର ସୁରକ୍ଷା ପ୍ରତି ଧ୍ୟାନ ଦେବା ସହ ବୃକ୍ଷ ରୋପଣ କରି ସୁନ୍ଦର ପରିବେଶ ସୃଷ୍ଟି କରିବା ପାଇଁ ଶପଥ ପାଠ କରିଥିଲେ । ପ୍ରତ୍ୟେକ ଛାତ୍ର ଛାତ୍ରୀ ଗୋଟିଏ ଲେଖାଏଁ ଗଛ ଲଗାଇ ତାହାର ଯତ୍ନ ନେବାକୁ ଅତିଥିମାନେ ଆହ୍ୱାନ କରିଥିଲେ । ଏହି ଅବସରରେ ୨୦୦ ରୁ ଅଧିକ ପିଜୁଳି, ଆମ୍ବ, ବର, ନିମ୍ବ, ପଣସ ଆଦି ଗଛ କଲେଜ ପରିସରରେ ଲଗାଯାଇଥିଲା ।

# କୋଟଗଡ଼ ଥାନା ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆଣିଲେ ଗୃହରକ୍ଷୀ

କନ୍ଧମାଳ,୧୪/୦୯ (ନି.ପ୍ର): କନ୍ଧମାଳରେ ପୁଲିସ ବିଭାଗରେ ବିଚିତ୍ର ସ୍ଥିତି। ପୁଲିସ ମାଡ ମାରୁଛି ପୁଲିସ କର୍ମଚାରୀଙ୍କୁ। କୋଟଗଡ ଥାନା ଅଧିକାରୀ ଧିରଜ ଲେଙ୍କା ସେହି ଥାନାରେ କାର୍ଯ୍ୟରତ ଜଣେ ଗୃହରକ୍ଷୀକୁ ପ୍ରବଳ ମାଡ ମାରିଛନ୍ତି । ଆହତ ଗୃହରକ୍ଷୀ ଫୁଲବାଣୀ ଆସି ଏସପି ବିନିତ୍ ଅଗ୍ରୱାଲଙ୍କୁ ଗତକାଲି ସନ୍ଧ୍ୟାରେ ସାକ୍ଷାତ କରି ଗୁହାରି କରିଛନ୍ତି । ତଦନ୍ତ ପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଏସପି । ଡିଏସପି (ଏଚଆରପିସି )ଙ୍କ ମାଧ୍ୟମରେ ଅଭିଯୋଗ ଦାଖଲ କରିଛନ୍ତି ପୀଡିତ ହୋମଗାର୍ଡ କବିଚନ୍ଦ୍ର ନାୟକ। ଅଭିଯୋଗ ଅନୁଯାୟୀ, ହୋମଗାର୍ଡ କବିଚନ୍ଦ୍ର ୨୦୦୬ ମସିହାରୁ ହୋମଗାର୍ଡ ଭାବେ ଦିର୍ଘ ୧୬ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି । ତେବେ ଚଳିତ ମାସ ଆଠ ତାରିଖ ଦିନ ଥାନାକୁ ଯାଇଥିବା ବେଳେ କୋଟଗଡ ଥାନା ଅଧିକାରୀ ଧୀରଜ ଲେଙ୍କା ତାଙ୍କୁ ଗାଳିଗୁଲଜ କରିବା ସହିତ ଲାଠିରେ ପ୍ରବଳ ମାଡ ମାରିଥିଲେ। ମିଛ କହି ଗୋଡ ଛୋଟା ହୋଇଛି କହି ଠକୁଛୁ ବୋଲି କହିଥିଲେ। ହାଜତରେ ପୁରାଇବାକୁ ମଧ୍ୟ ଉପସ୍ଥିତ ଥିବା ଏଏସଆଇ ଓ ଅନ୍ୟ କର୍ମଚାରୀଙ୍କୁ କହିଥିଲେ। ଏପରିକି ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ପରେ ପରେ ଘରକୁ ଆସିବା ସହିତ ମୁଁ ଛୁଟିରେ ଚାଲିଆସିଥିଲି ବୋଲି କହିଛନ୍ତି ପୀଡିତ ହୋମଗାର୍ଡ । ଏହା ସହିତ ଥାନା ଅଧିକାରୀ ଶ୍ରୀ ଲେଙ୍କା ସାଧାରଣ ଲୋକଙ୍କୁ ମଧ୍ୟ ଅତ୍ୟନ୍ତ ଅମାନୁଷିକ ଭାବେ ମାଡ ମାରୁଛନ୍ତି ବୋଲି ଗୁରୁତର ଅଭିଯୋଗ କରିଛନ୍ତି ପୀଡିତ ହୋମଗାର୍ଡ । ଏପରିକି ନ୍ୟାୟ ନ ମିଳିଲେ ଥାନା ଆଗରେ ଆତ୍ମହତ୍ୟା କରିବି ବୋଲି କହିଛନ୍ତି। ଏଥିସହିତ ମାଡ ଖାଇବା ପରେ ଅତ୍ୟନ୍ତ ମାନସିକ ଅବସାଦରେ ରହିଛି ବୋଲି ସେ କହିଛନ୍ତି । ଏନେଇ ହୋମଗାର୍ଡ ସଂଘ ସମେତ ରାଜ୍ୟ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ମଧ୍ୟ ସେ ଲିଖିତ ଭାବେ ଜଣାଇଛନ୍ତି। ଏଚଆରପିସି ଡିଏସପିଙ୍କ ମାଧ୍ୟମରେ ଏସପିଙ୍କୁ ଭେଟିବା ପରେ ତଦନ୍ତ କରାଯାଇ ନିର୍ଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଏସପି ବିନିତ୍ ଅଗ୍ରୱାଲ। ତେବେ କିଛିଦିନ ତଳେ ଥାନାଧିକାରୀଙ୍କ ନିର୍ଯ୍ୟାତନାର ଶିକାର ମହିଳା ଏସଆଇ ଜଣକ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ତେବେ ଏ ନେଇ କୋଟଗଡ଼ ଥାନା ଅଧିକାରୀ କିମ୍ବା ଏସପିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ସେ ଯାହାହେଉ ନିରପେକ୍ଷ ତଦନ୍ତ ପରେ ହିଁ ଘଟଣାର କେତେ ସତ୍ୟତା ରହିଛି ତାହା ଜଣାପଡିବ।

## ଶତାୟୁଙ୍କ ପରଲୋକ

ବଲାଙ୍ଗୀର,୧୪/୦୯ (ନି.ପ୍ର): ମହର୍ଷି ବୁଦ୍ଧରାମ ମହାବିଦ୍ୟାଳୟ, ମେଣ୍ଡାର ପରିଚାଳନା କମିଟିର ପୂର୍ବତନ ସଭାପତି ଶିବପ୍ରସାଦ ପର୍ଡ଼ିଆଙ୍କର ୧୦୨ ବର୍ଷ ବୟସରେ ତାଙ୍କ ମେଣ୍ଡା ପର୍ଡ଼ିଆପଡା ବାସଭବନରେ ଆଜି ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ମେଣ୍ଡା ଅନ୍ଚଳରେ ଶୋକର ଛାୟା ଖେଳିଯାଇଛି । କଲେଜର ପ୍ରତିଷ୍ଠାରେ ତାଙ୍କର ବିଶେଷ ଯୋଗଦାନ ରହିବା ସହ ସେ କଲେଜକୁ ଆବଶ୍ୟକ ଜମି ଦାନ କରିଥିଲେ । ଦୀର୍ଘଦିନ ହେବ ସେ ଅସୁସ୍ଥ ଥିଲେ । ଆଜି ଦିନ ୧ଟାରେ ତାଙ୍କର ଦେହାନ୍ତ ହୋଇଯାଇଛି ।

# କୁଡାସିଂହା ପଂଚାୟତଠାରେ ନୂଆଁଖାଇ ଜୁହାର ଭେଟ୍ କାର୍ଯ୍ୟକ୍ରମ

ବଲାଙ୍ଗୀର,୧୪/୦୯ (ନି.ପ୍ର): ଆଜି ବଲାଙ୍ଗୀର ସଦର ବ୍ଲକ କୁଡାସିଂହା ପଂଚାୟତ ଠାରେ ନୂଆଁଖାଇ ଜୁହର ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ରାଜ୍ୟସଭା ସାଂସଦ ନିରଂଜନ ବିଶି ଯୋଗ ଦେଇ ଗ୍ରାମବାସୀଙ୍କ ସହ ଗାଁ ର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଗାଁ ର ବୁଢ଼ାଡଙ୍କର ପାହାଡକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ରାଜ୍ୟ ସଭା ସାଂସଦଙ୍କୁ ଅନୁରୋଧ କରାଯାଇଥିଲା । ଶିକ୍ଷାର ଉନ୍ନତି ପାଇଁ କୁଡାସିଂହା ଗାଁ ରେ ଏକ + ୩ କଲେଜ ସ୍ଥାପନ କରିବା ପାଇଁ ଶ୍ରୀ ବିଶି ପ୍ରତିଶୃତି ଦେଇଛନ୍ତି । ଏଥିସହ କୁଡାସିଂହା ଚିକଲବାହାଲ ରାସ୍ତାର ଉନ୍ନତିକରଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ରାଜ୍ୟ ସଭା ସଂସଦଙ୍କୁ ଅନୁରୋଧ କରାଯାଇଥିଲା । ଏହି ନୂଆଁଖାଇ ଜୁହାରଭେଟ୍ କାର୍ଯ୍ୟକ୍ରମରେ ବଲାଙ୍ଗୀର ମୁନିସିପାଲିଟି ପୌରାଧକ୍ଷା ଲିକା ସାହୁ, ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ, ବଲାଙ୍ଗୀର ସଦର ବ୍ଲକ ଅଧକ୍ଷା ସରିତା ବାଗ, କୁଡାସିଂହା ପଂଚାୟତର ସରପଂଚ ଜ୍ୟୋସ୍ନାରାଣୀ ସାହୁ, ବୁଢ଼ାଡଙ୍କର କଲେଜର ଅଧକ୍ଷ ଛବିଳ ବଗର୍ତି, ଅକ୍ଷୟ କୁମାର ଚୌଧୁରୀ, କୁଡାସିଂହା ଗାଁ ର ଗୌନ୍ତିଆ ଉମାକାନ୍ତ ଝାଙ୍କର, କୁଡାସିଂହା ସମିତି ସଭ୍ୟ କାମିନୀ ପଟେଲ, ଗୋଲାପ ବାଗ ଓ ନିମାଇଁ ଝାଙ୍କର ପ୍ରମୁଖ ଯୋଗ ଦେଇ କୁଡାସିଂହା ଗାଁ ର ଲୋକଙ୍କ ବିଭିନ୍ନ ମୌଳିକ ସମସ୍ୟା ଓ ଏହାର ସମାଧାନ ପାଇଁ ସମସ୍ତଙ୍କ ସହଯୋଗ କମନା କରିଥିଲେ ।

# ଅହିଂସା ରଥକୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି,୧୪/୦୯ (ନି.ପ୍ର): ସ୍ଥାନୀୟ ସଂସ୍କୃତି ଭବନ ଠାରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତି ଅବସରରେ ସାରା ଓଡ଼ିଶାରେ ପରିକ୍ରମା କରୁଥିବା ଅହିଂସା ରଥକୁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ରଥ ଦୁଇଟି ଗତ ଦୁଇ ଦିନ ଧରି ମାଲକାନଗିରି ଜିଲ୍ଲାର ସମସ୍ତ ବ୍ଲକ, ତହସିଲ ତଥା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସବୁ ପରିକ୍ରମା କରି, ଶେଷରେ ଗତକାଲି ରାତି ୯ ଟା ରେ ମାଲକାନଗିରି ପହଂଚିବା ପରେ, ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କ ମୂର୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଉତ୍ସବର ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ସ୍ୱାଧୀନତାର ୭୫ ବର୍ଷ ପୂର୍ତି ଅବସରରେ ଆମ ଜିଲ୍ଲାର ଅମର ଶହୀଦ ତାମା ଦୋରାଙ୍କ ସ୍ମୃତି ଚାରଣ କରିବା ସହିତ ଦେଶର ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥି ସହିତ ବର୍ତମାନ ନାନା ସମସ୍ୟା ଦେଇ ଗତି କରୁଥିବା ବିଶ୍ୱରେ ଶାନ୍ତିର ମହତ୍ୱ, ଦେଶର ବିଭିନ୍ନ ଉପଲବ୍ଧି ଓ ଉନ୍ନୟନ ବିଷୟରେ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ପରେ ମାଲକାନଗିରି ଏବଂ ବାଲିମେଳାର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ମାନେ ଓଡ଼ିଶୀ ନୃତ୍ୟ ଏବଂ ଦେଶାତ୍ମବୋଧକ ସଙ୍ଗୀତ ଉପରେ ଆଧାରିତ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହା ପରେ ଅହିଂସା ରଥର କର୍ମଚାରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ମଂଚରେ ଅନ୍ୟ ମାନଙ୍କ ମଧ୍ୟରେ ଥିଲେ,'' ଅହିଂସା ରଥ'' ଓଡ଼ିଶା କୋଅର୍ଡିନେଟର ତପେଶ୍ୱର ଜଗତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ଅଧ୍ୟାପକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ, ଶିବ ପ୍ରସାଦ କିର୍ତନୀୟା ଏବଂ ସମାଜସେବୀ ବିନାଶ କୁମାର ମିଶ୍ର ମଂଚ ପରିଚାଳନା କରିଥିଲେ।

# ବିପଦରେ ପୁରୀ ସମୁଦ୍ରକୂଳ ରାସ୍ତା

ପୁରୀ,୧୪/୦୯ (ନି.ପ୍ର): କିଛିଦିନ ଧରି ଲଗାଣ ବର୍ଷା ଓ ମଙ୍ଗଳା ନଦୀରେ ପାଣି ବଢୁଥିବାରୁ ପୁରୀ ସମୁଦ୍ରକୂଳ ରାସ୍ତା ପ୍ରତି ବିପଦ ଦେଖା ଦେଇଛି । ମଙ୍ଗଳା ନଦୀ ମୁହାଣ ୟୁ ଟର୍ଣ୍ଣ କରୁଥିବାରୁ ସ୍ୱର୍ଗଦ୍ୱାର ଅଞ୍ଚଳରେ ସମୁଦ୍ର ଢେଉ ଅଧିକ ମାଡ଼ ହେଉଛି । ଯାହାଫଳରେ ରାସ୍ତାର ପାଚେରି ପ୍ରତି ବିପଦ ହେବା ସହ ବାଲି ଖସିବା ଯୋଗୁ ରାସ୍ତା ଭୁଶୁଡ଼ିବା ଆଶଙ୍କା ଦେଖାଯାଇଛି । ଚାରିୟଟ ହୋଟେଲ ନିକଟରେ ଯାଇଥିବା ନୂଆ ରାସ୍ତା ଉଚ୍ଚମାନ ଢେଉ ମାଡ଼ ହେବା ଅଞ୍ଚଳ ହେଉଥିବାରୁ ନୂଆ ରସ୍ତା ପ୍ରତି ବିପଦ ଦେଖାଯାଇଛି । ବଡ଼ ବଡ଼ ପ୍ରତିଷ୍ଠିତ ହୋଟେଲ ଏହି ରାସ୍ତାର ପାର୍ଶ୍ୱରେ ନୂତନ ଭାବେ ଗଢି ଉଠିଥିବାରୁ ସେହି ହୋଟେଲର ଚାପ ପଡ଼ି ରାସ୍ତା ଫାଟୁଥିବା ଦେଖାଦେଇଛି । ଅଧିକ ଓଜନର ହୋଟେଲ ଚାପରେ ବାଲି ଆସ୍ତେ ଆସ୍ତେ ଝରେଇ ସମୁଦ୍ର ପଟକୁ ଖସୁଥିବା ଅଭିଜ୍ଞ ବ୍ୟକ୍ତିମାନେ କହୁଛନ୍ତି । ସମୁଦ୍ରକୂଳ ରାସ୍ତା ନାମରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସରକାର କା ମାଲ ଦରିଆ ମେଁ ଡ଼ାଲ ଅବସ୍ଥା ସୃଷ୍ଟି ହୋଇଛି ।

# ଶିକ୍ଷକ ଓ ଭିତିଭୂମିର ଅଭାବ ପୂରଣ ଦାବିରେ ସାଧାରଣ ପରିଚାଳକ କୋଲାବ ଜଳ ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟାଳୟ ଘେରାଉ

ଜୟପୁର,୧୪/୦୯ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ବାରିଣିପୁଟ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ଆଜି ରାଜରାସ୍ତାକୁ ଓହ୍ଲାଇଛନ୍ତି । ଏନେଇ ସମସ୍ତ ଛାତ୍ରଛାତ୍ରୀ ଆଜି ବରିଷ୍ଠ ସାଧାରଣ ପରିଚାଳକ କୋଲାବ ଜଳ ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟାଳୟକୁ ଘେରାଉ କରି ତାଲା ମାରିଥିଲେ। ଛାତ୍ରଛାତ୍ରୀ ମାନେ ଏକତ୍ରିତ ହୋଇ ସ୍କୁଲ ବ୍ୟାଗ ଧରି କୋଲାବ ଜଳ ବିଦ୍ୟୁତ ପ୍ରକଳ୍ପ କାଯ୍ୟାଳୟ ଅଧିନରେ ବିଦ୍ୟାଳୟ ରହିଥିବାରୁ କାଯ୍ୟାଳୟକୁ ଘେରାଉ କରିଥିଲେ।

ଛାତ୍ର ଛାତ୍ରୀଙ୍କ କହିବାନୁଯାୟୀ, ବିଦ୍ୟାଳୟରେ ଶିକ୍ଷକ ସହ ଭିତିଭୂମିର ଅଭାବ ରହିଛି । ଏଠାରେ ଷଷ୍ଠ ଠାରୁ ଦଶମ ଶ୍ରେଣି ରହିଥିବା ବେଳେ ୩ ଶହ ଛାତ୍ର ଛାତ୍ରୀ ଅଧୟନ କରୁଛନ୍ତି । ମାତ୍ର ୬ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ଅଛନ୍ତି। ତେଣୁ ପାଠ ପଢାରେ ବାଧା ସୃଷ୍ଟି ହେଉଛି । ତେଣୁ ତୁରନ୍ତ ଶିକ୍ଷକ ନିଯୁକ୍ତି କରାଯିବା ଦାବିରେ କୋଲାବ ଜଳ ବିଦ୍ୟୁତ ପ୍ରକଳ୍ପ କାଯ୍ୟାଳୟକୁ ଘେରାଇ କରିଥିଲେ । ଶିକ୍ଷକ ନିଯୁକ୍ତି, ମଧ୍ୟାହ୍ନ ଭୋଜନ ଲାଗୁ କରିବା ସହ ବିଦ୍ୟାଳୟରେ ପାଚେରି ନିର୍ମାଣ, ଅଡିଟୋରିୟମ ମରାମତି, ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଓ ଖେଳ ସାମଗ୍ରୀ ଯୋଗାଇବା, ନୂତନ ଟେବୁଲ ବେଂଚ ଯୋଗାଇବା, ପାଇଖାନା ମରାମତି କରିବା, ଫ୍ୟାନ ଲାଇଟ ନାହିଁ ଆଦି ଦାବିରେ ବିକ୍ଷୋଭ କରିଛନ୍ତି । ଖେଳ ସାମଗ୍ରୀ ନାହିଁ, ବାଥ ରୁମ ନାହିଁ ୩ ବର୍ଷ ହେବ ପାଠ ପଢାରେ ବାଧା ସୃଷ୍ଟି ହୋଇଛି । ଲାଇବ୍ରେରି ନାହିଁ ସେଥି ଯୋଗୁଁ ସମସ୍ତ ଦାବି ପୁରଣ ନେଇ ଛାତ୍ର ଛାତ୍ରୀ ଘେରାଉ କରିଥିଲେ । ବିଭାଗୀୟ ଅଧିକାରି ବରିଷ୍ଠ ସାଧାରଣ ପରିଚାଳକ କୋଲାବ ଜଳ ବିଦ୍ୟୁତ ପ୍ରକଳ୍ପ କମଳା କାନ୍ତ ପାତ୍ର ପହଂଚି ତୁରନ୍ତ ୩ ଜଣ ଶିକ୍ଷକ ନିଯୁକ୍ତି ହେବ ବୋଲି ପ୍ରତିଶୃତି ଦେବାରୁ ବିକ୍ଷୋଭରୁ ଛାତ୍ର ଛାତ୍ରୀ ମାନେ ଓହରିଥିଲେ ।

# ବର୍ଷେ ହେଲା ରାସନ ସାମଗ୍ରୀରୁ ବଂଚିତ ଅନ୍ତୋଦୟ ହିତାଧିକାରୀ

ଧର୍ମଶାଳା,୧୪/୦୯ (ନି.ପ୍ର): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ବଡ କାଏମା ପଂଚାୟତରେ ଦୁଇ ଜଣ ଆନ୍ତୋଦୟ ହିତାଧିକାରୀ ଗତ ବର୍ଷେ ହେଲା ରାସନ ସାମଗ୍ରୀ ପାଇବାରୁ ବଂଚିତ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଅରଖପଦା ଗ୍ରାମର ଉର୍ମିଳା ସାହୁ ଓ କୁନି ସାହୁ। ଉର୍ମିଳାଙ୍କ ସ୍ୱାମୀ ଜଣେ ଦିବ୍ୟାଙ୍ଗ। କୁନି ବିଧବା ମହିଳା। ପୂର୍ବରୁ ଏହି ଯୋଜନାରେ ଉଭୟ ୩୫ କେଜି ଲେଖାଏଁ ଚାଉଳ ପାଉଥିବା ବେଳେ ୨୦୧୫ ଅକ୍ଟୋବରରେ ନୂଆ କାର୍ଡ ପ୍ରଦାନ କରାଯାଇଥିଲା। ଉର୍ମିଳାଙ୍କ ପରିବାର ସଦସ୍ୟ ୬ ଥିବା ବେଳେ କୁନିଙ୍କର ଦୁଇ ଜଣ ସଦସ୍ୟ ହିସାବରେ ଚାଉଳ ପାଉଥିଲେ। ହେଲେ ଗତ ବର୍ଷେ ହେଲା ଚାଉଳ ମିଳୁ ନାହିଁ। ନଭେମ୍ବର ୨୦୨୧ରେ ସେମାନଙ୍କୁ ଶେଷ ଥର ପାଇଁ ଚାଉଳ ମିଳିଥିଲା। ଏହାପରେ ସେମାନଙ୍କୁ ଆଉ ଚାଉଳ ମିଳି ନଥିଲା। ରିଟେଲରଙ୍କୁ ପଚାରିଲେ ତାଙ୍କ ନାମ ସରକାରୀ ତାଲିକାରୁ କଟି ଯାଇଥିବା କହିଛନ୍ତି। ଏନେଇ ଯୋଗାଣ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସେ କର୍ଣ୍ଣପାତ କରୁ ନାହାନ୍ତି। ତେବେ କେଉଁ କାରଣ ପାଇଁ ଏମାନଙ୍କୁ ଏଥିରୁ ବଂଚିତ କରାଯାଇଛି ତାହା ପ୍ରଶାସନ କାଟିବା ପୂର୍ବରୁ ସ୍ୱଷ୍ଟ ନକରି ସେମାନଙ୍କୁ ଚାଉଳରୁ ବଂଚିତ କରିବାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପଂଚାୟତରେ ଅନେକ ଅଯୋଗ୍ୟ ହିତାଧିକାରୀ ଯୋଜନାରେ ସାମିଲ ଥିବା ସ୍ଥଳେ ଏହି ଦୁଇ ଯୋଗ୍ୟ ମହିଳାଙ୍କୁ ବାଦ୍ ଦିଆଯିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଚଳିତ ମାସ ୧୭ ତାରିଖରେ ବେଳାଭୂମି ସଫେଇ କାର୍ଯ୍ୟକ୍ରମ

ପୁରୀ,୧୪/୦୯ (ନି.ପ୍ର): ପୁରୀ ସମୁଦ୍ର ବେଳାଭୂମିରେ ଚଳିତ ମାସ ୧୭ ତାରିଖ ସକାଳ ୭ଟା ସମୟରେ ସଫେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଜିଲ୍ଲା ପ୍ରଶାସନ, ଓଏସଏପି ୬ ବାଟାଲିୟନ, ପୁରୀ ପୌରପାଳିକା, ଏନସିସି କ୍ୟାଡେଟ ଓ ଜନସାଧାରଣଙ୍କ ମିଳିତ ସହଯୋଗରେ ଏହି ସଫେଇ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପାରସ୍ପରିକ ସହଯୋଗ ଓ ସମନ୍ୱୟରେ ଏହି ମହତ କାର୍ଯ୍ୟକୁ ସଫଳ କରିବାକୁ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ। ବିଷଦ ଆଲୋଚନା ପରେ ସ୍ଥିର ହୋଇଥିଲା ଯେ, ୧୭ ତାରିଖ ପୂର୍ବାହ୍ନ ୬ଟା ୩୦ ମିନିଟ ସମୟରେ ସିଂହଦ୍ୱାର ଠାରୁ ଏକ ସଚେତନତା ସାଇକେଲ ଶୋଭାଯାତ୍ରା ଲାଇଟ ହାଉସ ପର୍ଯ୍ୟନ୍ତ ଆସିବ। ଓଏସଏପି ପକ୍ଷରୁ ଷ୍ଟାଲିନ ପଏଂଟ ଠାରୁ ଲାଇଟ ହାଉସ ପର୍ଯ୍ୟନ୍ତ ବେଳାଭୂମି ପରିଷ୍କାର କରି ଓ ପୁରୀ ପୌରପାଳିକା, ଏନସିସି କ୍ୟାଡେଟ, ବିଭିନ୍ନ ବ୍ୟବସାୟୀ, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ, ସାଧାରଣ ବ୍ୟକ୍ତି ବିଶେଷ ଦିଗବାରେଣୀ ଠାରୁ ଲାଇଟ ହାଉସ ପର୍ଯ୍ୟନ୍ତ ବେଳାଭୂମିକୁ ପରିଷ୍କାର କରି ଲାଇଟ ହାଉସ ଠାରେ ଏକତ୍ରିତ ହେବେ। ଲାଇଟ ହାଉସ ଠାରେ ସଚେତନତା କାର୍ଯ୍ୟକ୍ରମରେ ଅତିଥି ମାନେ ଉପସ୍ଥିତ ରହି ବେଳାଭୂମି ସଫେଇରେ ଯୋଗ ଦେବେ। ସେଠାରେ ବାଲୁକା କଳା ମାଧ୍ୟମରେ ସଚେତନତାର ବାର୍ତା ଦିଆଯିବ ବୋଲି ସ୍ଥିର ହୋଇଛି। ଏହି ବୈଠକରେ ଅତିରିକ୍ତ ଏସପି ମିହିର ପ୍ରସାଦ ପଣ୍ଡା, ପୁରୀ ପୌରପାଳିକାର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ୬ ବାଟାଲିଆନର କମାଣ୍ଡର ପ୍ରସନ୍ନ ପଣ୍ଡା, ମେଜର ରୋହତାଶ, ସୁବେଦାର ନରେଶ କୁମାର, ଏଡିଏମଓ ଡା. ବ୍ରଜ ଶଙ୍କର ରଥ, ଡେପୁଟି କଲେକ୍ଟର ଜିତେନ୍ଦ୍ର କୁମାର ପାତ୍ର, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଚନ୍ଦନ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଫୁଲବାଣୀର ଅନନ୍ୟ ପ୍ରତିଭା, ସାହିତ୍ୟିକ, ଡ.ନୃହିଂହାନନ୍ଦ ମହାପାତ୍ର ସମ୍ମାନୀତ

କନ୍ଧମାଳ,୧୪/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା ତଥା ରାଜ୍ୟର ଜଣେ ଜଣାଶୁଣା ସାରସ୍ୱତ ସାଧକ ତଥା ସାହିତ୍ୟିକ ଡ.ନୃହିସହାନନ୍ଦ ମହାପାତ୍ରଙ୍କୁ, ମୟୁରଭଞ୍ଜ ଜିଲ୍ଲା ବଡସାହି ବାଣିପୀଠ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ କରାଯାଇଛି। ବାଣିପୀଠ ମହୋତ୍ସବ ୨୦୨୨ ପାଳନ ଅବସରରେ ଅୟୋଜିତ ଏହି କାର୍ଯ୍ୟକ୍ରମରେ ତାଙ୍କୁ "ବାଣୀପ୍ରଜ୍ଞା" ସମ୍ମାନରେ ସମ୍ମାନୀତ କରାଯାଇଛି । ଡ.ମହାପାତ୍ରଙ୍କୁ ତାଙ୍କର ସାମଗ୍ରୀକ ସାହିତ୍ୟ ସାଧନା ଆଧାରରେ ମର୍ଦ୍ଧିତ କରାଯାଇଛି । ଆୟୋଜିତ ଏକ ବର୍ଣ୍ଣାଢ୍ୟ ରାଜ୍ୟ ସ୍ତରୀୟ କବି ଓ ଲେଖକ ସମାବେଶରେ, ପ୍ରଫେସର ଯନ୍ତ୍ରଣା ପରୀକ୍ଷିତ, ପ୍ରଫେସର ହୀରାଲାଲ ଦାସ, ଅଧ୍ୟାପକ ସୁବାସଚନ୍ଦ୍ର ନାୟକ, ଡ.ସତ୍ୟନାରାୟଣ ପଣ୍ଡା, ଅସିତ କୁମାର ପାତ୍ର, ଶରତଚନ୍ଦ୍ର ନାୟକ, ସର୍ବେଶ୍ୱର ଜେନା, ଡ.ବିଜୟଚନ୍ଦ୍ର ମହାରଣା,ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ବଡସାହି ନିର୍ବାଚନ ମଣ୍ଡଳିର ବିଧାୟକ ସନାତନ ବିଜୁଳି, ସୁବାସିନି ଜେନା, ସୂର୍ଯ୍ୟମଣି ବେହେରା, ସୁବାସଚନ୍ଦ୍ର ପାତ୍ର, ଲକ୍ଷ୍ମୀଧର ଦାସ, ପଦ୍ମନାଭ ସାହୁ,ସରୋଜିନୀ ରଥ ଓ ଡ.ଲକ୍ଷ୍ମଣ ସାହୁ ପ୍ରମୁଖ ଯୋଗ ଦେଇ ଡ.ମହାପାତ୍ରଙ୍କୁ ତାଙ୍କର ପ୍ରଗାଢ ସାହିତ୍ୟ ସାଧନା ପାଇଁ ଏହି ସମ୍ମାନରେ ସମ୍ମନୀତ କରିବା ସହିତ ଭୁୟୟସୀ ପ୍ରଶଂସା କରିଥିଲେ ।

# ଥକ୍କାପଣକୁ ଦୂରେଇବାର ସରଳ ଉପାୟ

**ସାମାନ୍ୟ କାମ କରି ଥକ୍କା ଲାଗିଲେ କିମ୍ବା କୌଣସି କାମ କରିବାକୁ ଆଗ୍ରହ ନ ଆସିଲେ, ବିଶେଷଜ୍ଞଙ୍କ ପରାମର୍ଶ ନେବା ପୂର୍ବରୁ ନିଜ ଦୈନନ୍ଦିନ ଜୀବନଶୈଳୀରେ ସାମାନ୍ୟ ପରିବର୍ତ୍ତନ କରନ୍ତୁ । ହୋଇପାରେ, ସେହି ନିୟମ ଆପଣଙ୍କୁ ଏକ ସୁସ୍ଥ ଜୀବନଶୈଳୀ ପ୍ରଦାନ କରିବାରେ ସହାୟକ ହେବ ।**

◆ କର୍ମଜୀବୀ ଲୋକେ ଘରୁ କାର୍ଯ୍ୟାଳୟ ଓ ସେହିପରି କାର୍ଯ୍ୟାଳୟରୁ ଘରକୁ ଆସିବାରେ ପୂରା ସପ୍ତାହ ଅତିବାହିତ କରନ୍ତି । ଆଜିକାଲି ତ' ଅଧିକାଂଶ ଲୋକ ଘରୁ ଗୋଡ଼ କାଢ଼ି ଶୀତତାପ ନିୟନ୍ତ୍ରିତ କାରରେ ବସି କାର୍ଯ୍ୟାଳୟରେ ବସି ସନ୍ଧ୍ୟାରେ ବାହାରିଥାନ୍ତି । ଏମାନେ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆଦୌ ଆସିପାରନ୍ତିନାହିଁ । ଯାହା କାରଣରୁ ଭିଟାମିନ ଡି ଅଭାବରେ ଆକ୍ରାନ୍ତ ହେବା ସହ ଖୁବ ଶୀଘ୍ର ଥକ୍କି ମଧ ଯାଇଥାନ୍ତି । ନିକଟରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଭିଟାମିନ ଡିର ଅଭାବ ହେଲେ ମଧ ଶରୀରର ଶକ୍ତି କ୍ରମଶଃ ହ୍ରାସ ପାଇଥାଏ । ଏଣୁ ଦୈନିକ ସକାଳବେଳା ଛାତ ଉପରେ ନଚେତ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ଚଲାବୁଲା କରିବା ଉଚିତ । ପାଶ୍ଚାତ୍ୟ ଥଣ୍ଡା ରାଷ୍ଟ୍ରଗୁଡ଼ିକର ଲୋକେ ଏହି ଭିଟାମିନ ଡି' ଅଭାବରୁ ରକ୍ଷା ପାଇବା ନିମନ୍ତେ ନିୟମିତ ଭାବେ ଡାକ୍ତରଙ୍କ ପରାମର୍ଶରେ



ଭିଟାମିନ ଡି ପୋଷକତତ୍ତ୍ୱ ଥିବା ଔଷଧ ସେବନ କରିଥାନ୍ତି ।

◆ ଏହା ସହ ନିଜ ଖାଦ୍ୟ ଓ ପାନୀୟ ପ୍ରତି ସତର୍କ ରୁହନ୍ତୁ । ଯଦିବା ଆପଣଙ୍କୁ ବାହାର ରେଷ୍ଟୋରାଁ ଖାଦ୍ୟ ପସନ୍ଦ, ତେବେ ପନିପରିବା ତରକାରି ଅର୍ଡର ଦେବାକୁ ପ୍ରାଧାନ୍ୟ ଦେବା ଆବଶ୍ୟକ । ପାଣି ଆବଶ୍ୟକ ପରିମାଣରେ ପିଇବା ଜରୁରୀ, ଯେପରି ଶରୀରରେ ଜଳାଭାବ ସମସ୍ୟା ନଉପୁଜେ ।

◆ ଅଧିକ ମାନସିକ ଚାପରେ ରହିଲେ ମଧ ଯେ କୌଣସି କାମ କରିବାକୁ ଆଗ୍ରହ ଆସିନଥାଏ । ଯେତେ ବଡ଼ ଅସୁବିଧା ପରିସ୍ଥିତିରେ ମଧ ଭାବିବା ଉଚିତ ଯେ ସମୟ ଅନୁସାରେ ସବୁ ଠିକ ହୋଇଯିବ ।

# ଫାଷ୍ଟ ଫ୍ୟାସନ

ଗତ ଏକ ଦଶନ୍ଧିରୁ ଅଧିକ ସମୟ ହେବ ରେଡ଼ିମେଡ଼ ଡ୍ରେସର ଟ୍ରେଣ୍ଡ ଯୋଗୁ ଆମେ ପୁରୁଣା ଷଷ୍ଟାଇଲକୁ ଭୁଲିଗଲେଣି । ପୂବରୁ ଡ୍ରେସ ତିଆରି ପିନ୍ଧିବାର ପ୍ରଚଳନ ଥିଲା । କିନ୍ତୁ ଫ୍ୟାସନ ଦୁନିଆରେ ଷ୍ଟାଇଲ ସମୟ ଅନୁସାରେ ପୁଣି ଫେରିଥାଏ। ପୁଣି ଥରେ କଷ୍ଟମାଇଜଡ ଫ୍ୟାସନ ଟ୍ରେଣ୍ଡ ଫେରୁଛି । ତେଣୁ ଏବେ ଝିଅ ଓ ମହିଳାମାନେ ଡ୍ରେସ ତିଆରି କରି ପିନ୍ଧିବାକୁ ପସନ୍ଦ କରୁଛନ୍ତି । ପୁଣିଥରେ କମ ସମୟ ମଧ୍ୟରେ ରେଡିମେଡ ଫ୍ୟାସନ ଯାହାକୁ ଆମେ ଫାଷ୍ଟ ଫ୍ୟାସନ ବୋଲି କହୁ ତା' ସାମନାରେ କଷ୍ଟମାଇଜଡ଼ ଫ୍ୟାସନ ନିଜର ସ୍ଥାନ ତିଆରି କରିସାରିଲାଣି ।



**ଫାଷ୍ଟ ଫ୍ୟାସନର ଲୋକପ୍ରିୟତା:**

ରେଡିମେଡ ଡ୍ରେସେସକୁ ଫ୍ୟାସନ ଦୁନିଆରେ ଫାଷ୍ଟ ଫ୍ୟାସନ ବୋଲି କୁହାଯାଏ । ଫାଷ୍ଟ ଫ୍ୟାସନକୁ ଡିସପୋଜେବଲ ଫ୍ୟାସନ ମଧ କୁହାଯାଏ । ଏହା ଜରିଆରେ ଦୁନିଆରେ ଥିବା ହିଟ୍ ଡିଜାଇନସବୁ ସାଧାରଣ ଲୋକମାନଙ୍କ ପାଖରେ ପହଞ୍ଚା ଯାଇଥାଏ । ସେଥିପାଇଁ ବଡ଼ ଆକାରରେ ଏହାର ଉତ୍ପାଦନ ମଧ ହୋଇଥାଏ ଓ ଏହାର ଦାମ ଉପରେ ମଧ ଗୁରୁତ୍ୱ ଦିଆଯାଏ । ଏହି କାରଣରୁ ମଡର୍ଣ୍ଣ ଟ୍ରେଣ୍ଡ ଅଧିକାରୁ ଅଧିକ ଲୋକମାନଙ୍କ ପାଖକୁ ଶୀଘ୍ର ପହଞ୍ଚିଥାଏ । ଫାଷ୍ଟ ଫ୍ୟାସନ ବା ପପୁଲାର ଫ୍ୟାସ ଷ୍ଟାଇଲିଶ ଦେଖାଯିବା ପାଇଁ ଏକ ଶସ୍ତା ଓ ସୁନ୍ଦର ବିକଳ୍ପ । ସେଥିପାଇଁ କପଡ଼ାର ଉତ୍ପାଦନ ବେଳେ ବେଳେ ଅଧିକ ହୋଇଯାଏ ଓ ସେଲ ମଧ ହୋଇପାରେ ନାହିଁ ।

**ଫ୍ୟାସନ ଇଣ୍ଡଷ୍ଟ୍ରିରେ ପରିବର୍ତ୍ତନ:**

ଲମ୍ବା ସମୟ ପର୍ଯ୍ୟନ୍ତ ଫାଷ୍ଟ ଫ୍ୟାସନର ଟ୍ରେଣ୍ଡ ଚାଲିବା ପରେ ଏବେ କଷ୍ଟାମାଇଜଡ ବା ସିଲେଇ କରି ଡ୍ରେସ ପିନ୍ଧିବାର ଫ୍ୟାସନ ଫେରୁଛି । ଫାଷ୍ଟ ଫ୍ୟାସ ନ ଦ୍ୱାରା ନଷ୍ଟ ହେଉଥିବା କଫଡ଼ା ବା ସାମଗ୍ରୀକୁ କମ୍ କରିବା ପାଇଁ ଆଜିକାଲି ଫ୍ୟାସନ ଇଣ୍ଡଷ୍ଟ୍ରିରେ କଷ୍ଟମାଇଜଡ଼ ଫ୍ୟାସନର ପ୍ରଚଳନ ବୃଦ୍ଧି ପାଉଛି । ଏବେ ଅନେକ କମ୍ପାନୀ ନିଜ ଗ୍ରାହକମାନଙ୍କୁ ତାଙ୍କର ଆବଶ୍ୟକତା ଅନୁସାରେ ଡ୍ରେସେସ କଷ୍ଟାମାଇଜ କରି ଦେଉଥିବାର ଦେଖାଦେଇଛି । ବର୍ତ୍ତମାନ କଷ୍ଟମାଇଜଡ ପ୍ରିଣ୍ଟେଡ ଟି ସାର୍ଟର ଏବେ ଚାହିଦା ବଢୁଛି । ଏବେ ଅନେକ କମ୍ପାନୀ ଗ୍ରାହକମାନଙ୍କ ପସନ୍ଦ କରୁଛନ୍ତି । ତେଣୁ ପ୍ରାକୃତିକ ସଂଶାଧନର ବରବାଦିକୁ ହ୍ରାସ କରିବା ପାଇଁ ଫ୍ୟାସନ ଇଣ୍ଡଷ୍ଟ୍ରିରେ ଇକୋ ଫ୍ରେଣ୍ଡଲୀ ଓ କଷ୍ଟମର ଫ୍ରେଣ୍ଡଲୀ ଉପାୟକୁ ଫଲୋ କରୁଛନ୍ତି ।

# ଲୋ ବ୍ଲଡ ପ୍ରେସର



ଲୋ ବ୍ଲଡ ପ୍ରେସର ବା ନିମ୍ନ ରକ୍ତ ଚାପ, ଅକ୍ସିଜେନକୁ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିବାକୁ ବାଧା ଦେଇଥାଏ । କେବଳ ଅକ୍ସିଜେନ ନୁହେଁ ଅନ୍ୟ ପୋଷକ ତତ୍ତ୍ୱ ମଧ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ । ବ୍ଲଡ ପ୍ରେସରକୁ ସ୍ୱାସ୍ଥ୍ୟର ଭାଷାରେ ହାଇପୋଟେନସନ କୁହାଯାଏ । ବ୍ଲଡ ପ୍ରେସର କୌଣସି ବେମାରୀ ନୁହେଁ । କିନ୍ତୁ ଶରୀରରେ ସୃଷ୍ଟି ହୋଇଥିବା ଅନ୍ୟ ଗମ୍ଭୀର ବେମାରୀର ସଙ୍କେତ । ଏପରି ସ୍ଥଳେ କାହାରି ଶରୀରରେ ରକ୍ତ ପ୍ରବାହ ସାମାନ୍ୟରୁ ଯଦି କମ୍ ହୋଇଥାଏ ତେବେ ନିମ୍ନ ରକ୍ତିଚାପ ବା ଲୋ-ବ୍ଲଡ ପ୍ରେସର କୁହାଯାଏ । ଏଥିରେ ହୃଦୟ, କିଡନୀ, ଫୁସଫୁସ ଓ ମସ୍ତିଷ୍କ ଆଂଶିକ ଭାବରେ ବା ସମ୍ପୂର୍ଣ୍ଣ ଭାବରେ କାମ କରିବା ମଧ ବନ୍ଦ କରିଦେଇପାରେ । ଯଦି କୌଣସି ଔଷଧ ପାଇଁ ଲୋ ବ୍ଲଡ ପ୍ରେସର ରହୁଛି ତେବେ ଡାକ୍ତରଙ୍କ ପରାମର୍ଶ ନେଇ ସେ ଔଷଧର ପରିମାଣ କମ କରିବା ବା ବନ୍ଦ କରିଦେବା ଉଚିତ । ପୋଷକ ତତ୍ତ୍ୱ ପାଇଁ ଭରପରୁ ଖାଦ୍ୟ ଖାଇବା ଉଚିତ । ଅଲଗା- ଅଲଗା ଫଳ, ପରିବା, ଶସ୍ୟ, କମ ଫ୍ୟାଟ ଥିବା ମାଂସ ଓ ମାଛକୁ ଭୋଜନ କରିବା ଉଚିତ । ଖାଦ୍ୟରୁ ଆଳୁ, ଭାତ ଓ ବ୍ରେଡ ପରି ଅଧିକ କାର୍ବୋହାଇଡ୍ରେଟ ଥିବା ଖାଦ୍ୟ ପଦାର୍ଥର ପ୍ରୟୋଗ କମ କରନ୍ତୁ । ସ୍ମୋକିଂ କରିବା ଅନୁଚିତ, ସକ୍ରିୟ ରହି ଅଧିକ ଝାଳ ବାହାରିକା ପରି କାମ କରିବା ଉଚିତ ନୁହେଁ । ଅଧିକ ଖରାରେ ବାହାରନ୍ତୁ ନାହିଁ ଓ ପର୍ଯ୍ୟାପ୍ତ ମାତ୍ରାରେ ଲୁଣ ଖାଇବା ଉଚିତ ଓ ଅଧିକ ଟେନସନ ନେବା ଉଚିତ ନୁହେଁ । ଏହା ଉପରେ ଗୁରୁତ୍ୱ ଦେଲେ ଲୋ ବିପିରୁ ରକ୍ଷା ପାଇପାରିବେ ।

**ଉପଚାର:** ବ୍ଲଡ ପ୍ରେସର ଲୋ ହେଲେ- ୧ ତୁରନ୍ତ ବସିଯାଆନ୍ତୁ ବା ଶୋଇ ପଡ଼ନ୍ତୁ । ହାତ ମୁଠା ବନ୍ଦ କରନ୍ତୁ ଓ ଖୋଲନ୍ତୁ । ଗୋଡ଼ ହଲାନ୍ତୁ(୨) ଲୁଣ ଓ ଚିନି ମିଶ୍ରିତ ପାଣି ଓ ଚା ପିଅନ୍ତୁ । ଗୋଡ଼ ତଳେ ଦୁଇଟି ତକିଆ ଦେଇ ଶୁଅନ୍ତୁ । (୩) ଯେଉଁ ଲୋକମାନେ ପ୍ରଥମରୁ ଉଚ୍ଚ ରକ୍ତଚାପ ଔଷଧ ଖାଉଛନ୍ତି, ସେମାନେ ଔଷଧ ଖାଉଛନ୍ତି । ସେମାନେ ଔଷଧ ଖାଇବା ବନ୍ଦ କରନ୍ତୁ । (୪) ଅତି କମ୍‌ରେ ଆଠ ଗ୍ଲାସପାଣି ଓ ଜୁସ ଇତ୍ୟାଦି ପ୍ରତ୍ୟେକ ଦିନ ପିଅନ୍ତୁ ।

# ସାଲାଡ ଖାଉଥିଲେ...

**ଖାଦ୍ୟ ବିଶେଷଜ୍ଞଙ୍କ ମତରେ, ନିୟମିତ ଭାବେ ଦ୍ୱିପହର ଓ ରାତ୍ରି ଭୋଜନ ପୂର୍ବରୁ ସାଲାଡ ଖାଇବା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ଅନେକ ବର୍ଷ ପନୂର୍ବେ ଇଉରୋପ ଓ ଆମେରିକାର ଧନିକ ଗୋଷ୍ଠୀର ଲୋକେ ହିଁ ସାଲାଡ ଖାଉଥିଲେ । ସେ ସମୟରେ କେବଳ ଭେଜ ସାଲାଡ ଉପଲବ୍ଧ ଥିଲା । ଆଜିର ସମୟରେ କିନ୍ତୁ ଉଭୟ ଭେଜ, ନନଭେଜ ଓ ଫ୍ରୁଟ୍ ସାଲାଡ୍ ମଧ ମିଳୁଛି । ଗତ ବର୍ଷ ନଭେମ୍ବରରେ ହୋଇଥିବା ଏକ ସର୍ବେକ୍ଷଣ ଅନୁସାରେ, ବିଶ୍ୱର ପ୍ରାୟ ୮୦% ଲୋକ ସାଲାଡ ଖାଇବାର ସଠିକ ପ୍ରଣାଳୀ ଜାଣିନଥିବାର ସ୍ପଷ୍ଟ ହୋଇଛି ।**



ସବୁବେଳେ ସତେଜ କଟା ହୋଇଥିବା ପନିପରିବା ଓ ଫଳର ସାଲାଡ ଖାଇବା ଉଚିତ । ରେଷ୍ଟୋରାଁରେ ସାଲାଡ ବରାଦ କରୁଥିଲେ, ତାହା ସତେଜ କି ନୁହେଁ, ତାହା ପରଖିନେବା ଜରୁରୀ । ପୂର୍ବରୁ ସାଲାଡ କାଟି କରି ରଖାଗଲେ, ତାହାର ପୋଷକତତ୍ତ୍ୱ ନାଷ୍ଟ ହୋଇଯାଏ । ଫଳ ସାଲାଡକୁ ସପ୍ତାହରେ ଅନ୍ତତଃ ୩-୪ଥର ଖାଇବା ଉଚିତ । ବିଭିନ୍ନ ପ୍ରକାର ଫଳକୁ ମିଶାଇ ସେଥିରେ କଳା ଲୁଣ ମିଶାଇ ଖାଇଲେ ହଜମ କ୍ଷମତା ବଢ଼ାଇଥାଏ । ଏହି ସାଲାଡକୁ ଦ୍ୱିପ୍ରହର ଭୋଜନ ପୂର୍ବରୁ ଆପଣ ଖାଇଲେ ତାହାର ଶରୀର ଉପରେ ଭଲ ପ୍ରଭାବ ପଡ଼େ । ଦ୍ୱିପ୍ରହର କିମ୍ବା ରାତ୍ରିଭୋଜନ ସାଥିରେ ସାଲାଡ ନଖାଇ ବରଂ କିଛି ସମୟ ପୂର୍ବରୁ ଖାଇବା ଉଚିତ । ସାଲାଡରେ ମାୟୋନିଜ ଓ ଟମାଟୋ ସସ ଇତ୍ୟାଦି ମିଶାଇଲେ ତାହାର ପୋଷକତତ୍ତ୍ୱ ନଷ୍ଟ ହୋଇଥାଏ । କେବଳ ଲେମ୍ବୁ ରସ, କଳା ଲୁଣ ଓ ଦହି ମିଶାଇ ସାଲାଡ ଖାଇବା ଭଲ ।

# ଆଳୁ କୋଫତା ତରକାରୀ

**ଆଳୁ କୋଫତା ତରକାରୀ ବହୁତ ସ୍ୱାଦିଷ୍ଟ ହୋଇଥାଏ । ଭିନ୍ନ ସ୍ୱାଦ ପାଇଁ ଆଳୁ କୋଫତା ତରକାରୀ ଘରେ ତିଆରି କରନ୍ତୁ।**

**ଆବଶ୍ୟକ ସମଗ୍ରୀ:** ଆଳୁ ୭ଟି, ଆରାରୋଟ-୪ଚାମଚ, ସ୍ୱାଦ ଅନୁସାରେ ଲୁଣ, କଟାଯାଇଥିବା ଧନିଆପତ୍ର-୧ଚାମଚ, କଟାଯାଇଥିବା କାଜୁ-୧୦ଟି, କିସମିସ-୩୦ଟି, ତେଲ ଆବଶ୍ୟକ ଅନୁସାରେ।

**ତରକାରୀ ପାଇଁ :** ଟମାଟୋ-୪ଟି, କଞ୍ଚାଲଙ୍କା୨ଟି, ଅଦା, କ୍ରିମ-୧/୨ କପ, ତେଲ ୨ଚାମଚ, ଜିରା ୧/୨ ଚାମଚ, ହଳଦୀ ପାଉଡର, ଧନିଆ ପାଉଡର- ଏକ ଚାମଚ, ଲାଲ ମିର୍ଚି ପ୍ୱଡର, ଗରମ ମସଲା , ସ୍ୱାଦ ଅନୁସାରେ ଲୁଣ, କଟାଯାଇଥିବା ଧନିଆ ପତ୍ର ।

**ପ୍ରଣାଳୀ:** ଆଳୁକୁ ସିଝାଇ ଛଡ଼ାଇ ଦିଅନ୍ତୁ । ଏହାକୁ କଦୁକଷକରି ସେଥିରେ ଆରାରୋଟ, ଲୁଣ, ଧନିଆ ପତ୍ର ମିଶାଇ ଏହାକୁ ଦେଇ ଦିଅନ୍ତୁ । କୋଫତା ପାଇଁ ମିଶ୍ରଣ ପ୍ରସ୍ତୁତ ହୋଇଗଲା । ଏକ କଡ଼ାଇରେ ତେଲ ଗରମ କରି ମିଶ୍ରଣକୁ ଅଳ୍ପ ଅଳ୍ପ କରି ଚେପଟା ପରି ସେଥିରେ ୨-୩ ଖଣ୍ଡ କାଜୁ ଖଣ୍ଡ ଓ ୨ଟି କିସମିସ ରଖନ୍ତୁ ଓ ଛାଣନ୍ତୁ । ଗୋଟେ ପାର୍ଶ୍ୱ ହୋଇଯିବା ପରେ ଓଲଟାଇ ଛାଣନ୍ତୁ । କୋଫତାକୁ ପ୍ଲେଟରେ କାଢ଼ି ରଖନ୍ତୁ । ଟମାଟୋ,ଲଙ୍କା, ଅଦାକୁ ପେଷ୍ଟ କରି ଦିଅନ୍ତୁ । କ୍ରିମକୁ ଫେଣ୍ଟି ଦିଅନ୍ତୁ କଡ଼ାଇରେ ତେଲ ଗରମ କରି ସେଥିରେ ଜିରା ପକାନ୍ତୁ । ତାପରେ ହଳଦୀ, ଧନିଆ ପାଉଡର ଓ ଲାଲ ମିର୍ଚି ପାଉଡର ପ୍ରକାଇ ଟମାଟୋ କଞ୍ଚାଲଙ୍କା ଓ ଅଦା ପେଷ୍ଟ ପକାଇ ମସଲାକୁ ଫ୍ରାଏ କରନ୍ତୁ । ମସଲା ହୋଇଗଲା ପରେ ୨କପ୍ ପାଣି ଲୁଣ ଦେଇ ୩-୪ ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ । ଝୋଳରେ ଗରମ ମସଲା ଓ ଧନିଆ ପତ୍ର ମିଶାଇ ଓହ୍ଲାଇ ଦିଅନ୍ତୁ ଏବେ ଆଳୁ କୋଫତା ଉପରେ ଢାଳି ଦିଅନ୍ତୁ । ତରକାରୀ ପ୍ରସ୍ତୁତ



# ଗର୍ଭାବସ୍ଥାରେ ଅମୃତଭଣ୍ଡା, ସପୁରୀ ଖାଇବା ମନା କି ? ଜାଣନ୍ତୁ, କ'ଣ କହୁଛନ୍ତି ବିଶେଷଜ୍ଞ

ଗର୍ଭଧାରଣ ସମୟ ପ୍ରତି ମହିଳା ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ମାତ୍ର ଏହି ସମୟରେ ଗର୍ଭବତୀ ମହିଳାମାନେ କ'ଣ ଖାଇବେ, କ'ଣ ଖାଇବେ ନାହିଁ ତାହା ସବୁବେଳେ ଏକ ବଡ଼ ପ୍ରଶ୍ନବାଚୀ ହୋଇ ଉଭା ହୋଇଥାଏ । ଗର୍ଭଧାରଣକୁ ନେଇ ଥିବା କିଛି ପୁରୁଣା ଧାରଣା ଉପରେ ନିଜ ମତ ରଖିଛନ୍ତି ସ୍ତ୍ରୀ ରୋଗ ବିଶେଷଜ୍ଞ ତଥା ଆଇଭିଏଫ୍ ବିଶେଷଜ୍ଞ ଡକ୍ଟର ଅରଖାନା ଧାଓ୍ୱନ ବଜାଜ ।

◆ ଗର୍ଭାବସ୍ଥାରେ ଅମୃତଭଣ୍ଡା ଖାଇବା ଉଚିତ କି ନୁହେଁ ତାହା ସବୁଠୁ ଏକ ବଡ଼ ଗୁଜବ । ଏହି ସମୟରେ ଅମୃତଭଣ୍ଡା ଖାଇବା ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ ଏହାର କ'ଣ ପ୍ରଭାବ ପଡ଼େ ସେ ନେଇ ଭିନ୍ନ ମତ ଶୁଣିବାକୁ ମିଳେ। ଏନେଇ ଡକ୍ଟର ଅରଖାନା କହିଛନ୍ତି, ବାସ୍ତବରେ କଞ୍ଚା କିମ୍ବା ଦର ପାଚିଲା ଅମୃତଭଣ୍ଡାରେ ଥିବା ଲାଟେକ୍ସ ଏବଂ ପେପେନ୍ ଗର୍ଭରେ ବଢୁଥିବା ଭୃଣ ପାଇଁ କ୍ଷତିକାରକ । ହେଲେ ପାଚିଲା ଅମୃତଭଣ୍ଡା ଗର୍ଭାବସ୍ଥାରେ ଖାଇବା ଲାଭଦାୟକ ହୋଇଥାଏ। ମାତ୍ର ଲୋକେ କଞ୍ଚା, ଦରପାଚିଲା ଓ ପାଚିଲା ଅମୃତଭଣ୍ଡାକୁ ନେଇ ଯେପରି ଦ୍ୱନ୍ଦ୍ୱରେ ନ ପଡ଼ନ୍ତୁ ସେଥିନିମନ୍ତେ ଡାକ୍ତରମାନେ ଗର୍ଭାବସ୍ଥାରେ ଅମୃତଭଣ୍ଡା ଖାଇବାକୁ ମନା କରିଦେଇଥାନ୍ତି। ପାଚିଲା ଅମୃତଭଣ୍ଡା ଖାଇବା ଦ୍ୱାରା ଗର୍ଭ ନଷ୍ଟ ହେବାର ଆଶଙ୍କା ନ ଥାଏ।

◆ ମାତ୍ର ଗର୍ଭାବସ୍ଥାରେ ସପୁରୀ ଖାଇବାକୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଇବା ଉଚିତ । କାରଣ ଏହା ଗର୍ଭରେ ଥିବା ଶିଶୁ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ ବୋଲି କହିଛନ୍ତି ଡା.ଅରଖାନା ।

◆ ଗର୍ଭାବସ୍ଥାରେ ପାଳଙ୍ଗ ଶାଗ ଖାଇବା ଉଚିତ ନୁହେଁ ବୋଲି ବହୁ ପୁରୁଣା କାଳରୁ ଶୁଣିବାକୁ ମିଳୁଛି। ହେଲେ ପାଳଙ୍ଗରେ ଭରପୁର ମାତ୍ରାରେ ଆଇରନ ଥାଏ। ଯାହାକି ଉଭୟ ମା' ଓ ଗର୍ଭସ୍ଥ ଶିଶୁ ପାଇଁ ଖୁବ୍ ଲାଭଦାୟକ ସାବ୍ୟସ୍ତ ହୋଇଥାଏ। କିନ୍ତୁ ରୋଷେଇ ପୂର୍ବରୁ ଏହାକୁ ଭଲ ଭାବେ ଧୋଇ ଦିଅନ୍ତୁ। କେବଳ ସେତିକି ନୁହେଁ ବାଇଗଣ ବି ଏହି ସମୟରେ ଖାଇହେବ । କାରଣ ଏଥିରେ ଥିବା ପୋଷକ ତତ୍ତ୍ୱ ଉଭୟ ମା' ଓ ଶିଶୁ ପାଇଁ ଭଲ ।



◆ ନଡ଼ିଆରେ ସାଧାରଣତଃ ପୋଟାସିୟମ ଥିବାରୁ ଗର୍ଭାବସ୍ଥାରେ ଏହାକୁ ଖାଇଲେ ଭୃଣର ବିକାଶରେ ଏହା ସହାୟକ ହୋଇଥାଏ। ତେଣୁ ଗର୍ଭାବସ୍ଥାରେ ଏହାକୁ ଭରପୁର ମାତ୍ରାରେ ସେବନ କରିବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି।

◆ ପ୍ରେଗନେନ୍ସି ସମୟରେ ସାଧାରଣତଃ ମହିଳାମାନଙ୍କୁ ଡାର୍କ ଚକୋଲେଟ ବେଶି ଖାଇବାକୁ ବାରଣ କରାଯାଇଥାଏ। କାରଣ ଏହାର ପ୍ରଭାବ ପିଲାର ରଙ୍ଗ ଉପରେ ପଡ଼ିଥାଏ ବୋଲି ବିଶ୍ୱାସ ରହିଛି। ହେଲେ ଏଥିରେ କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି ଡା. ଅରଖାନା ଧାଓ୍ୱନ ବଜାଜ । ତେଣୁ ଏହି ସମୟରେ ଗର୍ଭବତୀ ମହିଳାମାନେ ନିଜ ମନ ପସନ୍ଦ ଚକୋଲେଟର ମଜା ଉଠାଇ ପାରିବେ।

◆ ଗର୍ଭଧାରଣ ସମୟରେ ଭରପୁର ମାତ୍ରାରେ ଡ୍ରାଏ ଫ୍ରୁଟସ୍ ଖାଇବା ଉଚିତ। ଏହି ସମୟରେ ପ୍ରଥମ ଟ୍ରାଇମେଷ୍ଟାର ସମୟରେ ଡ୍ରାଏ ଫ୍ରୁଟସ୍ ଖାଇବା ଉଚିତ ନୁହେଁ ବୋଲି ଲୋକଙ୍କ ମଧ୍ୟରେ ଧାରଣା ଥିବା ବେଳେ ଏହା ଭୁଲ୍ ବୋଲି କହିଛନ୍ତି ବିଶେଷଜ୍ଞ। ଗର୍ଭଧାରଣ ପରଠୁ ମହିଳାମାନେ ପ୍ରତିଦିନ ୨ଟି ଭିଜା ଯାଇଥିବା ବାଦାମ, ଗୋଟିଏ ଅଞ୍ଜିର, ୨ଟି କାଜୁ ଓ ୫,୬ଟି କିସମିସ୍ ଖାଇବା ଉଚିତ। ଏହା ଉଭୟ ମା' ଓ ଗର୍ଭସ୍ଥ ଶିଶୁ ପାଇ ଲାଭଦାୟକ ସାବ୍ୟସ୍ତ ହୋଇଥାଏ।

◆ ଗର୍ଭାବସ୍ଥାରେ ଡାକ୍ତରମାନେ ଚାଇନିଜ୍ ଆଇଟମ୍ ଖାଇବାକୁ ମନା କରିଥାନ୍ତି । କାରଣ ଏଥିରେ ମିଶିଥିବା ଅଜିନୋମୋଟୋ ଶିଶୁର ମସ୍ତିଷ୍କର ବିକାଶରେ ବାଧା ସୃଷ୍ଟି କରିଥାଏ। ତେଣୁ ଆପଣ ଘରେ ଅଜିନୋମୋଟୋ ବିନା ଚାଇନିଜ୍ ଆଇଟମ୍ ତିଆରି କରି ତାହାର ମଜା ଉଠାଇ ପାରିବେ।

◆ ଡ ଅରଖାନାଙ୍କ କହିବାନୁଯାୟୀ, ଗର୍ଭାବସ୍ଥାରେ ଅଧିକ କଫି ଖାଇବା କ୍ଷତିକାରକ । କାରଣ ଏଥିରେ କ୍ୟାଫେନ୍ ଥାଏ । ତେଣୁ ଆପଣ ବେଳେବେଳେ ଆପଣ କଫି ପିଇପାରିବେ । ହେଲେ ନିର୍ଣ୍ଣିତ ଭାବରେ ଦିନକୁ ଦୁଇଥର ଚା ପିଇପାରିବେ ।



◆ କ୍ଷୀରେ ଘିଅ ମିଶାଇ ଗର୍ଭବତୀ ମହିଳା ପିଇବା ଦ୍ୱାରା ସାଧାରଣ ପ୍ରସବ ହୋଇଥାଏ ବୋଲି ଲୋକଙ୍କ ମନୀରେ ଧାରଣା ରହିଛି। ମାତ୍ର ଏହାର କୌଣସି ସତ୍ୟତା ନାହିଁ। କାରଣ କ୍ଷୀରରେ ଘିଅ ମିଶ୍ରିତ ହେବା ଦ୍ୱାରା ଏହା ନିର୍ଣ୍ଣିତ ଭାବେ ମା' ଓ ପିଲାର ପ୍ରୋଟିନ ଓ କ୍ୟାଲସିୟମର ଅଭାବ ପୂରଣ କରିଥାଏ । କିନ୍ତୁ ଏହା ସହ ସାଧାରଣ ପ୍ରସବର କିଛି କନେକ୍ସନ ନାହିଁ ବୋଲି କହିଛନ୍ତି ବିଶେଷଜ୍ଞ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶୀତଳ ଯୁଦ୍ଧ...

ଦେଶର ଦିଲ୍’ କୁହାଯାଉଥିବା ରାଜଧାନୀ ଦିଲ୍ଲୀ କିଛି ଦିନ ଧରି ବିବାଦୀୟ କ୍ଷେତ୍ର ପାଲଟିଛି । ଉପରାଜ୍ୟପାଳ ବିନୟ ସାକ୍ସେନା ଓ ଶାସକ ଦଳ ଆମ୍ ଆଦ୍‌ମି ପାର୍ଟି ଭିତରେ ଶୀତଳ ଯୁଦ୍ଧ ଲାଗିଛି । ଶେଷତମ ବିବାଦ ଏକ ହଜାର ବସ୍ ଖଦ୍ଦିକୁ ନେଇ ହୋଇଛି । ହଜାରେ ବସ୍ କିଣା ହୋଇନାହିଁ ବୋଲି ଆପ୍ କହୁଥିବାବେଳେ ଉପରାଜ୍ୟପାଳ ମାମଲାର ତଦନ୍ତ ଭାର ସିବିଆଇକୁ ଦେଇଛନ୍ତି । ମାମଲା ନେଇ ସିବିଆଇ ସେମିତି କିଛି ସୁରାକ୍ ପାଇବ, ତାହା ଜାଣି ହେଉନାହିଁ । ଅନିଲ ବୈଜାଲଙ୍କ କାର୍ଯ୍ୟକାଳ ପୂରିଯିବା ପରେ ଖଦି ଓ ଗ୍ରାମୋଦ୍ୟୋଗ ସଂସ୍ଥାର ମୁଖ୍ୟ ସାକ୍ସେନା ଉପରାଜ୍ୟପାଳ ଦାୟିତ୍ୱ ନେଇଛନ୍ତି । ସାକ୍ସେନା କୁଆଡ଼େ ତାଙ୍କ କର୍ମଚାରୀମାନଙ୍କୁ ୨୦୧୬ ନୋଟ୍ ବନ୍ଦୀ ସମୟରେ ୧୪୦୦କୋଟିର ନୋଟ୍ ବଦଳ ପାଇଁ ବାଧ୍ୟ କରିଥିଲେ ବୋଲି ଅଭିଯୋଗ ଉଠାଇ ସେଥିରୁ ବଡ଼ ଧରଣର ଫାଇଦା ଉଠାଇଛନ୍ତି ବୋଲି ଅଭିଯୋଗ କରିଛି ‘ଆପ’। ଉପରାଜ୍ୟପାଳଙ୍କ ସହିତ ଆପର ସମ୍ପର୍କ ଏମିତିରେ ସହଜ ନଥିଲା । କାରଣ ଦୁଇଦୁଇ ଥର ରାଜ୍ୟରେ କ୍ଷମତାକୁ ଆସିଥିବା ଆମ ଆମି ପାର୍ଟି ଦିଲ୍ଲୀ ଓ ପଞ୍ଜାବରେ ବିପୁଳ ଭଲ ପ୍ରଦର୍ଶନ କରିବା ପରେ ପ୍ରଧାନମନ୍ତ୍ରୀଙ୍କ ନିଜ ରାଜ୍ୟ ଗୁଜରାଟ ଉପରେ ନଜର ପକାଇଛି। ଏହା ପୂର୍ବରୁ ଆମ୍ ଆଦମି ପାର୍ଟି ଦ୍ୱାରା ମୋହଲା ଚିକିତ୍ସାଳୟ ବିଶେଷ ଲୋକପ୍ରିୟ ହେବା ସହିତ ରାଜ୍ୟରେ ବିଦ୍ୟାଳୟ ଶିକ୍ଷାକୁ ଲୋକପ୍ରିୟ କରିବାରେ ଉପମୁଖ୍ୟମନ୍ତ୍ରୀ ସିସୋଦିଆଙ୍କ ଭୂମିକା ଓ ଯୋଗଦାନକୁ ସ୍ୱୟଂ ମୁଖ୍ୟମନ୍ତ୍ରୀ କେଜରିୱାଲ ଭୂରି ଭୂରି ପ୍ରଶଂସା କରିଛନ୍ତି । ଏହା ଭିତରେ ଅବକାରୀ ନୀତିକୁ କେନ୍ଦ୍ର କରି ଆପ୍ ସରକାର ଉପରେ କ୍ଷୁବ୍ଧ ହୋଇ ଉଠିଛନ୍ତି । ବିପୁଳ ପରିମାଣର ରାଜସ୍ୱ ଆଦାୟ ପ୍ରସଙ୍ଗ କରି ଆପ ସରକାର ଉପରେ ବିଜେପି ଖଗହସ୍ତ ହୋଇଛି । ଉପରାଜ୍ୟପାଳ ସାକ୍ସେନା ସମ୍ଭବତଃ ଆପ୍ ସହ ଗୋଟିକ ପରେ ଗୋଟିଏ ପ୍ରସଙ୍ଗ ଆଧାରରେ ବିବାଦୀୟ ହୋଇସାରିଛନ୍ତି । ଅବକାରୀ ରାଜସ୍ୱ ବିବାଦ ଓ ସ୍କୁଲ ପରିଚାଳନାରେ ଗଫ୍ଟି କଥା ଉଠାଇ ଥରକୁ ଥର ସିସୋଦିଆଙ୍କ ଲକର ତଲାସି ପର୍ଯ୍ୟନ୍ତ କରିଥିଲା ତଦନ୍ତକାରୀ ସଂସ୍ଥା । ତଲାସିରେ ତଦନ୍ତ-ସଂସ୍ଥା ହତାଶ ହେବାପରେ ଏବେ ଡିଟିସି ବସ୍ ମାମଲାରେ ହାତ ମାରିଛନ୍ତି। ଉପରାଜ୍ୟପାଳ ସାକ୍ସେନା ସିବିଆଇକୁ ତଦନ୍ତ ଦାୟିତ୍ୱ ଦେଇସାରିଥିବା ମାମଲାର ଅନ୍ତଃସାରହୀନତାକୁ ସୂଚାଉଥିବା କଥା ଆପ୍ ଦାବି କରିଛି। ଉପରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଭିତରେ ବିବାଦର ରହିଛି ଲମ୍ବା କାହାଣୀ ସାକ୍ସେନା କେଭିଆଇସିର ମୁଖ୍ୟ ଥିବାବେଳେ ନିଜ କନ୍ୟାଙ୍କୁ ଇଣ୍ଟେରିଅର ଡିଜାଇନିଂ ଦାୟିତ୍ୱ ପ୍ରଦାନ କରାଯିବା ନିଷ୍ପତ୍ତି ହୋଇଥିଲା । ମାତ୍ର କଥା ପ୍ରଧାନମନ୍ତ୍ରୀଙ୍କ କାନକୁ ଯିବା ପରେ ମାମଲା ରଫାଦଫା ହୋଇଯାଇଥିଲା। ମୁଖ୍ୟମନ୍ତ୍ରୀ କେଜରିୱାଲଙ୍କ ବିରୋଧରେ ଲୋକାୟୁକ୍ତଙ୍କୁ ଉପରାଜ୍ୟପାଳ ପଠାଇବା ଉଭୟଙ୍କ ଭିତରେ ସମ୍ପର୍କକୁ ଅଧିକ ତିକ୍ତ କରି ଦେଇଥିଲା । ସିସୋଦିଆଙ୍କ ଭଳି ପୁରୁଖା ସହଯୋଗୀଙ୍କୁ ନେଇ କେଜରିୱାଲ ଗୁଜରାଟ ଭଳି ରାଜ୍ୟରେ ପତିଆରା ଜମାଇବା କାରଣରୁ ଆସନ୍ନ ନିର୍ବାଚନ ଲାଗି ସିବିଆଇ ପାର୍ଟି କାର୍ଯ୍ୟାଳୟରେ ତଲାସି ଚଳାଇଥିବା ସମ୍ଭବ ହୋଇଛି । ତଲାସିରୁ ସେଭଳି କିଛି ନମିଳିବା ଆପକୁ ଆମୋଦର ଖୋରାକ୍ ଯୋଗାଇଛି। ଦିଲ୍ଲୀ ବିଧାନସଭାର ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଡାକି ଜେରିୱାଲ ପୁନଃ ଆସ୍ଥା ଭୋଟ୍ ଗ୍ରହଣ କରିଥିଲେ । କିଛି ବିଧାୟକଙ୍କୁ ଧରି ବିଜେପି ତାହାର ଶକ୍ତି ପ୍ରଦର୍ଶନ କରିବା ପଛରେ କେନ୍ଦ୍ରର ପ୍ରଚ୍ଛନ୍ନ ଶକ୍ତି ରହିଥିବା ଅଭିଯୋଗ ଆପ୍ ପାଇଁ ସମର୍ଥନର ଖୋରାକ୍ ଦେଉଛି ବୋଲି ସମୀକ୍ଷକ ମହଲ କହୁଛନ୍ତି । ଦିଲ୍ଲୀ, ପଞ୍ଜାବ ପରେ ମାଗଣା ବିଜୁଳି ଯୋଗାଣ, ଭଲ ସ୍କୁଲ ଓ ଡାକ୍ତରଖାନା ଭଳି ଧ୍ୱନି ଦେଇ ଆମ୍ ଆମିର ମନ କିଣିବା ପାଇଁ ପାର୍ଟି ତାହାର ନିର୍ଣ୍ଣୟ ନେଇ କିଭଳି ଆଗକୁ ବଢ଼ିବ, ତାହା ଉପରେ ସମସ୍ତଙ୍କ ନଜର । ଫମ୍ପା ପ୍ରତିଶ୍ରୁତି ଦେଇ ଯଦି ମତଦାତାଙ୍କୁ ଭଣ୍ଡାଇବା ପାର୍ଟିର ମତଲବ ହୋଇଥିବ, ୨୦୨୪ରେ ଜନସାଧାରଣ ଅବଶ୍ୟ ଉପାଡ଼ି ଫିଙ୍ଗିଦେବେ । ଘନଘନ ଚଢ଼ାଉ ଓ ତଲାସିରାଜ୍ ରହିଥିବ କି କେଜରିୱାଲଙ୍କ ନିର୍ଣ୍ଣୟ କାର୍ଯ୍ୟ କରିବ, ତାହା ସମୟ ହିଁ ଦେଖିବ।

## ଓଡ଼ିଆ ପ୍ରାଣ ଗୁରୁପ୍ରସାଦ ମହାନ୍ତି

ରଘୁନାଥ ମହାପାତ୍ର



ଓଡ଼ିଶାର ପାଣି, ପବନ, ଭାଷା, ସାହିତ୍ୟ, ସଂସ୍କୃତିକୁ ଯେଉଁ କେତେ ଜଣ ନିବିଡ଼ ଭାବେ ଭଲ ପାଇଛନ୍ତି, ମାତୃଭୂମିର ସେବା କରିଛନ୍ତି ସେମାନଙ୍କ ମଧ୍ୟରେ ଗୁରୁପ୍ରସାଦ ମହାନ୍ତି ଅନ୍ୟତମ। ତାଙ୍କର ଜନ୍ମ ହୋଇଥିଲା ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଆଲିପିଙ୍ଗଳ ଗ୍ରାମରେ ୧୯୩୮ ମସିହା ଅକ୍ଟୋବର ୧୮ ତାରିଖ କୁମାର ପୂର୍ଣ୍ଣିମା ଦିନ। ମୃତ୍ୟୁ ହେଲା ୪-୯-୨୦୨୨ ରବିବାର ଭୋର ୪ଟା ବେଳେ କଟକ ଏକ ଘରୋଇ ହସ୍ପିଟାଲରେ। ଦୀର୍ଘ ୮୪ ବର୍ଷର ଜୀବନ। ଏହି ଜୀବନ କାଳ ଭିତରେ ପାଠ ପଢ଼ିବା ଉଚ୍ଚତର ଶିକ୍ଷା ପାଇଁ ଆମେରିକା ଯିବା ଏବଂ ଡକ୍ଟରେଟ ଉପାଧି ଲାଭ କରି ଓଡ଼ିଶାକୁ ଫେରି ଆସିବା ପରେ ତାଙ୍କର ମାତୃଭୂମିର ସେବା ଆରମ୍ଭ ହୋଇଯାଇଛି। ଅନେକ ଛାତ୍ର ଉଚ୍ଚବେତନ ଲାଭ କରି ଆମେରିକାରେ ଚାକିରି କରି ରହିଯାଇଥିଲେ କିନ୍ତୁ ଗୁରୁ ପ୍ରସାଦ ଅଧିକ ଟଙ୍କାର ଲୋଭ ତ୍ୟାଗ କରି ଫେରି ଆସିଥିଲେ ମାତୃଭୂମି ଓଡ଼ିଶାକୁ ମାତୃଭୂମିର ସେବା କରିବା ପାଇଁ।

ତାଙ୍କର ଜୀବନଧାରା ବହୁ ଭାଗରେ ବିଭକ୍ତ। ଜଣେ ସୁସାହିତ୍ୟିକ, ଜଣେ ଦକ୍ଷ ପ୍ରଶାସକ, ଜଣେ ନିରଳସ ସମାଜ ସେବକ। ଆମେରିକାରେ ପାଠ ପଢୁଥିଲାବେଳେ ଲେଖିଲେ ‘ପାତାଳପୁରୀର ହାଲଚାଲ’। ସେଇ ଭ୍ରମଣ କାହାଣୀଟି ଧାରାବାହିକ ଭାବେ ସଂସାର ପତ୍ରିକାରେ ପ୍ରକାଶ ପାଇ ପାଠକମାନଙ୍କୁ ବେଶ ଆକର୍ଷିତ କରିଥିଲା। ପରେ ତାହା ପୁସ୍ତକ ଆକାରରେ ପ୍ରକାଶ ପାଇ ଶିଶୁ ସାହିତ୍ୟ ବିଭାଗରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲା। ତାଙ୍କର ବିଭିନ୍ନ ପ୍ରକାର ଲେଖା ଅନେକ ସମୟରେ ସମ୍ବାଦପତ୍ର ମାନଙ୍କରେ ପ୍ରକାଶ ପାଉଥିଲା। ଗଳ୍ପ, ପ୍ରବନ୍ଧ, ଆଧ୍ୟାତ୍ମିକ ସାହିତ୍ୟ, ଚରିତ ଉପନ୍ୟାସ, ଆତ୍ମଜୀବନୀ, ସବୁ ବିଭାଗରେ ସେ ଜଣେ ସଫଳ ସ୍ରଷ୍ଟା। ତାଙ୍କର ଆତ୍ମଜୀବନୀ ‘ଜଣେ ଓଡ଼ିଆର ଆତ୍ମଲିପି’ ପାଠକଲେ ଗୁରୁପ୍ରସାଦ ମହାନ୍ତିଙ୍କୁ ଭଲ ଭାବରେ ଚିହ୍ନିହେବ, ଜାଣିହେବ ସେ କେଉଁ ଧରଣର ମଣିଷ।

ଚାକିରି କ୍ଷେତ୍ରରେ ତାଙ୍କର ଉତ୍କର୍ଷତା ପ୍ରତିପାଦନ କରି ପଶୁପାଳନ ବିଭାଗର ସର୍ବୋଚ୍ଚ ପଦ ନିର୍ଦ୍ଦେଶକ ଭାବେ ପ୍ରତିଷ୍ଠିତ ହୋଇଥିଲେ। ତାଙ୍କ ସମୟରେ ସେ ବିଭାଗର ପ୍ରଭୁତ ଉନ୍ନତି ହୋଇଥିଲା। ଆଜି ଓଡ଼ିଶାରେ ଓମଫେଡ଼ ନାମରେ ଯେଉଁ ଅନୁଷ୍ଠାନ ଗଢ଼ି ଉଠି ସାରା ରାଜ୍ୟରେ ଦୁଗ୍ଧ ଯୋଗାଣ କରୁଛି ତାର ମୂଳ ପ୍ରତିଷ୍ଠାତା ହେଉଛନ୍ତି ଡକ୍ଟର ଗୁରୁପ୍ରସାଦ ମହାନ୍ତି। ଚାକିରିରେ ଥିବାବେଳେ ସେ ଉତ୍କଳ ସମ୍ମିଳନୀ ସହିତ ଯୋଗ ଦେଇଥିଲେ। ଚାକିରିରୁ ଅବସର ନେବା ପରେ ୧୯୯୮ ମସିହା ଠାରୁ କଟକ ଜିଲ୍ଲା ଉତ୍କଳ ସମ୍ମିଳନୀର ସଭାପତି ଦାୟିତ୍ୱ ଗ୍ରହଣ କଲେ। ସେ ସଭାପତି ହେବା ପରେ ଉତ୍କଳ ସମ୍ମିଳନୀର ନବଜାଗରଣ ହେଲା। ପୂର୍ବରୁ କେବଳ କାଗଜ ପତ୍ରରେ ଉତ୍କଳ ସମ୍ମିଳନୀର ନାମ ସୀମିତ ଥିଲା। ଗୁରୁବାବୁଙ୍କ କାର୍ଯ୍ୟ ଧାରାରେ ଏହା ପ୍ରସାରିତ ହେଲା ଏବଂ ପ୍ରତ୍ୟକ୍ଷ ଭାବରେ ଜନସାଧାରଣଙ୍କୁ ପ୍ରଭାବିତ କଲା। କଟକ ଜିଲ୍ଲାର ସାଧାରଣ ସଂପାଦକ ଥିଲେ ଅଭୟ ସାମନ୍ତରାୟ। ଉତ୍କଳ ସମ୍ମିଳନୀର ଉତ୍ଥାନ ପାଇଁ ଏହି ଦୁଇଜଣଙ୍କର ପ୍ରଚେଷ୍ଟା ନିଶ୍ଚୟ ଭାବେ ଉଲ୍ଲେଖଯୋଗ୍ୟ।

ପୂର୍ବରୁ ଉତ୍କଳ ଦିବସ ପାଳନ କେବଳ ମଧୁବାବୁଙ୍କ ସମାଧିରେ ଫୁଲମାଳ ଦେବାରେ ସୀମିତ ଥିଲା। କିନ୍ତୁ ଗୁରୁବାବୁ ସଭାପତି ହେବା ପରେ ଭୋର ପାଞ୍ଚଟାରୁ ଦୁଇଟି ଅଟୋରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ସାରା ସହର ପରିକ୍ରମା କରୁଥିଲା ଏବଂ ସହରରେ ଥିବା ମଧୁବାବୁଙ୍କ ସବୁ ପ୍ରତିମୂର୍ତ୍ତିରେ ଫୁଲମାଳ ଦିଆଯାଉଥିଲା। ଏହି ଫୁଲମାଳ ଦେବା କାମ ସକାଳ ୮ଟାରୁ ଆରମ୍ଭ ହୋଇ ଦିନ ୧୨ଟା ପର୍ଯ୍ୟନ୍ ଚାଲୁଥିଲା। ସଂଧ୍ୟାରେ ସାଧାରଣ ସଭା ଅନୁଷ୍ଠିତ ହେଉଥିଲା। ଉତ୍କଳ ସମ୍ମିଳନୀ କ’ଣ ତାହାର କାର୍ଯ୍ୟକ୍ରମ କ’ଣ ସେ ବିଷୟରେ ସାଧାରଣ ଲୋକେ ଅବଗତ ହେଉଥିଲେ। କଟକ ଜିଲ୍ଲା ପକ୍ଷରୁ ବାଲିଯାତ୍ରା ପଡ଼ିଆରେ ଏକ ମଞ୍ଚ ନିର୍ମାଣ କରାଯାଇ ଓଡ଼ିଆଙ୍କ ଅସ୍ମିତା ଉପରେ ଭାଷଣ ଦିଆଯାଉଥିଲା। ଓଡ଼ିଶାର ବିଶିଷ୍ଟ ରାଜନେତା, ସାହିତ୍ୟିକ, ସମାଜସେବୀ ସମସ୍ତେ ଏହି ମଞ୍ଚକୁ ଆମନ୍ତ୍ରିତ ହୋଇ ଆସୁଥିଲେ। ସାତଦିନ ବ୍ୟାପୀ ଲକ୍ଷ ଲକ୍ଷ ଲୋକଙ୍କ ସମାବେଶରେ ଉତ୍କଳ ସମ୍ମିଳନୀର ଆଭିମୁଖ୍ୟ ପ୍ରଚାର କରାଯାଉଥିଲା। ଏତ ଗଲା କଟକ ଜିଲ୍ଲା କଥା। ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ହେବା ପରେ ଗୁରୁପ୍ରସାଦଙ୍କର ଦାୟିତ୍ୱ ବହୁ ଭାବରେ ବଢ଼ି ଯାଇଥିଲା। ବିଚ୍ଛିନ୍ନାଞ୍ଚଳରେ କିପରି ଓଡ଼ିଆ ଭାଷାର ପ୍ରସାର ହେବ, ଓଡ଼ିଆ ପିଲାମାନେ କିପରି ନିଜ ମାତୃଭାଷାରେ ପାଠ ପଢ଼ିପାରିବେ ସେଥିପାଇଁ ସେ ଉଦ୍ୟମ କରିଥିଲେ ଏବଂ ପ୍ରାୟ ତିନିଶହ ଶିକ୍ଷା କେନ୍ଦ୍ର ଖୋଲାଯାଇ ପାରିଥିଲା। ଅଳ୍ପ ହେଲେ ମଧ ଶିକ୍ଷକମାନଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ବେତନ ଦିଆଯାଉଥିଲା। ପ୍ରାଇମେରୀ ସ୍କୁଲବହି, ହାଇସ୍କୁଲ ବହି ଏ ସବୁ ସରକାରଙ୍କ ଠାରୁ ସଂଗ୍ରହ କରି ନିଜ ଗାଡ଼ିରେ ଏବଂ ଭଡ଼ା ଗାଡ଼ିରେ ବୋହି ନେଇ ବିଚ୍ଛିନ୍ନାଞ୍ଚଳ ସ୍କୁଲ ମାନଙ୍କରେ ବାଣ୍ଟୁଥିଲେ। ଶିକ୍ଷା ପ୍ରସାର କ୍ଷେତ୍ରରେ ତାଙ୍କର ଉଦ୍ୟମ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ସେ ଭାଷଣ ଦେବା ଅପେକ୍ଷା କର୍ମ କରିବାକୁ ଭଲ ପାଉଥିଲେ। ଯେଉଁ କାମରେ ହାତ ଦେଉଥିଲେ ତାକୁ ନିଷ୍ଠାପର ଭାବେ ସଂପାଦନ କରୁଥିଲେ। ଉତ୍କଳ ସମ୍ମିଳନୀ ବ୍ୟତୀତ ସେ ଅନେକ ଗୁଡ଼ିଏ ସାହିତ୍ୟ, ସଂସ୍କୃତି ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ବ୍ରଜମୋହନ ମହାନ୍ତିଙ୍କ ‘ଉତ୍କଳ ପାଠକ ସଂସଦ’, ‘କଟକ ଲେଖକ ସହଯୋଗ ସମିତି’, ‘ବିଜ୍ଞାନ ପ୍ରଚାର ସମିତି’, ‘ଜୀବେ ହିତୈଷୀ ସଂଘ’, ‘ଓଡ଼ିଆ ଲେଖକ ସମ୍ମିଳନୀ’, ‘ଉତ୍କଳ ପାଠକ ସଂସଦର ବାର୍ଷିକ ଉତ୍ସବ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ହେଉଥିଲା। ସେଠାକୁ ଲେଖକ ମାନଙ୍କୁ ନେବା ପାଇଁ ଗାଡ଼ି ଦରକାର ପଡୁଥିଲା। ଗୁରୁବାବୁ ନିଜ ଗାଡ଼ିରେ ଦୁଇ ଚାରି ଜଣ ବନ୍ଧୁଙ୍କୁ ନେବା ସହିତ ଆଉ ଖଣ୍ଡେ ଦୁଇଖଣ୍ଡ ଗାଡ଼ି ମଧ ଯୋଗାଇ ଦେଉଥିଲେ। ସେ କଟକ ଲେଖକ ସହଯୋଗ ସମିତିର ସଭାପତି ଭାବେ ୧୯୯୭ ମସିହାରେ ନିର୍ବାଚିତ ହୋଇ କାର୍ଯ୍ୟଭାର ଗ୍ରହଣ କଲେ। ସେତେବେଳେ ଲେଖକ ସହଯୋଗ ସମିତି ଗୋଟିଏ ଭଡ଼ାଘରେ ରାଜାବଗିଚା ଲେବର କଲୋନୀରେ ଚାଲୁଥିଲା। ସମିତି ଏହି ଦୀନହୀନ ଅବସ୍ଥା ତାଙ୍କୁ ଭଲ ଲାଗିନଥିଲା। ନୂତନ ଗୃହନିର୍ମାଣ ପାଇଁ ସେ ଉଦ୍ୟମ ଆରମ୍ଭ କଲେ। ମତେ କହିଲେ ବସି ରହିଲେ ହେବନାହିଁ ଯେଉଁ କାମ କରିବ ତାକୁ ନିଷ୍ଠାପର ଭାବେ କଲେ ସଫଳ ହେବ। ଖାନନଗର କାଳୀ ମନ୍ଦିରରୁ ଦାନ ସୂତ୍ରରେ ଖଣ୍ଡେ ଜମି ଅଣାଯାଇ ୧୯୯୮ ମସିହାରେ ଆରମ୍ଭ ହେଲା ଲେଖକ ସହଯୋଗ ସମିତିର ସ୍ଥାୟୀଗୃହ। ଏହି ଗୃହ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ରାଶି ସଂଗ୍ରହ ପାଇଁ ଆମେ ବିଭିନ୍ନ ଲୋକଙ୍କ ପାଖକୁ ଯାଇଛୁ ଏବଂ ଅର୍ଥ ସାହାଯ୍ୟ ମଧ ପାଇଛୁ। ତାଙ୍କର ସାଧୁତା ପ୍ରତି ସମସ୍ତଙ୍କର ବିଶ୍ୱାସ ଥିଲା ଓ ସମ୍ମାନ ଥିଲା। ତେଣୁ ଅର୍ଥ ସାହାଯ୍ୟ ମିଳିବାରେ ଅସୁବିଧା ହେଲାନାହିଁ। ଅଫିସ ଘର ତା ଉପରେ ସଭାଘର ଏସବୁ ନିର୍ମାଣରେ ତାଙ୍କର ପରାମର୍ଶ ଓ ସାହାଯ୍ୟ ସବୁଦିନ ସ୍ମରଣୀୟ ହୋଇ ରହିବ। ଲେଖକ ସହଯୋଗ ସମିତି ଆଜି ଯେତିକି ଉନ୍ନତି କରିପାରିଛି ତା ମୂଳରେ ଡକ୍ଟର ଗୁରୁପ୍ରସାଦଙ୍କ ସାହାଯ୍ୟ ସହଯୋଗ ବହୁ ଭାବରେ ରହିଛି। ତାକୁ କେହି ଅସ୍ୱୀକାର କରିବେ ନାହିଁ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କାହିଁକି ବୁଡ଼ାଇବା ଭେଳା ?

ଶ୍ୟାମ ସୁନ୍ଦର ସାମଲ

ଜୀବନରେ ନିଜର ପାରିବାରିକ କ୍ଷେତ୍ର ହେଉ ବା ସ୍ୱାସ୍ଥ୍ୟ କ୍ଷେତ୍ର, କର୍ମ ସଂସ୍ଥାନର କ୍ଷେତ୍ର ହେଉ ବା ଆଧ୍ୟାତ୍ମିକର କ୍ଷେତ୍ର। ସତରେ ‘କଲେ ହେଳା ବୁଡ଼ିବ ଭେଳା’। ହେଳାରୁ ଭେଳା ବୁଡ଼ିବାର ନଜିର ଆମ ସାମ୍ନାରେ ପ୍ରତିଦିନ ଆମେ ଦେଖିଥାଉ। ଆଶ୍ଚର୍ଯ୍ୟର କଥା ହେଉଛି ଆମେ ଜାଣିପାରି ମଧ ଅନେକ ସମୟରେ ନିଜର ଭେଳା ବୁଡ଼ାଇ ନିଜେ ହଇରାଣ ହେବା ସହ ଅନ୍ୟମାନଙ୍କୁ ଅସୁବିଧାରେ ବି ପକାଇଥାଉ। ଦେଖାଯାଏ କେତେକ କ୍ଷେତ୍ରରେ ନିଜ ହେଳା ସମ୍ପର୍କରେ ବୁଝିଲା ବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହିଯାଇଥାଏ। ସେତବେଳକୁ ଆଉ ନିଜ ନିୟନ୍ତ୍ରଣରେ କିଛି ବି ନଥାଏ। ପୃଥିବୀରେ ମଣିଷ ହେଉଛି ସବୁଠାରୁ ବୁଦ୍ଧିମାନ ପ୍ରାଣୀ କିନ୍ତୁ ନିଜେ ନିଜ ଦୁର୍ବୁଦ୍ଧି ପାଇଁ ଓ କେତେକ କ୍ଷେତ୍ରରେ ପରବୁଦ୍ଧି ଓ କେତେକ କ୍ଷେତ୍ରରେ ବୁଦ୍ଧିହୀନ ପାଇଁ ଅସୁବିଧାକୁ ଆମନ୍ତ୍ରଣ କରିଥାଏ। କିଛିଦିନ ତଳେ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଅନୁଜ ପ୍ରତୀମ ଶ୍ରଦ୍ଧେୟ ସୁଶାନ୍ତକୁ ନେଇ ତାର ଚକ୍ଷୁ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଅସୁବିଧା ପାଇଁ ଓଡ଼ିଶାର ବିଶିଷ୍ଟ ଯୁବ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ଅନୁରାଗ ମିଶ୍ରଙ୍କ ପାଖକୁ ନେଇଥିଲି। ଅନୁରାଗ ମିଶ୍ର କଟକ କାଠଯୋଡ଼ି ରିଙ୍ଗରୋଡ଼ ରାଧାରମଣ ଚକ୍ଷୁ ହସ୍ପିଟାଲ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ରୋଗୀ ସେବା କରୁଛନ୍ତି। ଅନୁଜ ସୁଶାନ୍ତର ପରିଚୟ ଗଣମାଧ୍ୟମରେ ପରିଚିତି ଓ କାର୍ଯ୍ୟ ଦକ୍ଷତା ଶୁଣିବା ପରେ ସେ ବଡ଼ ବିଶାଦ ଭରା କଣ୍ଠରେ କହିଲେ ଆମେ ଅବହେଳା ସମ୍ପର୍କରେ ବିଭିନ୍ନ କଥା ଶୁଣୁଛୁ। ପ୍ରଶାସନର ଅବହେଳା, ଡାକ୍ତରର ଅବହେଳା, ପୋଲିସର ଅବହେଳା, ଅଭିଭାବକଙ୍କ ଅବହେଳା ସବୁଠି ଅବହେଳାର ଚିତ୍ର ଓ ଚରିତ୍ର ଛତୁ ଫୁଟୁଥିବାବେଳେ ଜଣେ ଅନୁଭବୀ, କାର୍ଯ୍ୟଦକ୍ଷ ଓ ଲୋକପ୍ରିୟ ଯୁବ ବ୍ୟକ୍ତିତ୍ୱ ହୋଇ ବି ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚକ୍ଷୁର ଅବହେଳାକୁ ନେଇ ସେ ଦିନ ଅନୁରାଗ ବାବୁ ବହୁତ ଦୁଃଖିତ ହୋଇପଡ଼ିଲେ। ଓଡ଼ିଶାର ସମସ୍ତ ଛପା ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଏପରି ଜଣେ ଯୁବ ବ୍ୟକ୍ତିତ୍ୱ ଯିଏ କି ତାଙ୍କ ଘରୋଇ ପାଠାଗାରରେ ଅଧକୋଟି ଟଙ୍କାର ଦୁର୍ଲ୍ଲଭ, ଉପାଦେୟ ଓ ମୂଲ୍ୟବାନ ପୁସ୍ତକ ରଖିଛନ୍ତି। ଏହା ସହ ପ୍ରତିଦିନ ଓଡ଼ିଶାର ସମସ୍ତ ଛପା ଖବରକାଗଜ କିଣନ୍ତି ଓ ପଢ଼ନ୍ତି କିନ୍ତୁ ଦୀର୍ଘ ଦିନ ଧରି ଚକ୍ଷୁ ସମସ୍ୟା ଅନୁଭବ କରି ତାଙ୍କର ଅନେକ ପରିଚିତ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ବନ୍ଧୁଥାଇ ମଧ ସେ ନିଜ ଚକ୍ଷୁ ପରୀକ୍ଷା ନକରି ତାର ସହାୟକ ଶ୍ରଦ୍ଧେୟ ଶ୍ରୀକାନ୍ତ ଠାରୁ ପାଇଥିବା ଏକ ଲେନ୍ସରେ ସେ ଲେଖାପଢ଼ା କରୁଛନ୍ତି। ଲେନ୍ସରେ ଦୀର୍ଘ ଦିନ ଧରି ପଢ଼ାପଢ଼ି କରିବା ଆଖିକୁ ପ୍ରତିକୂଳ ସ୍ୱାସ୍ଥ୍ୟ ସମସ୍ୟା ଭିତରକୁ ଠେଲି ଦେବା ସହ ଦୃଷ୍ଟିଶକ୍ତି ମଧ କମାଇ ଦେଇଛି। ଯାହାଫଳରେ ସୁଶାନ୍ତ ପ୍ରଥମ ଥର ପାଇଁ ଚଷମା ବ୍ୟବହାର କରିବା ପାଇଁ ବାଧ ହେଲା। ଅନୁରାଗ ବାବୁଙ୍କ ଯନ୍ତ୍ରଣାସିକ୍ତ କଥାଟି ଥିଲା ଯେ ଆମ ଗହଣରେ ଏପରି ଅନେକ ବ୍ୟକ୍ତିତ୍ୱ ରହିଛନ୍ତି ଯେଉଁମାନେ ଅତ୍ୟନ୍ତ ଗୁଣୀ ଜ୍ଞାନୀ ଓ ସଚେତନ ମଧ ଏହା ସହ ଆର୍ଥିକ କ୍ଷେତ୍ରରେ ସେମାନେ ମଧ ସ୍ୱଚ୍ଛଳ। କିନ୍ତୁ ସାମାନ୍ୟ ଅବହେଳା ପାଇଁ ସେମାନେ ନିଜର ମୂଲ୍ୟବାନ ସମୟ ଓ ସମ୍ପତ୍ତିକୁ ଏକ ପ୍ରକାର ନଷ୍ଟ କରିଦେଇଥାନ୍ତି।

ଚକ୍ଷୁ ଆମ ଶରୀର ସ୍ୱାସ୍ଥ୍ୟର ଅମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପତ୍ତି। ତେବେ ଏ ଅବହେଳା କ’ଣ ପାଇଁ ହେଲା ? ବ୍ୟସ୍ତତା, ଭାବପ୍ରବଣତା ନାଁ ଆଉ କିଛି ? ସୁଶାନ୍ତର ବୟସ ସେତେ ବେଶି ନୁହେଁ। ଜଣେ ଯୁବ ଓ କର୍ମଦକ୍ଷ ସାମ୍ବାଦିକ ଭାବେ ସେ ସୁପରିଚିତ। ବଡ଼କଥା ହେଉଛି ସ୍ୱାସ୍ଥ୍ୟ ବିଭାଗର ପ୍ରତିଟି ବିଭାଗରେ ଓଡ଼ିଶାରେ ବେଶ ନାଁ କମାଇଥିବା ପ୍ରଫେସର ଓ ଡାକ୍ତରମାନେ ତାର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ। ତା ସତ୍ତ୍ୱେ ସେ ଏତେ ଅବହେଳା କରି ନିଜର ଯେଉଁ କ୍ଷତି କରିଦେଲା ତାହା ମୋତେ ଅତ୍ୟନ୍ତ ଦୁଃଖିତ କରିଦେଲା। ଡାକ୍ତର ଅନୁରାଗ ବାବୁଙ୍କ ବାପା ସ୍ୱର୍ଗତଃ ପ୍ରଫେସର ଡାକ୍ତର ବ୍ରଜ ସୁନ୍ଦର ମିଶ୍ର ଓଡ଼ିଶାରେ ଜଣେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ପ୍ରଥିତଯଶା ଚକ୍ଷୁ ରୋଗ ବିଶେଷଜ୍ଞ। ୧୯୮୦-୯୦ ମସିହା ଭିତରେ ତତ୍କାଳୀନ ସମୟରେ ଓଡ଼ିଶାର ଶ୍ରୀସତ୍ୟସାଇ ସେବା ସଙ୍ଗଠନର ଗ୍ରାମାଞ୍ଚଳରେ ଯେତେ ସବୁ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ଶିବିର ହେଉଥିଲା ତାହାର ଅନ୍ୟତମ ପୁରୋଧା ଥିଲେ ଡାକ୍ତର ବ୍ରଜ ସୁନ୍ଦର ମିଶ୍ର। ଓଡ଼ିଶାର ଅଗମ୍ୟ ଗ୍ରାମାଞ୍ଚଳକୁ ନିଃସ୍ୱାର୍ଥପର ଭାବରେ ଅନେକ କ୍ଷେତ୍ରରେ ନିଜେ ହାତରୁ ପଇସା ଖର୍ଚ୍ଚ କରି ଗରିବ ଲୋକମାନଙ୍କ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରୁଥିଲେ। ତାଙ୍କ ପରଲୋକ ସମୟରେ ଓଡ଼ିଶାର ବିଶିଷ୍ଟ ଇଏନଟି ବିଶେଷଜ୍ଞ ପ୍ରଫେସର ଡାକ୍ତର ଦୟାନିଧି ଦାସ ଏହି ସୁଶାନ୍ତ ମାଧ୍ୟମରେ ଓଡ଼ିଶାର ସମସ୍ତ ଗଣମାଧ୍ୟମରେ ଖବର ଓ ଲେଖା ପ୍ରକାଶ କରାଇଥିଲା। ସେତେବେଳେ ଡାକ୍ତର ଅନୁରାଗ ମିଶ୍ରଙ୍କ ସଂସ୍ପର୍ଶରେ ସେ ଆସିନଥିଲେ। ରାଧାରମଣ ଚକ୍ଷୁ ହସ୍ପିଟାଲ ଓଡ଼ିଶାର ଏକ ପ୍ରମୁଖ ଚକ୍ଷୁ ରୋଗ ଗବେଷଣା ଓ ସେବା ପ୍ରତିଷ୍ଠାନ। ଅସହାୟ, ଗରିବ ଲୋକମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ସେବା ବ୍ୟବସ୍ଥା ମଧ ରହିଛି। ଏଠାରେ କାର୍ଯ୍ୟରତ ଉତ୍ସର୍ଗୀକୃତ ସେବା ମନୋଭାବର ପାଖାପାଖି ତିରିଶରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ କର୍ମ ସଂସ୍ଥାନର ଦାୟିତ୍ୱ ଅନୁରାଗ ବାବୁଙ୍କ ଉପରେ। ବଡ଼କଥା ହେଉଛି ସେହି ଡାକ୍ତରଖାନାର ପରିଚାଳକ ସୁଧୀର କୁମାର ଛାଟୋଇ, ଦେବୀ ପ୍ରସାଦ ସାହୁ, ପ୍ରଦୀପ କୁମାର ପ୍ରଧାନ, ପିଆଲି ଦାସ, ପ୍ରିୟଙ୍କା ଦାସ, ଓଟି ସହାୟିକା ସ୍ୱରୂପା ଦାସ, ସସ୍ମିତା ମୁଖୀ, କ୍ରୀଷ୍ଟାପାଲ ଓ ଅନ୍ୟ ପ୍ରମୁଖ କର୍ମକର୍ତ୍ତା ଓ ସେବାକାରୀଙ୍କ ଉତ୍ସର୍ଗୀକୃତ ସେବାମନୋଭାବ ଓ ବ୍ୟବହାର। ରୋଗୀଟିଏ ଯନ୍ତ୍ରଣାସିକ୍ତ ଭାବରେ ଆସିଥାଏ ଉପଷମ ପାଇବା ପାଇଁ। ଡାକ୍ତର ତ ଦ୍ୱିତୀୟ ଭଗବାନ କିନ୍ତୁ ଡାକ୍ତରଙ୍କୁ ସାକ୍ଷାତ ପୂର୍ବରୁ ଓ ସାକ୍ଷାତ ପରେ ଏହି ବ୍ୟକ୍ତିତ୍ୱଙ୍କ ସେବା, ସ୍ନେହ, ମମତା, ଭଲପାଇବାର ପରଷମଣି ସେମାନଙ୍କ ଯନ୍ତ୍ରଣାକୁ ସମ୍ପୂର୍ଣ୍ଣ ଲୋପ କରିଦେଇଥାଏ। ଏମାନେ କିନ୍ତୁ ସୁଶାନ୍ତର ଚକ୍ଷୁ ଅବହେଳା ପରି ରୋଗୀକୁ ସ୍ନେହ ଶ୍ରଦ୍ଧା ଦେବାରେ ହେଳା କରିନଥାନ୍ତି। ଅନୁରାଗ ବାବୁ ତାଙ୍କ ଜୀବନରେ ହେଳା ତ ପ୍ରଶ୍ନ ଉଠୁନି ବରଂ ଯେଉଁ ସେବା ଓ ଉତ୍ସର୍ଗୀକୃତ ମନୋଭାବର ପ୍ରଶଂସା ଓ ସମ୍ମାନ ଆଶୀର୍ବାଦ ଅନେକଙ୍କ ଠାରୁ ପ୍ରାପ୍ତ ହେଉଛନ୍ତି ତାହା ତାଙ୍କ ପାଇଁ ମୂଲ୍ୟବାନ। କୋଟି କୋଟି ମୁମୂର୍ଷୁ ନୂଆ ଜୀବନ ପାଇ ଚକ୍ଷୁ ଦ୍ୱାରା ସମାଜ ଓ ସଂସାରକୁ ଦେଖିବାର ଯେଉଁ ଆଲୋକ ପାଇଥାନ୍ତି ତାର ନେପଥ୍ୟ ଏହି ମହନୀୟ ଡାକ୍ତର ବାବୁଙ୍କର। ଆସନ୍ତୁ ନିଜ ନିଜ ଜୀବନରେ ହେଳା କରି ଭେଳା ବୁଡ଼ାଇବା ନାହିଁ। କାରଣ ଅନେକ ସମୟରେ ନିଜ ହେଳା ସହ ଅନ୍ୟମାନଙ୍କର ବି ଭେଳା ବୁଡ଼ିଯାଏ। ଏହାକୁ ମନେରଖି ଜୀବନକୁ ଆଗେଇ ନେବା ଉଚିତ।

♥ ବିଡ଼ାନାସୀ ବନ୍ଧଛକ, କଟକ,
ମୋ: ୯୭୭୮୬୩୫୯୨୬

## କବିତା କୋଣାର୍କ

### ବାପା ଚାଲିଗଲେ

ରତ୍ନାକର ରାଉତ



ବାପା ଚାଲିଗଲେ, ଯେପରି ଗାଁ ମୁଣ୍ଡରେ
କେତେ କାଳ ଧରି ଆସ୍ଥାନ ଜମେଇଥିବା
ମହାଦ୍ରୁମ ମୂଳୋତ୍ପାଟିତ ହୋଇଗଲା
ଯୁଆଡ଼େ ଅନେଇଲେ, ଚାରିଆଡ଼େ
ଖାଁ ଖାଁ, ଫାଙ୍କା ଫାଙ୍କା, ଶୂନ୍‌ଶାନ୍
ଗଭୀର ଶୂନ୍ୟତା, ଚତୁର୍ଦ୍ଦିଗରେ ଶୂନ୍ୟତାର
ଏକ ଅଭେଦ୍ୟ ଅଂଧାରୀ ଇଲାକା ।

ବାପାଥିଲେ, ପାଖରେ ନଥିଲେ, ଥିଲେ ଦୂରରେ
ବର୍ଷେ ଛଅମାସେ ଥରେ ବାପାଙ୍କ ସହିତ ଭେଟ ହେଉଥିଲା
ଚରଣ ଛୁଇଁଲେ ମୁଣ୍ଡ ଉପରେ
ସେ ହାତ ଥୋଇ ଦେଉଥିଲେ
ବାପା ଚାଲିଗଲେ, ସେତକ ଚାଲିଗଲା ।
ଜଣେ କିଏ ଥିଲେ ନିଜର ବୋଲି
ଘରେ କି’ ପ୍ରବାସରେ ଯେଉଁଠି ହେଲେ ଥିଲେ
ଅବେଳରେ ଏକୁଟିଆ କରି ଚାଲିଗଲେ ।

ନିଜର ବୋଲି ଜଣେ କିଏ ଥିଲେ
ଯିଏ ନିତି ପ୍ରଭୁଙ୍କ ଉଦ୍ଦେଶ୍ୟରେ
ହାତଟେକି ଶୁଭ ମନାସୁଥିଲେ
ମଙ୍ଗଳ ପାଞ୍ଚୁଥିଲେ ଏବଂ କେତେପଦ
ଆର୍ଶିବଚନ ଉଚ୍ଚାରଣ କରୁଥିଲେ
ତାଙ୍କର ସେହି ନିର୍ଭେଜାଲ ଭଲ ପାଇବା
ଚାରି ପାଖରେ ଗଢ଼ିଥିଲା ଏକ ସୁରକ୍ଷାବଳୟ
ଛାତିରେ ଦମ୍ଭ ଥିଲା ଏବଂ ମନରେ ଥିଲା ଅଦମ୍ୟ ସାହସ
ମୋ ବାପା ଅଛନ୍ତି, ଦୁଃଖ, ଶୋକ, ରୋଗ, ବ୍ୟାଧି
ଆପଦ, ବିପଦକୁ ଆହା କରି ସାହାହେବାକୁ ବାପା ଅଛନ୍ତି ।

ଲୋଭ, ମୋହ, ସ୍ୱାର୍ଥ ଯେଉଁଠି
ମହାବଳଠାରୁ ବଳୀୟାନ ଓ ଭୟାନକ
ଈର୍ଷା, ଦ୍ୱେଷ, ଅସୂୟା ସର୍ପଠାରୁ ଆହୁରି ବିଷାକ୍ତ
ଅହଂକାର ଓ ତୋଷାମଦ ମଣିଷମାନଙ୍କର ଭୂଷଣ
ସେଠାରେ ଅନ୍ୟ କାହାଠୁଁ ସ୍ନେହ, ପ୍ରେମ ଓ ସଦିଚ୍ଛା
ଆଶା କରିବା ବୃଥା, ଗୁଣକୁ ଚିହ୍ନିବା ପରି
ଗୁଣିଆଟେ ଏଠାରେ ଖୋଜି ପାଇବା ବିରଳ
ଜୀବନ ଜୀଇଁବାକୁ ହେଲେ ଲୋଡ଼ା ନୀଳକଣ୍ଠସାଜି
ଆକଣ୍ଠ ପାନକରିବ ହଳାହଳ ଗରଳ ।
ଏକ ଘୂର୍ଣ୍ଣିଝଡ଼ର ଆବର୍ତ୍ତ ଭିତରେ
ଡେଣା ଛିଣ୍ଡା ପକ୍ଷୀଭଳି ଝଟପଟ ହେଉଥିଲା ବେଳେ
ବାପା ଚାଲିଗଲେ, ଏବେ ଲହଲହ ଜିହ୍ୱାକାଢ଼ି
ମାଡ଼ି ଆସିବେ ଗ୍ରାସିବାକୁ ଅସୁମାରି ଅଜଗର
କିଏ ଅଛି ଯେ ବିନା ମୂଲ୍ୟରେ ଆଉଜେଇ ନେବ କୋଳକୁ
ଶିରାଳ ବଜ୍ର ହାତରେ ବେଢ଼େଇ ଧରିବ ନିବିଡ଼ ବଂଧନରେ
ଏବଂ ନିଜ ଶୀର୍ଣ୍ଣ ପ୍ରାଣକୁ ବାଜି ଲଗେଇ ଅକୁଣ୍ଠରେ
ଟାଳି ଦେବ ମହାମହା ବିପଦ ।

ବାପା ଚାଲିଗଲା ପରେ ଚାରିଦିଗ କିଟି କିଟି ଅଂଧାର
ସେ ଘନ ଅଂଧାରରେ ବୁକୁଚିରି ନିଃସଙ୍ଗ ପଦାତିକଟିଏ
ଆଗକୁ ଆଗେଇବା ଦୁଃସହ, ଦୁର୍ବିସହ ଜୀବନରେ
କୋମଳ ଆଶ୍ୱାସନା ଏବେ ସ୍ୱପ୍ନ,
ଏବେ ଚାଲିବାକୁ ପଡ଼ିବ ପାଦ ତଳେ ମାଟି ନଥାଇ
ତ୍ରିଶଙ୍କୁ ଭଳି ଶୂନ୍ୟରେ ଏକା ଏକା
ବାପାଙ୍କ ଅବର୍ତ୍ତମାନରେ କ’ଣ ଭାବି ହେଉଛି ଏକ
ପରିପୂର୍ଣ୍ଣ ଜୀବନ, ତଥାପି ବଂଚିବାକୁ ହେବ
ଦିବଂଗତ ବାପାଙ୍କ ସ୍ମୃତିକୁ ଜାବୋଡ଼ି ଧରି ।

ବାପା ତ’ ମୃତ୍ୟୁକୁ ଖୁବ୍ ଭଲ ଭାବେ
ବୁଝି ଥିଲେ କି’ କ’ଣ ? ଅନେକ ସମୟରେ କହୁଥିଲେ
ପ୍ରତ୍ୟେକ ମୃତ୍ୟୁ ହିଁ ତ’ ଏଠାରେ ଏକ ନୂତନ ସଂଭାବନା
ନବୀନର ଆଗମନ ପାଇଁ ଏକ ଶୂନ୍ୟସ୍ଥାନରେ ପୁଅ
ଏ ଧରାରେ ଜୀବନର କ’ଣ ଅନ୍ତ ଅଛି କେବେ
ତୁ ପରା ମୁଁ, ମୁଁ ଜୀଇଁଛି ତୋ ଭିତରେ, ବଢୁଛି
ମୋର ସବୁ ଆଶା ଓ ସ୍ୱପ୍ନକୁ ସାକାର କରୁଛି
ତୁ ମୋର ଅନ୍ୟ ଏକ ଅବତାର, ଏଠାରେ
ଆଉ ଗୋଟେ ନୂଆ ରୂପ ।
ସବୁ ସତ୍ତ୍ୱେ ତୋତେ ବାଜି ଜିତିବାକୁ ହେବ ପୁଅ
ଲଢ଼ିବାକୁ ହେବ କେତେ ଦୁଃସାଧ୍ୟ ସମର
ଜୀବନକୁ ପ୍ରଲମ୍ବିତ କରିବାକୁ ହେବ ମୋ ପାଇଁ
ଜାଣିଥା, ଜୀବନର ଅକାଳ ଅନ୍ତ ହୋଇଗଲେ
ଏ ସୁଂଦର ପୃଥିବୀ ଶୂନ୍ୟ ପିଣ୍ଡଟିଏ
ପାଲଟିଯିବ ବିଶ୍ୱ ବ୍ରହ୍ମାଣ୍ଡରେ
ହାରିଗଲେ ସବୁ ସରିଯିବ, ତେଣୁ
କମର କସ, ଲଢ଼େଇ ଲଢ଼, ଆଗକୁ ବଢ଼ ।
ବାବୁରେ ନିର୍ବାଣ ନୁହେଁ, ଧରା ପାଇଁ ଲୋଡ଼ା ଜୀବନ
ପଳାୟନ ପନ୍ଥା କି ସନ୍ୟାସ କେଉଁଟି ମଧ
ଅବଲମ୍ବନ ନୁହେଁ ଜୀବନର
ମନେରଖ, ପ୍ରତିକୂଳ ପରିସ୍ଥିତିରେ ସାହାସର ସହିତ
ସଂଘର୍ଷ କରି ଜୀଇଁବାର ନାମ ହିଁ ଜୀବନ
ସଫଳ ସଂସାରୀଟିଏ ମହାଯୋଗୀରେ ପୁଅ
ତୁ ସଂସାରର ବୋଝ ବୋହି ଉତ୍ତୀର୍ଣ୍ଣ ହଅ
ମୁଁ ଅଛି ତୋ ସହିତ, ତାହାହିଁ ତ’ ଈଶ୍ୱରଙ୍କର ଇଚ୍ଛା ।

ବାପା ଚାଲିଗଲେ ତଥାପି ତାଙ୍କରି କଥା ରଖି
ବଢ଼ିବାକୁ ହେବ ଆଗକୁ ଏବଂ
ଜୀବନକୁ ପ୍ରଲମ୍ବିତ କରିବାକୁ ହେବ
ଜୀବନର କ’ଣ କେବେ ଶେଷ ଅଛି ମହୀରେ ?

♥ ପ୍ଲଟ ନଂ-୭୬୭ (ପି) ଜୟଦୁର୍ଗା ନଗର,
ଲକ୍ଷ୍ମୀସାଗର, ଭୁବନେଶ୍ୱର-୬



### ଆପଣା ପର

ଲୋକନାଥ ମହାପାତ୍ର

ଆମେ ସବୁ ଈଶ୍ୱରଙ୍କ ସନ୍ତାନ
ଭାବିବନି କାହାକୁ ବଡ଼ ସାନ
କାହାରିକୁ ନ ଭାବିବ ପର
ସର୍ବେ ଆମ୍ଭର ସହୋଦର
ସର୍ବେ ଆମ୍ଭର ଭାଇ ଭାଇ

ପର ଆମ୍ଭର ନୁହଁ କେହି
ପର ଆପଣା ଭେଦଭାବ
ଏ ଅଟେ କ୍ଷୁଦ୍ରତାର ଭାବ
ସମଗ୍ର ବସୁଧା ମୋ ପରିବାର
ଅଟେ ମହତ ଜନଙ୍କ ବିଚାର
ସ୍ୱଭାବେ ସାଧୁଜନ ଯେତେ
ସମାନ ଦେଖନ୍ତି ଜଗତେ

ପରଦୁଃଖରେ ଦୁଃଖୀ ହୋନ୍ତି
ସମଦୃଷ୍ଟିରେ ଆତ୍ମା ଚିନ୍ତି
ପର ଆପଣା ଯାର ନାହିଁ
ସାଧୁରେ ଗଣା ଅଟେ ସେହି
ଅଖିଳ-ବେଦର ଯେ ସାର
ଯେ ଅନୁଭବ ଆପଣାର ।

♥ ବ୍ରହ୍ମପୁର






# ବୃଦ୍ଧାଶ୍ରମ



ଜୟଶ୍ରୀ ପଟ୍ଟନାୟକ

ରିଜର୍ଭେସନ ଟିକେଟ ଧରି ସଦାନନ୍ଦ ବାବୁ କୋରାପୁଟ ଷ୍ଟେସନରୁ ଗାଡି ଚଢିଲେ। ସବୁ ଜିନିଷ ପତ୍ର ଠିକ୍ ଠାକ୍ ଅଛି କି ନାହିଁ ସେ ବିଷୟରେ ପଚାରୁଥିଲେ ପତ୍ନୀ ଶାରଦାଙ୍କୁ। ସବୁ ଠିକ୍ ଠାକ୍ ଅଛି କହି ଆଖିରୁ ଲୁହ ପୋଛିଲେ ଶାରଦା। କିଏ ଯେମିତି ତାଙ୍କର ପଚାଶ ବର୍ଷର ସ୍ନେହର ଡୋରୀକୁ ଛିଣ୍ଡେଇ ଦେଇଛି। ଟ୍ରେନର ଝରକା ପାଖ ଦେଇ ଭିଟାମାଟି, ନୂଆ ନୂଆ ଦାମ୍ପତ୍ୟ ରଚିଥିବା ମଧୁଶାଳା, ପୁଅ,ଝିଅଙ୍କ ସହ ବିତେଇଥିବା ସ୍ୱର୍ଣ୍ଣିମ ମୂହୁର୍ତ୍ତମାନ, ପୁଅ, ଝିଅଙ୍କୁ ପାଠ ପଢେଇ ଶିକ୍ଷିତ କରିବାର ଅଦମ୍ୟ ସାହସ, ପୁଅ, ବୋହୂ, ନାତି ଆଉ ନାତୁଣୀ ମାନଙ୍କ ସହ ବିତେଇଥିବା ବୈଶାଖ, ବର୍ଷା, ବସନ୍ତର ଋତୁମାନ ସବୁ ଯେମିତି ଲାଗୁଥିଲା ସ୍ମୃତି ପରି। ଖାଲି ଏତିକି ଭୁଲ୍ ଥିଲା ନିଜ ମନକୁ ବୁଝେଇବାରେ ଆଉ ସେମାନଙ୍କୁ ବୁଝିବାରେ। ନଚେତ୍ ଏ ବୟସରେ ସ୍ୱାମୀ-ସ୍ତ୍ରୀ କଣ ମୁହାଁଇ ଥାଆନ୍ତେ ବୃଦ୍ଧାଶ୍ରମରେ ରହିବା ପାଇଁ ?

କାଲି ସେମାନେ ଥିଲେ ପିଂଜରାବଦ୍ଧ ଚଢେଇଟି ପରି। ପିଂଜରା ଭିତରେ ଉପଲବ୍ଧ ଖାଦ୍ୟ ପଦାର୍ଥ, ମାଲିକର ପରୱାନା, ବହୁ କଟକଣା ଭିତରେ ଜୀବନକୁ ବିତେଇବା, ପୋଷା ମାନି ରହିବା, ବୋଲହାକ ଶୁଣିବା ସବୁକିଛି କରିବାକୁ ପଡୁଥିଲା। ପୁଅ ବୋହୂଙ୍କ କଟୁକ୍ତିକୁ ବି ମଝିରେ ମଝିରେ ହଜମ କରିବାକୁ ପଡୁଥିଲା। କିନ୍ତୁ ଆଜିଠାରୁ ସେ ସବୁକୁ ଆଉ ସାମନା କରିବାକୁ ପଡିବନାହିଁ। ଏବେକାର ଜୀବନ ଖୁବ୍ ସ୍ୱାଧୀନ। ବୃଦ୍ଧାଶ୍ରମର ନିୟମ କାନୁନ୍ ଭିତରେ ତାଙ୍କୁ ସଂପୂର୍ଣ୍ଣ ରୂପେ ଅଭ୍ୟସ୍ତ ହେବାକୁ ପଡିବ। ସେମାନଙ୍କ ପରି ଅନ୍ୟ ଆଡୁ ଆସିଥିବା ନିରାଶ୍ରୟ ବୃଦ୍ଧ ବୃଦ୍ଧା ମାନଙ୍କର ଅଙ୍ଗେନିଭା କାହାଣୀ ଶୁଣି ଶୁଣି ନିଜ ବ୍ୟକ୍ତିଗତ କାହାଣୀକୁ ବି ସାମିଲ କରିବାକୁ ହେବ। ଏଣିକି ଆଉ କାହା ହୁକୁମ୍ ମାନିବାକୁ ପଡିବନାହିଁ। ଅନ୍ତତଃ ଟିକେ ଶାନ୍ତିର ନିଶ୍ୱାସ ତ ମାରିପାରିବେ।

ଏଇ କାଲି ପରି ମନେ ପଡୁଥିଲା ପତ୍ନୀ ଶାରଦାଙ୍କ ସହ ବାହା ହୋଇ ଆସିବା କଥା। କୌଳିକ ବୃତି ହିସାବରେ ମହାରଣା ଘରର ବଢେଇ କାମକୁ ଆପଣେଇ ନେଇଥିଲେ ସଦାନନ୍ଦ ବାବୁ। ତିନୋଟି ପୁଅ ଆଉ ଗୋଟିଏ ବୋଲି ଝିଅର ପରିବାର। ଝିଅଟିକୁ ବିବାହ ଦେଇଛନ୍ତି କଲେଜରେ ଚାକିରି କରୁଥିବା ଅଧ୍ୟାପକ ସହିତ। ବାକି ରହିଲେ ତିନି ପୁଅ ସମସ୍ତେ କିଛି ନା କିଛି ପାଠ ପଢିଥିଲେ। ମଝିଆ ପୁଅଟା ଗ୍ରାଜୁଏଟ ଏବଂ ଆଇ.ଟି.ଆଇ ପାସ୍ କରି ରେଳବାଇର କ୍ୟାଟରିଂରେ କାମ କରୁଥିଲା। ବହୁତ ସମୟ ଗାଡିରେ କଟୁଥିବାରୁ ଏବଂ ବହୁ ସମୟ ରାତିଅନିଦ୍ରା ହେବାକୁ ପଡୁଥିବାରୁ ଶରୀର ଅସୁସ୍ଥ ହୋଇପଡିଲା। ସଦାନନ୍ଦ ବାବୁ ଆଉ ରାଜି ହେଲେନାହିଁ କ୍ୟାଟରିଂ କାମ ପାଇଁ। ଏଣୁ ତାକୁ ମଧ କୌଳିକ ବୃତିରେ ସାମିଲ କରିଦେଲେ। ମୋଟାମୋଟି କହିବାକୁ ଗଲେ ପୂରା ପରିବାର ଆପଣେଇ ନେଇଥିଲେ ମହାରଣା ଘରର କାମ। ବଡ ପୁଅ ଫର୍ଣ୍ଣିଚର ସେଟିଙ୍ଗ ମଝିଆ ପୁଅର ସୋଫା ତିଆରି କାମ ଏବଂ ସାନ ପୁଅର ଦୋକାନ ଭୁବନେଶ୍ୱର ମାର୍କେଟରେ।

ସମୟ କ୍ରମେ ତିନି ପୁଅଙ୍କର ବିବାହ ମଧ କରାଇ ବୋହୂମାନଙ୍କୁ ଯଥା ରୀତି ଘରକୁ ଆଣିଥିଲେ। ନିଜ ପୈତୃକ ସଂପତି ଭାଗ ବଂଟା ହୋଇଯିବା ପରେ ସଦାନନ୍ଦ ବାବୁଙ୍କ ଭାଗରେ ପଡିଥିଲା ଦୋକାନଟା। ଏଣୁ ସେ ଘର ଖଣ୍ଡିକ ଯେଉଁଠାରେ ରହୁଥିଲେ ତାକୁ ଛାଡି ଦେଇ ସପରିବାର ରହୁଥିଲେ ଭଡାଘରେ। ଯା ଭିତରେ କଟିଗଲା ପାଂଚ ବରଷ। ଭଡା ଠିକ ସମୟରେ ନଦେଇ ପାରିବାରୁ କିମ୍ବା ମାଲିକ ନିଜ ଘରକୁ ଆସିବାର ମନସ୍ଥ କରିବାରୁ ଘରର ଗୋଟିଏ ପଟ ମାଲିକ ରହିଲେ ଆଉ ଗୋଟିଏ ପଟ ମଝିଆ ପୁଅ ବୋହୂ। ଇତି ମଧ୍ୟରେ ସଦାନନ୍ଦ ବାବୁ ବାକି ଦୁଇ ପୁଅ ଏବଂ ପତ୍ନୀ, ବୋହୂ ଏମାନଙ୍କୁ ନେଇ ଅନ୍ୟ ଏକ ଭଡା ଘରକୁ ଚାଲିଗଲେ। ସାନ ପୁଅ ବୋହୂ ଚାଲିଲେ ଭୁବନେଶ୍ୱର।

ତା ପରେ ଆରମ୍ଭ ହୋଇଗଲା କାହାଣୀର ନାଟକୀୟ ମୋଡ। ତିନି ଯାଗାରେ ତିନି ପୁଅ। କୋଉ ପୁଅ ରଖିବେ ବାପା-ମାଆଙ୍କୁ ପୁଣି କେତେଦିନ ରଖିବେ ସେ ନେଇ ଚାଲିଲା ବିଚାର ବିମର୍ଷ। ବଡ ପୁଅ-ବୋହୂ କହିଲେ ବାପା-ମାଆଙ୍କୁ ଆମେ ପାଂଚ ବର୍ଷ ହେଲା ଚଳେଇଲୁଣି। ତା ଛଡା ଭଡାଘର ତ ଛୋଟିଆଟିଏ ସେଥିରେ ଏତେ ପ୍ରାଣୀ ମୁଣ୍ଡ ବା କେମିତି ଗୁଂଜିବେ ? ତେଣୁ ଆଉ ଦୁଇ ପୁଅ ଅଛନ୍ତି ସେମାନଙ୍କ ପାଖରେ ରୁହନ୍ତୁ। ମଝିଆ ବୋହୂ କହିଲା-ଏଠିତ ପାଣିର ଘୋର ସମସ୍ୟା। ବୋଉଙ୍କରତ ଛୁଆଁ ଛୁତ, ଧୁଆ ଧୋଇ କାମ ବହୁତ। ତା ପରେ, ଏଠି ମାଲିକର କଡା ତାଗିଦା ଯେ ପାଣି ଦେଖି ଚାହିଁ ଖର୍ଚ୍ଚ କରିବ। ଖରାଦିନ। ମୋଟର ଖରାପ ହୋଇଗଲେ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଇଚ୍ଛା ପାଇଲେ ଘରେ ରୁହ ନଚେତ୍ ଅନ୍ୟ ଜାଗାରେ ଦେଖିନିଅ। ତା ଛଡା ମୋରତ ଗ୍ୟାସ ଚୂଲାର ସୁବିଧା ନାହିଁ। ଇଂଡକ୍ସନ ଚୂଲାରେ କେତେ ବା ହଇରାଣ ହୋଇ ରାନ୍ଧିବି ? ତେଣୁ ଏଠାରେ ବୋଉ ବାପାଙ୍କର ରହିବାକୁ ବହୁତ ସମସ୍ୟା ହେବ। ଆମେ ପଛକେ ତାଙ୍କର ଚଳିବା ପାଇଁ ହାତ ଖର୍ଚ୍ଚ ଦେଇ ଦେବୁ। କିନ୍ତୁ ତାଙ୍କୁ ଏଠାରେ ରଖି ପାରିବୁ ନାହିଁ। ବାକି ରହିଲା ସାନ ପୁଅ। ଭୂବନେଶ୍ୱରରେ ଦୋକାନ କିନ୍ତୁ ମଦ ପାଣି ନିଶାରେ ଆଜିଯାଏଁ ଦୋକାନରୁ ପାହୁଲାଟିଏ ପାଇବାର ଦେଖାନାହିଁ। ସଦାନନ୍ଦ ବାବୁ ପୁଅ ବୋହୂ ମାନଙ୍କର ହାବ ଭାବ କଥା ବେଶ୍ ଠଉରେଇ ପାରିଲେ। ଆଜି କାଲି ପୁଅ-ବୋହୂଙ୍କର ଆଗ୍ରହ ନାହିଁ ଯେମିତି ବୃଦ୍ଧ ପିତା ମାତାଙ୍କୁ ପାଖରେ ରଖିବା ପାଇଁ। ଯେମିତି ପିତା ମାତା ସେମାନଙ୍କ ପାଇଁ ଗୋଟାଏ ବୋଝ ପାଲଟି ଯାଇଛନ୍ତି। ସେମାନେ ନିଜ ସ୍ୱାଧୀନତାରେ ରହିବା ପାଇଁ ଚାହୁଁଛନ୍ତି। କଣ ବା କରିବେ ? ଜୀବନ କାଳ ଭିତରେ ନିଜେ ତ ଘର ଖଣ୍ଡେ କରିପାରିଲେ ନାହିଁ ଏବେ ମୁଣ୍ଡ ଗୁଂଜିବା ପାଇଁ କାହାକୁ ବା ନେହୁରା ହେବେ ? ଏସବୁ ନିଜ କଲା କର୍ମ ତ କାହାକୁ ବା ଅପବାଦ ଦେବେ ? ନିଜେ ଯଦି ଘର ବଖରାଏ କରି ପିଲା ମାନଙ୍କୁ ଥଇଥାନ କରିଥାଆନ୍ତେ ତେବେତାଙ୍କର ହକ୍ ରହିଥାଆନ୍ତା କିଛି କହିବା ପାଇଁ। ସଦାନନ୍ଦ ବାବୁ ଚାହିଁଲେ ପତ୍ନୀଙ୍କ ମୁହଁକୁ। କେମିତି ଗୋଟାଏ ନିରସ ଭାବ ଛାଇ ଯାଇଛି ମୁହଁରେ। ଯେମିତି ଜୀବନ ସାରା ଲୋଭ ମାୟାରେ ମୋର ମୋର କହି ଆସୁଥିବା ମନଟା କିଛି ଗୋଟାଏ ଶକ୍ତ ଆଘାତରେ ମଉଳି ପଡିଛି।

ସେଦିନ ଦୂରଦର୍ଶନରୁ ଶୁଣିଲେ ଯେ ପୁରୀଠାରେ ଏକ ବୃଦ୍ଧାଶ୍ରମ ଅଛି ଯେଉଁଠାରେ ଅବହେଳିତ ବୃଦ୍ଧ ବୃଦ୍ଧାଙ୍କର ଥଇଥାନ ହୋଇପାରୁଛି। ଗୀତାଚର୍ଚ୍ଚା ହେଉଛି। ମଝିରେ ମଝିରେ ଭାଗବତ, ରାମଚରିତ ପାରାୟଣ ମଧ୍ୟ ହେଉଛି। କାହିଁ କେତେ ଆଡୁ ବୃଦ୍ଧ-ବୃଦ୍ଧା ମାନଙ୍କୁ ଛାଡିଦେଇ ଯାଉଛନ୍ତି ଲୋକମାନେ। ପତ୍ନୀ ଶାରଦାଙ୍କୁ ସ୍ମିତ ହାସ୍ୟ ମୁହଁରେ ଚାହିଁଲେ ସଦାନନ୍ଦ ପତ୍ନୀ ଶାରଦାଙ୍କୁ କହିଲେ - ଆମର ତ ସବୁ ସଂସାର କାମ ସରିଯାଇଛି। ଏବେ ଚାଲ ସତ୍ କାମ, ସତ୍ ଚିନ୍ତା, ସତ୍ ମାର୍ଗ, ସତ୍ ବଚନ,ସତ୍ ଗୁଣରେ ଜୀବନର ପରମ ଆନନ୍ଦକୁ ଭେଟିବା। ଶାରଦା କହିଲେ- ଘର ସଂସାର ବୋଲି ଯାହାକୁ ରଚିଲେ ତାକୁ ତ୍ୟାଗ କରି କଣ ଏକାକୀ ଜୀବନ ବ୍ୟତୀତ କରି ପାରିବା ?

ସଦାନନ୍ଦ ବାବୁ ବୁଝେଇ ଦେଲେ ଗୀତାର ସାର ମର୍ମରୁ ଧାପେ- ଧନ, ଗୃହ, ବସ୍ତ୍ରାଦି ସକଳ ବସ୍ତୁ ତଥା ସ୍ତ୍ରୀ, ପୁତ୍ର, ମିତ୍ରାଦି ବନ୍ଧୁ ବର୍ଗ ଓ ମାନ, ବଡିମା, ପ୍ରତିଷ୍ଠାଦି ଇହଲୋକ ଓ ପରଲୋକର ଯେତେ ବିଷୟାଭୋଗ ରୂପକ ପଦାର୍ଥ ରହିଛି ସେସବୁ କ୍ଷଣଭଙ୍ଗୁର ନାଶବାନ ଓ ଅନିତ୍ୟ ଭାବି ସେଥିରେ ମମତା ଓ ଆସକ୍ତି ନରଖିବା ଏବଂ ସେଇ ସଚ୍ଚିଦାନନ୍ଦ ପରମାତ୍ମାଙ୍କଠାରେ ବିଶୁଦ୍ଧ ପ୍ରେମରେ ନିଜକୁ ସଂପୂର୍ଣ୍ଣ ରୂପେ ସମର୍ପଣ କରିଦେବାଟା ହିଁ ତ୍ୟାଗ। ତ୍ୟାଗ ନ ଥିଲେ ଜୀବନରେ ସଂସାରର ସକଳ ବନ୍ଧନ ପ୍ରତି ଆସକ୍ତି ବଢିବ। ତା ଛଡା ପୁଅ ମାନେ ତ ବିବାହ କରି ସାରିଲେଣି। ପତ୍ନୀ ଓ ପିଲା ଛୁଆଙ୍କ କଥା ବୁଝୁ ବୁଝୁ ବାପା ମାଆଙ୍କ କଥା ବୁଝିବାରେ ପୂର୍ବ ପରି ସ୍ନେହ ଆଦର ଆଉ ରହେନାହିଁ। ଏଠାରେ ଆମକୁ ଭଲ ପାଉଛି ବା କିଏ ? ପାଦ ପାଦକେ ଆକଟ। ଏମିତି କାହିଁକି କଲ ? ସେମିତି କାହିଁକି କଲ ? କାହାକୁ ପଚାରିକି ଏ କଥା କଲ ? ତମ ମାନଙ୍କର ମନେ ରହୁନାହିଁ ସବୁକଥା ? ନା କାନକୁ ଆଉ ଭଲରେ ଶୁଭା ଯାଉନାହିଁ ? ଇତ୍ୟାଦି ଇତ୍ୟାଦି ଅନେକ କଥା। ଆମେ କଣ ଏତେ ବୋଝ ହୋଇ ପଡିଛେ ଶାରଦା ସେମାନଙ୍କ ଉପରେ ? ବାପା- ମାଆ ହିସାବରେ ଆମର କିଛି କହିବାର କି କରିବାର ଅଧିକାର ନାହିଁ ? କହି ଆଖି କୋଣରେ ଜକେଇ ଆସୁଥିବା ଲୁହକୁ ପୋଛିଦେଲେ। ଏବେ ଆଉ ଡେରି କରନାହିଁ ଶାରଦା। ନିଜ ନିଜର ଛୋଟ ମୋଟ ଜିନିଷ ଗୁଡିକୁ ବାନ୍ଧ। କୋରାପୁଟରୁ ପୁରୀ ଏକ ଲମ୍ବା ରାସ୍ତା। ଶୀଘ୍ର କାମ ସାରିଲେ ମୁଁ ମୋର ବନ୍ଧୁଙ୍କ ସହ କଥାବାର୍ତ୍ତା କରି ଆସିଛି ସିଏ ରାଜି ହୋଇଛନ୍ତି ଆମକୁ ନେଇ ଛାଡି ଆସିବା ନିମନ୍ତେ। ସେଦିନ ତିନି ପୁଅ ଏବଂ ବୋହୂ ମାନଙ୍କୁ ପାଖକୁ ଡାକି ଜଣେଇ ଦେଲେ- ଆମ୍ଭେମାନେ ମନସ୍ଥ କରିଛୁ ଏଣିକି ବୃଦ୍ଧାଶ୍ରମରେ ଶେଷ ଜୀବନ କଟେଇ ଦେବାପାଇଁ। ବଡ ପୁଅ କିଛି କହିବା ପୂର୍ବରୁ ବୋହୂମାନେ କହିଲେ- ବାପା, ମାଆଙ୍କର ଯଦି ମନରେ, ହୃଦୟରେ ଶାନ୍ତି ଅଛି ସେଠାରେ ରହିବା ପାଇଁ ତା ହେଲେ ଆମେ କାହିଁକି ବାରଣ କରିବା ? ତା ପରେ ପଚାଶ ବର୍ଷର ବୈବାହିକ ସଂପର୍କ, ପୁଅ-ବୋହୂ, ନାତି ନାତୁଣୀ ଏମାନଙ୍କଠାରୁ ସେଦିନ ଦୂରେଇ ଯାଇଥିଲେ ସଦାନନ୍ଦ ବାବୁ ଏବଂ ଶାରଦା।



ଆଜି ତାଙ୍କର ବୃଦ୍ଧାଶ୍ରମରେ ରହିବାର ପ୍ରାୟ ଏକ ମାସ ବିତି ଗଲାଣି। ଯା ହେଉ ଅବହେଳିତ, ଲାଞ୍ଛିତ, ଅଣ ଖୁସୀ ଜୀବନରୁ ତ ଟିକେ ଶାନ୍ତି ପାଇଲେ। ପତ୍ନୀ ଶାରଦାଙ୍କୁ ଦେଖିଲେ ସିଏ ବି ଗୀତୀ ଚର୍ଚ୍ଚାରେ ମଜ୍ଜି ଯାଇଛନ୍ତି। ଏଣିକି ଆଉ ବା ଦୁଃଖ କଣ ? ଜୀବନର ଶେଷ ଦିନ କେଇଟା କାଟି ଦେବାରେ ? କୁଣିଆ ଘରକୁ ଫୋନ କଲାପରି ପୁଅମାନେ ଫୋନ କରନ୍ତି ବେଳେବେଳେ। ମନରେ ଅନେକ ଦୁଃଖ ଥିଲେ ବି କାହାକୁ ଫିଟେଇ କହିବା ଆବଶ୍ୟକ ମନେ କରୁ ନ ଥିଲେ ସଦାନନ୍ଦ ବାବୁ। ଆମେ ଏଠାରେ ଭଲରେ ଅଛୁ । ତୁମ ମାନଙ୍କର ଖବର ଜଣାଅ କହି କିଛି ସମୟ କଥା ହୋଇ ଫୋନ କାଟିଦିଅନ୍ତି। ଦୁରରୁ ଦେଖୁଥିଲେ ପତିତ ପାବନ ବାନାକୁ। ସିଏ ଯେମିତି ସୂଚେଇ ଦେଉଥିଲା ସବୁ ଜଂଜାଳ, ମାୟା-ମୋହକୁ ବଳି ପକାଇ ମୋ ପରି ମୁକ୍ତ ବିହଙ୍ଗର ଜୀବନ କାଟ। ଯେତେ ବନ୍ଧନରେ ବାନ୍ଧି ହେବ, କାମନା ବାସନାରେ ମଜ୍ଜି ରହିବ ସେତିକି ଦୁଃଖ କଳା ବାଦଲ ପରି ଛାଇ ରହିବ। ସଂସାରରେ ସବୁ ଅଳୀକ, କ୍ଷଣସ୍ଥାୟୀ। ତା ଛଡା ତମେ କଣ ଆଣିଥିଲ ଯେ ହଜେଇ ଦେଲ ? ଆସିଥିଲ ଏକା ଯିବ ବି ଏକା ସେଇ ଶୂନ୍ୟ ସ୍ୱରୂପରେ। ନିଜର ବୋଲି କଣ ଅଛି ଯେ କେବଳ ଏ ମାୟା ସଂସାରଟା, ଲୋଭ, ମୋହର କେତେଟା ମୂହୁର୍ତ୍ତ। ଯା ଛଡା ଆଉ କଣ ଅଛି ? ଏବେ ସବୁ ଲୀଳା ଖେଳା ସରିଲା, ନିଜକୁ ସମର୍ପଣ କର ପରମେଶ୍ୱରଙ୍କ ପାଦ ତଳେ। ଏବେ ସିଏ ହିଁ ତୁମର ତ୍ରାଣକର୍ତ୍ତା। ଯେଉଁମାନଙ୍କୁ ପିଲାବେଳେ ଆଙ୍ଗୁଠି ଧରି ଚଲେଇ ଶିଖେଇଥିଲୁ, ନିଜ ରକ୍ତର ସଂତାନ ବୋଲି ଆଶା କରିଥିଲୁ ବଡ ହେଲେ ଆମର ସାହା ହେବେ ଆଉ ସେବା କରିବେ ବୋଲି ଭାବିଥିଲୁ ସେହି ମାନେ ଆମକୁ ଅଲୋଡା, ଅଦରକାରୀ ବୋଲି ଭାବିନେଲେ ଶାରଦା। ଓଁ ହରି କହି ଦୀର୍ଘ ନିଶ୍ୱାସରେ ମୁଣ୍ଡିଆଟେ ମାରିଲେ ସଦାନନ୍ଦ ବାବୁ ଓ କହିଲେ ଏଣିକି ତୁମେ ହି ଭରସା ଠାକୁରେ ତୁମେ ହିଁ ଭରସା। ଲୁହ ଜରଜର ଆଖିରେ କାନି ପଣତଟା ବଢ଼େଇ ସଦାନନ୍ଦଙ୍କ ଆଖିରୁ ଅନ୍ତର୍ଦାହରେ ବୋହି ଆସୁଥିବା ତତଲା ଲୁହକୁ ଆଉ ଆଶ୍ୱାସନା ଦେଉଥିଲେ ଛି ! ମନ ଛୋଟ କରୁଛ କଣପାଇଁ ? ମୁଁ ପରା ବଞ୍ଚିଛି ତୁମ ପାଇଁ। ତୁମ ସୁଖ ଦୁଃଖରେ ସାଥୀ ହୋଇ ଚାଲିବା ପାଇଁ। ଆଉ ଆମ ଉପରେ ଅଛି କାଳିଆର ଆଶୀର୍ବାଦ । ତୁମେ ମନ ଦୁଃଖ କଲେ ସେମାନଙ୍କର ମଙ୍ଗଳ ହେବନାହିଁ । ସେମାନେ ଭଲରେ ଥାଆନ୍ତୁ । ଭଗବାନ ସେମାନଙ୍କର ମଙ୍ଗଳ କରନ୍ତୁ ।


+ଗଙ୍ଗନଗର, ଭୁବନେଶ୍ୱର

ମୋ: ୭୯୭୮୧୧୦୪୭୪


# ନିଜ ପାଇଁ ଊର୍ଜା

ପ୍ରତ୍ୟେକ କାର୍ଯ୍ୟ ପାଇଁ ଉର୍ଜାର ଆବଶ୍ୟକତା ରହିଥାଏ। ସକରାତ୍ମକ ଉର୍ଜା ସୁପଥ ପାଇଁ ସହାୟକ ହୋଇଥାଏ ଏବଂ ନକରାତ୍ମକ ଉର୍ଜା ବ୍ୟକ୍ତିକୁ କୁପଥାନୁଗାମୀ କରିଥାଏ। ତେବେ ଆମେ କିଭଳି ଉର୍ଜା ନିଜକୁ ଦେବା ଏବଂ କେଉଁ ଦିଗରେ ଯାତ୍ରା କରିବା ତାହା ଆମ ଉପରେ ନିର୍ଭର କରେ। ଯେତେବେଳେ ଆମେ ବାହାରକୁ କୁଆଡେ ବୁଲିବାକୁ ଯାଆନ୍ତି ପ୍ରଥମେ ଆମ ମୋବାଇଲରେ ଚାର୍ଯ ଠିକ୍ ଅଛି କି ନାହିଁ ଦେଖନ୍ତି। କାଳେ ବାଟରେ ଚାର୍ଯ ସରିଯିବ,କାହା ସହିତ ଯୋଗାଯୋଗ ହୋଇପାରିବ ନାହିଁ, ଏ ଭୟ ଆମ ଭିତରେ ଥାଏ, ତେଣୁ ଆମେ କୁଆଡେ ଯିବା ପୂର୍ବରୁ ଫୁଲ୍ ଚାର୍ଯ କରିଦିଅନ୍ତି। ମୋବାଇଲ ଗୋଟେ ବସ୍ତୁ ହୋଇ ତା ପ୍ରତି ଆମେ କେତେ ଯତ୍ନବାନ, ଅଥଚ ଆମେ ବୁଦ୍ଧି, ବିବେକ, ବିଚାରଧାରୀ ମଣିଷ ହୋଇ ଆମେ ଆମ ମାନସିକତାକୁ କଣ କେବେ ଚାର୍ଯ କରିବାକୁ ଚେଷ୍ଟା କରିଛନ୍ତି ! ମନ୍ଦିର ଯିବା ପୂର୍ବରୁ ଶ୍ରଦ୍ଧା, କରୁଣା, ଭକ୍ତି-ବିଶ୍ୱାସର ଉର୍ଜା ଆମ ଭିତରେ ଅଛି କି ନାହିଁ ଆମେ ନିଜକୁ କ'ଣ ତର୍ଜମା କରିଛନ୍ତି ? ବରଂ ମନ୍ଦିର ପାଇଁ ସଜବାଜ ହୋଇ ଆମ ମୁଣ୍ଡରେ ସେଲଫି ଆଉ ଫଟୋ ନେବାର ଉତ୍ସୁକତା ଚାଲୁଥାଏ। ମନ୍ଦିର ଆଳତୀରେ ଠିଆ ହୋଇ ତାଳି ତ ମାରନ୍ତି, କିନ୍ତୁ ଆଖି ଆଉ ମନ ଆଉ କୁଆଡେ ପଳାଏ। ଆମେ ହାତ ଯୋଡି ଗୋଟେ ସ୍ଥାନରେ ଠିଆ ହୋଇଥାନ୍ତି, ହେଲେ ଆମ ମନ ହଜାର ଜାଗାରେ ବିଚରଣ କରୁଥାଏ।

ବେଳେବେଳେ ଆମେ ଯଦି କିଛି ଶାରିରୀକ କଷ୍ଟ ଅନୁଭବ କରନ୍ତି କିମ୍ବା କିଛି ରୋଗରେ ପିଡୀତ ଥାନ୍ତି,ଆମ ସମ୍ପର୍କୀୟ କେହି ଆମକୁ ଏମିତି ବି କହି ଦିଅନ୍ତି 'ଏ ଭାରି ମାରାତ୍ମକ ରୋଗ, ସହଜେ ଭଲ ହେବନି,ଭଲ ଡାକ୍ତର ଦେଖାଅ'। ଡାକ୍ତର ତ ଦେଖେଇବାକୁ କହନ୍ତି କିନ୍ତୁ ତା ସହିତ ଆମକୁ ଏତେ ବଡ ରୋଗ ବୋଲି ଆହୁରି ଭୟଭୀତ କରାଇଥାଆନ୍ତି। ଅମୁକ ଲୋକକୁ ସେ ରୋଗ ହେଇଥିଲା, ଏତେ ଖର୍ଚ୍ଚ କରି କରି ସେ ମରିଗଲା। ଏମିତି ୨-୪ ଜଣଙ୍କ ଉଦାହରଣ ବି ଦେଇ ଦିଅନ୍ତି, ଯେମିତି ଆପଣ ବାଧ ହେବେ ତାଙ୍କ କଥାକୁ ବିଶ୍ୱାସ କରିବାକୁ ଏବଂ ସେହି ଭୟରେ ଆପଣ ବାରମ୍ବାର ନିଜର ଛୋଟିଆ ରୋଗଟିକୁ ବଡ ଭାବି ମନ ଭିତରେ ଗୁଣି ହେଉଥିବେ 'କାଳେ ମୋର କଣ ହେଇଯିବକି' ! ମନ ଯେତେ ଦୁର୍ବଳ ହୁଏ ରୋଗ ସେତେ ବଢିଚାଲେ। ସହାନୁଭୂତି ଆଳରେ ବେଳେବେଳେ ଆମ ସମ୍ପର୍କୀୟମାନେ ହିଁ ଆମକୁ ଦୁର୍ବଳ ଓ ଭୟଭୀତ କରାଇଥାଆନ୍ତି।

ପ୍ରକୃତିର ଗୋଟେ ଅଦ୍ଭୁତ ଶକ୍ତି ଅଛି ଯାହା ଆମ ମନର ଉର୍ଜା ସହିତ ଜଡିତ। ମନ ଯଦି ସବୁବେଳେ ଭୟର ଉର୍ଜାକୁ ଭରିଚାଲିବ 'ମୋତେ ଏତେ ବଡ ରୋଗ,ଏତେ ବଡ ରୋଗ'ସତରେ ରୋଗଟା ଆହୁରି ବହୁତ ବଡ଼ ହୋଇଯିବ। ବାରମ୍ବାର ମନ୍ତ୍ର ଜପିବା ପରେ ଯେମିତି ମନ୍ତ୍ର ସିଦ୍ଧି ହୋଇଯାଏ, ସେମିତି ବାରମ୍ବାର ଭୟ ହତାସକୁ ଜପିଲେ ତା ମଧ୍ୟ ସିଦ୍ଧ ହୋଇଯାଏ। ତେଣୁ ଆମ ମନକୁ ଆମେ କିଭଳି ଉର୍ଜା ଦେବା ଏବଂ ସେଥିରୁ କିଭଳି ପ୍ରତିଫଳନ ହେବ ତାହା ଆମ ହାତରେ। ଯେତେବେଳେ ଆପଣ ଦୁଃଖୀ ଥାଆନ୍ତି, ମନେପକାନ୍ତୁ ସବୁ ଦୁଃଖ ଏକାବେଳକେ ମନେ ପଡିଯାଏ। କେଉଁ କେଉଁ ଦିନର କଥା ଗୋଟି ଗୋଟି ମନ ଭିତରକୁ ଆପେ ଆପେ ଚାଲିଆସେ, କାନ୍ଦିବାକୁ ଇଚ୍ଛାହୁଏ, ଯିଏ ଆପଣଙ୍କୁ ଦୁଃଖ ଦେଇଥାଏ, ତା ପ୍ରତି କ୍ରୋଧ ବଢିଯାଏ।

## ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ



ଯେମିତି ଗୋଟେ ଶିଆଳ ଭୁକିବା ଆରମ୍ଭ କଲେ, ସବୁ ଶିଆଳ ଧାଇଁ ଆସି ରୁଣ୍ଡ ହୋଇ ଭୁକନ୍ତି ଏବଂ ଶିଆଳ ଭୁକିବା ମୃତ୍ୟୁର ସୂଚନା ଦେଇଥାଏ। ଠିକ୍ ସେମିତି ଗୋଟେ ଗୋଟେ ଦୁଃଖ, ଭୟ, ସନ୍ତାପ ଜୀବନର ସବୁ ଦୁଃଖକୁ ଡାକି ଆଣେ ଓ ନିଜର ସର୍ବନାଶ କରି ଜୀବନର ସୁଖକୁ ଛଡେଇ ନିଏ।

ତେଣୁ ଜୀବନରେ ଯେମିତି ମୁହୂର୍ତ୍ତ ଆସୁ , ତାକୁ ଖୁବ୍ କମ୍ ବା ଛୋଟ କରିବାକୁ ଚେଷ୍ଟା କରନ୍ତୁ। ଛୋଟ ଛୋଟ ଦୁଃଖକୁ ଅଣଦେଖା କରି ବର୍ତ୍ତମାନର ସୁଖଦ ସମୟକୁ ସାଉଣ୍ଟିବାକୁ ଚେଷ୍ଟା କରନ୍ତୁ। ଯେତେ କହିବେ ଆପଣ ସୁଖୀ, ଆପଣ ଭଲ ଅଛନ୍ତି ଦୁଃଖ ଥିବା ସତ୍ତ୍ୱେ ବି ଆପଣ ସେତେ ବେଶୀ ଭଲରେ ରହିବେ। ନିଜ ମନ ପ୍ରଫୁଲ୍ଲ ରହିଲେ ପ୍ରକୃତି ବି ପ୍ରଫୁଲ୍ଲିତ ଦିଶିବ ଓ ଆପଣ ଉଲ୍ଲସିତ ରହିବେ। ସକାଳ ଆରମ୍ଭ ହେବା ମାତ୍ରେ ସୁନ୍ଦର ପ୍ରକୃତିଠୁ ସକରାତ୍ମକ ଉର୍ଜା ନେଇ ପ୍ରଥମେ ନିଜକୁ ଚାର୍ଯ କରିବା ପରେ ମୋବାଇଲ ଚାର୍ଜ କରିବା ଉଚିତ୍। କାରଣ ଆମେ ଇଶ୍ୱରଙ୍କ ପ୍ରତିନିଧି ଭାବେ ଏ ସଂସାର ଚଳାଇବାକୁ ଆସିଛନ୍ତି।ଏ ବିଶାଳ ସଂସାରର ଦାୟିତ୍ୱ ପାଇଁ ବିରାଟ ହୃଦୟ ଓ ଅପାର ଶକ୍ତି ବା ଉର୍ଜାର ଆମକୁ ଆବଶ୍ୟକ ରହିଛି।


+ରାଉତ୍ କମ୍ପ୍ଲେକ୍ସ, କଟକ ରୋଡ୍, ଲକ୍ଷ୍ମୀସାଗର, ଭୁବନେଶ୍ୱର

ମୋ:୯୪୩୯୭୨୬୦୬୦


## ଶିଉଳି ଭୟ ?

ଜ୍ୟୋତ୍ସ୍ନା ରାଣୀ ଭୋଇ



କେବେ ପାଦରେ ପରିଖି
ନଥିବା ଶିଉଳିକୁ !
ଦିନେ ହାତରେ ପରଖି ଦେଇଛି !
ପରଖି !
ଖସେଇ ଦେଇଛି
କଳା ମଚ ମଚ ରାତିରେ
ତାରା ଭଳି ଖସୁଥିବା
ମୋର କିଛି ହାତ ରେଖାକୁ।
ଯେଉଁ ରେଖାରେ ମୁଁ ତୁମକୁ
କବରୀରେ କରିଥାନ୍ତି
ଗୋଟେ ନାଲି ରଙ୍ଗର ଗୋଲାପ କଢ
ଲେଖି ଥାନ୍ତି ତୁମ ପାଇଁ
ଗୋଟେ ବୟସର ଆବେଗ ଭରା ଚିଠି
ଚିଠିରେ ଲିଭି ଥାନ୍ତା କେଇ ଅକ୍ଷର
ଆଉ ତୁମେ ସେ ଅକ୍ଷରରେ ଗଣୁଥାନ୍ତ
କେଇବୁନ୍ଦା ଶତ୍ରୁ ମୋ ଲୁହ ତୁମର।
ସଜ ସକାଳର ଚିତ୍ରିତ ଆଖିରେ
ସୁଲୁସୁଲିଆ ବା ଦିଆ ତୁମ ବାର୍ତ୍ତା
ଆକାଶେ ବିଶ୍ୱାସରେ
ମାଟି ମୋ ପାଉଁଜିର ଶବ୍ଦକୁ
ସାଉଁଟି ଲେଖି ଥାନ୍ତା
କେଦାର ଗୌରୀ ଭଳି
କିଛି କାହାଣୀ କବିତା।
ଶିଉଳି ପାଦରେ ଖସି ଥିଲେ
ହୁଏତ ତୁମେ ଓ ମୁଁ
ସମାଜରେ କଚାଡି ଥାନ୍ତେ
ଅସରା ଅସରା ବର୍ବରତା
ଯେଉଁଠି ନଷ୍ଟ ହୋଇଥାନ୍ତା
ଏକ ବର୍ଣ୍ଣର ସଭ୍ୟତା ?
ଶିଉଳିରେ ଖସି ଥିବା ,
ହାତ ରେଖା ହିଁ ଟାଣପଣ ରଖେ !
ପାଦରେ ନଥିଲା ବୋଲି କେବେ
ଖସଡ଼ା ଭୟ।


+ଲାଇନ୍‌ପଡା, ପାଟଣାଗଡ଼
ବଲାଙ୍ଗୀର
ମୋ: ୮୨୮୭୩୮୧୫୬୦


## ବିଜୟର ମହାଦୀକ୍ଷା

ଅଳକା ବେହେରା ରାୟ



ଅନ୍ଧାରକୁ ନ ଡରି
ଦୀପଟିଏ ଦିଅ ଜାଳି
ତହିଁରୁ ଜଳିବ କୋଟିଏ ଦୀପାଳି
କାହିଁ ମାନୁନାହୁ ଆମେ
ମହତ ଜନଙ୍କ ଏହି ନୀତିବାଣୀ
ଆତ୍ମହତ୍ୟା ପ୍ରବଣ ଆଜିର ସମାଜ
କଅଁଳ ମଧ୍ୟାହ୍ନରେ ମଉଳିଯାଇଛି
ଅନେକ ଦୀପାଳି, ଫୁଲକଢି
ପ୍ରୟାସ ଯଦି କରନ୍ତେ
ଦୂରେଇବାକୁ ଅନ୍ଧାର
ଅନ୍ଧାର ପରେ ସୁନିଶ୍ଚିତ ସୂର୍ଯ୍ୟୋଦୟର
ସଂଘର୍ଷ ପରେ ନିଆରା ସୁଆଦ ବିଜୟର
ହାରିଯିବାଟା ଭୀରୁତା
ଦମ୍ଭର ଓ ଧୌର୍ଯ୍ୟର ସହ ମୁକାବିଲା କରିବା
ଜୀବନରେ ଆସୁଥିବା ସଙ୍କଟ ଓ ସମସ୍ୟା
ପରାହତ କରିବା ଯାବତୀୟ
ଧକ୍କା, ଧୋକା ଓ ବିଶ୍ୱାସଘାତକତା
ଦୁନିଆ ମଞ୍ଚରେ ବଞ୍ଚିବାକୁ ହେଲେ
ବାଛିବା ସଂଘର୍ଷର ରାସ୍ତା
ଝଡ଼,ଝଞ୍ଜା, ଜଞ୍ଜାଳ,
ସଂକଟ ଓ ସମସ୍ୟା ପଛରେ
ଛପି ରହିଥାଏ ଯଶ ଓ ଉତ୍କର୍ଷ ଗାଥା
ସାମାନ୍ୟ ପକ୍ଷୀଟିଏ ଯୁଝିପାରୁଛି ଝଡ଼କୁ
ଇଗଲ ଦେଉଛି ବିଜୟର ମହାଦିକ୍ଷା
ପ୍ରତିହତ କରି ଝଡ଼କୁ
ତେବେ କାହିଁକି ରାଇ, ରଶ୍ମି,
ରୁଚିକା ଓ ଅନ୍ୟମାନେ
ପ୍ରତିହତ କରିପାରିବେ ନାହିଁ
ଜୀବନର ଝଡ଼ ଝଞ୍ଜାକୁ ? ?
ତେବେ ଚାଲ ଆମେ ସମାଜକୁ
କେବଳ ଶିକ୍ଷା ନୁହେଁ ଅପିତୁ
କରାଇବା ବିମଣ୍ଡିତ
ନୈତିକ ଶିକ୍ଷାରେ
ଅସମୟରେ ଝରି ବାକୁଥିବା ଶେଫାଳିଙ୍କୁ
ଅନ୍ଧାରର ଗୌହରରେ
ଥିବା ଦୀପ୍ତିମାନଙ୍କୁ
ଦର୍ଶନ କରାଇବା
ପଙ୍କରେ ଫୁଟିଥିବା ପଦ୍ମଙ୍କୁ
ଏହା ହିଁ ହେଉ ସମାଜ ପାଇଁ
ବିଜୟର ମହାଦୀକ୍ଷା ।


+ନୟାପଲ୍ଲୀ, ଭୁବନେଶ୍ୱର
+୯୧-୭୯୭୮୩୩୨୦୬୧


## ରୂପସୀ ଗୋ ମୋର

ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ୍



ରୂପସୀ ଗୋ ମୋର
ଅଙ୍ଗେ ଅଙ୍ଗେ ତୁମ
ସଉରଭ ସଦା ବାହିତ,
ପ୍ରବାଳ ବଲ୍ଲରୀ
ଅଧର ସାଥିରେ
ଚିବୁକ ଚାରୁ ଶୋଭିତ।

ଚର୍ଚ୍ଚାରେ ତୁମ
ଚର୍ଚ୍ଚିତ ଚେହେରା
ମାଦକୀୟ ଆଖି ହଳେ;
ଲୋକନ ଚୟନେ
ହାସ୍ୟ ପ୍ରକରଣେ
ବାରି ହୋଇ ପଡ଼ ଗହଳେ।

ପୂର୍ଣ୍ଣମୀ ଇନ୍ଦୁର
ଚଉହଦୀ ତୁମେ
ଅନୁଢ଼ା ଅନ୍ୟାର ସଙ୍ଗୀତ।
ରୂପସୀ ଗୋ ମୋର।
କଲ୍ଲୋଳିତ ନେତ୍ରେ
ସୃଜୁଅଛ ଅବା
ମୋହନୀ ମାଦକ ସାଗର;
କାଳଜୟୀ ତୁମ
ପାଉଁଜି ର ସ୍ୱନ
(ତୁମ) ଲଲାଟ ଲିଖନ ସମ୍ଭାର।

ଭାବୁକ ପ୍ରାଣରେ
ଚହଳ ପକାଏ
ତୁମ ରୂପ ସୁବିସ୍ତାରିତ।
ରୂପସୀ ଗୋ ମୋର।


+ସହଦେବଖୁଣ୍ଟା, ବାଲେଶ୍ୱର
ପିନ୍ -୭୫୬୦୦୧
ମୋ: ୭୭୮୮୯୭୭୨୭୬

# ଏମସ୍‌ର ନାମ ପରିବର୍ତ୍ତନ ନକରିବା ଦାବିରେ ରାଜ୍ୟପାଳଙ୍କୁ ଭେଟିଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର,୧୪/୦୯ (ନି.ପ୍ର): ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଏକ ୪ଜଣିଆ ପ୍ରତିନିଧି ଦଳ ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ରାଜଭବନଠାରେ ସାକ୍ଷାତ କରି ଏକ ୫ ଦଫା ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ୪୦ ଲକ୍ଷ ଲୋକଙ୍କ ପାଇଁ ଆଇଓସିଏଲ୍ ପାରାଦୀପ ଓ ପାରାଦୀପ ପୋର୍ଟ, ଇଫ୍‌କୋ ଆନୁକୂଲ୍ୟରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ମେଡିକାଲ୍ କଲେଜ ପ୍ରତିଷ୍ଠା ଏବଂ ଏହି ମେଡିକାଲ୍ କଲେଜକୁ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରିବାକୁ ସମଜାବାଦୀ ପାର୍ଟି ପକ୍ଷରୁ ଦାବି କରାଯାଇଛି । ସେହିଭଳି ସୁନ୍ଦରଗଡ଼ ମେଡିକାଲ୍ କଲେଜକୁ ଦ୍ୱିତୀୟ ଏଆଇଆଇଏମ୍‌ଏସ୍ ର ମାନ୍ୟତା ଦେବା ସହିତ ଏହାକୁ ଆଦିବାସୀ ବିପ୍ଳବୀ ନିର୍ମଳ ମୁଣ୍ଡାଙ୍କ ନାମରେ ନାମିତ କରିବା ଏବଂ ତାଳଚେର ମେଡିକାଲ୍ କଲେଜକୁ ଭାରତ ବର୍ଷର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ନାମରେ ନାମିତ କରିବା ପାଇଁ ଏହି ସ୍ମାରକପତ୍ରରେ କୁହାଯାଇଛି । ସେହିଭଳି ୨୦୦୩ ମସିହାରେ ଭୁବନେଶ୍ୱରଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନାମରେ ଏଆଇଆଇଏମ୍‌ଏସ୍ ଭୁବନେଶ୍ୱରର ପ୍ରତିଷ୍ଠା କରାଯାଇଥିଲା ।ଏହାର ନାମ ପରିବର୍ତନ ନ କରିବାକୁ ସମାଜବାଦୀ ପାର୍ଟି ଦାବି କରିଛି । ଭୁବନେଶ୍ୱର ଇଏସ୍‌ଆଇ ମେଡିକାଲ୍ କଲେଜ କାମ ଆରମ୍ଭ କରିବାକୁ ଏହି ସ୍ମାରକପତ୍ରରେ ଦାବି କରାଯାଇଛି । ସେହିପରି ପାରାଦୀପ-ହରିଦାସପୁର ପାସେଞ୍ଜର ଟ୍ରେନ୍ ଚଳାଇବା ପାଇଁ ପୂର୍ବତଟ ରେଳବାଇର ଜେନାଲ୍ ମ୍ୟାନେଜର ଓ ରାଜ୍ୟର ମୁଖ୍ୟ ସଚିବଙ୍କୁ ଡାକି ଏକ ଉଚ୍ଚସ୍ତରୀୟ ବୈଠକ କରି ପାସେଞ୍ଜର ଟ୍ରେନ୍ ଚଳାଇବା ପାଇଁ ପଦକ୍ଷେପ ନେବାକୁ ସମାଜବାଦୀ ପାର୍ଟି ଦାବି କରିଛି । ଏହା ବ୍ୟତୀତ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ସଦର ମହକୁମା ମେଡିକାଲ୍‌କୁ ସୁପର ସ୍ପେସିଆଲିଷ୍ଟ ମେଡିକାଲ୍‌ରେ ପରିଣତ କରିବା ପାଇଁ ଏହି ସ୍ମାରକପତ୍ରରେ ଦାବି କରାଯାଇଛି । ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ଯୁବ ଜନସଭା ସଭାପତି ସୁବ୍ରତ ଲେଙ୍କା, ସମ୍ପାଦକ ସୁଶୀଲ ହୋତା ଓ ଯୁବ ନେତା ସୁନୀଲ ମିଶ୍ର ପ୍ରମୁଖ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବା ସହିତ ଏ ସମ୍ପର୍କରେ ଆଲୋଚନା କରିଥିଲେ ।

# ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସବ୍ କମିଟି ବୈଠକ

ଭୁବନେଶ୍ୱର,୧୪/୦୯ (ନି.ପ୍ର): କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ବ୍ୟାଙ୍କଗୁଡ଼ିକ ପକ୍ଷରୁ କୃଷି କ୍ଷେତ୍ରକୁ ଠିକ୍ ସମୟରେ ଆବଶ୍ୟକୀୟ ଋଣ ଯୋଗାଇଦେବା ଉପରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି ।

ମଙ୍ଗଳବାର ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସବ୍‌କମିଟି ବୈଠକରେ ଅଧ୍ୟକ୍ଷତା କରି କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଋଣ ପ୍ରଦାନର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ଅବସରରେ କୃଷି କ୍ଷେତ୍ରକୁ ଅଗ୍ରାଧିକାର ଭିତିରେ ଫସଲ ଋଣ ଏବଂ ଅନ୍ୟାନ୍ୟ ଦୀର୍ଘ ମିଆଦି ଋଣ ଯୋଗାଇଦେବା ପାଇଁ କହିଥିଲେ । କୃଷିର ବିକାଶ ଓ କୃଷକମାନଙ୍କ ଆୟବୃଦ୍ଧି ଦିଗରେ ରାଜ୍ୟ ସରକାର ଅନେକଗୁଡ଼ିଏ ଯୋଜନା ପ୍ରଣୟନ କରିଥିବା ପରିପ୍ରେକ୍ଷୀରେ ଏଗୁଡ଼ିକର ସଫଳ ରୂପାୟନ ଦିଗରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ସୁବିଧାରେ ଋଣ ଯୋଗାଇଦେବାର ଆବଶ୍ୟକତା ରହିଛି ବୋଲି ପ୍ରମୁଖ ଶାସନ ସଚିବ କହିଥିଲେ । ବୈଠକରେ ବଳରାମ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଏମ୍‌ଆଇଡିଏଚ୍ ସମେତ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ସଂପର୍କିତ ସ୍ୱତନ୍ତ୍ର ଋଣ ଯୋଗାଣର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଦିଗରେ ଆଲୋଚନା କରାଯାଇଥିଲା । ଏଥି ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ୫-'ଟି' ସୂତ୍ର ଅନୁପାଳନପୂର୍ବକ ଋଣ ପ୍ରଦାନରେ ସ୍ୱଚ୍ଛତା ଅବଲମ୍ବନ ସହ ଚାଷୀମାନଙ୍କୁ ସୁବିଧାରେ ଋଣ ପ୍ରଦାନର ସ୍ଥିତି ସଂପର୍କରେ ଅବଗତ କରାଇବା ନିମନ୍ତେ ବିଭାଗ ଦ୍ୱାରା ଉନ୍ନୀତ କରାଯାଇଥିବା କ୍ରେଡିଲ୍ ପୋର୍ଟାଲକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବ୍ୟାଙ୍କ ତଥା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ, ଉଦ୍ୟାନ କୃଷି, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ଏବଂ ମତ୍ସ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, ଆପିକଲର ପରିଚାଳନା ନିର୍ଦ୍ଦେଶକ, ନାବାର୍ଡର ମୁଖ୍ୟ ପରିଚାଳକ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଆବାହକ, ଅର୍ଥ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଓ ଅନ୍ୟ ସମସ୍ତ ବ୍ୟାଙ୍କର ପ୍ରତିନିଧି ଦଳ ଯୋଗଦେଇଥିଲେ ।

# ଓଡ଼ିଶାରେ ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ପାଇଁ କଂଗ୍ରେସର ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୧୪/୦୯ (ନି.ପ୍ର): ସମ୍ପ୍ରତି ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରା ଚାଲିଛି । ଦେଶରେ ଦେଖାଦେଇଥିବା ଆକଶ ଛୁଆଁ ଦରଦାମ ଓ ବେକାରୀ ବୃଦ୍ଧିକୁ ମୁଦ୍ଦା କରି ଏହି ଯାତ୍ରା ଚାଲିଛି । ଏହି ଅବସରରେ ମଙ୍ଗଳବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଦଳର ସମସ୍ତ ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ନେତୃବୃନ୍ଦଙ୍କ ବୈଠକରେ ରାହୁଲ ଗାନ୍ଧୀଙ୍କ ଏହି ପଦଯାତ୍ରାକୁ ସମର୍ଥନ ଜଣାଇବା ସହିତ ଓଡ଼ିଶାରେ ଏହି ଯାତ୍ରା ଆୟୋଜନ କରିବାପାଇଁ ଆଲୋଚନା ହୋଇଛି ।

ଭାରତ ଯୋଡ଼ୋର ପ୍ରସଙ୍ଗ ସହିତ ରାଜ୍ୟର ବିଭିନ୍ନ ପ୍ରସଙ୍ଗ ନେଇ ଏହି ଯାତ୍ରା ଅନୁଷ୍ଠିତ ହେବ । ଆସନ୍ତା ସେପ୍ଟେମ୍ବର ୧୮ ତାରିଖରେ ଭାରତ ଯୋଡ଼ୋ ଯାତ୍ରାର ଆବାହକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗବିଜୟ ସିଂ, ଏଆଇସିସିର ମୁଖପାତ୍ର ସାଂସଦ ଜୟରାମ ରମେଶ, ଓଡ଼ିଶା ପ୍ରଭାରୀ ଡ ଏ ଚେଲ୍ଲା କୁମାର, ସହ ପ୍ରଭାରୀ ରୁଦ୍ର ରାଜୁଙ୍କ ଉପସ୍ଥିତିରେ ଏହାର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହେବ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସମେତ ପିସିସି ଉପସଭାପତି ଶିବାନନ୍ଦ ରାୟ, ଭାରତ ଯୋଡ଼ୋ ଯାତ୍ରାର ଓଡ଼ିଶା ସଂଯୋଜକ ରବି ସେଠୀ, ଯୁଗ୍ମ ସଂଯୋଜକ ନକୁଳ ନାୟକ, ସେବାଦଳ ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଟ୍ରେନିଂ ସେଲର ମୁଖ୍ୟ ଶୁଭେନ୍ଦୁ ମହାନ୍ତି, କିଶାନ କଂଗ୍ରେସର ସଭାପତି ଅମିୟ ପଟ୍ଟନାୟକ, ରାଜୀବ ଗାନ୍ଧୀ ପଂଚାୟତ ରାଜ ସଂଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ, ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କା, ମହିଳା କଂଗ୍ରେସର ସଭାନେତ୍ରୀ ବନ୍ଦିତା ପରିଡ଼ା, ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମିସ୍ତ୍ରୀ ଗୁରୁତର

ବଲାଙ୍ଗିର,୧୪/୦୯ (ନି.ପ୍ର): ଆଜି ସ୍ଥାନୀୟ ଶାନ୍ତିପଡା ଠାରେ ଏକ ଘର କାମ କରୁଥିବା ସମୟରେ ଜଣେ ସେଣ୍ଟ୍ରିଙ୍ଗ ମିସ୍ତ୍ରୀ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଛାତରୁ ପଡି ଗୁରୁତର ହୋଇଛନ୍ତି । ତାଙ୍କୁ ଚିକିତ୍ସା ନିମନ୍ତେ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତି କରାଯାଇଛି । ଗୁରୁତର ସେଣ୍ଟ୍ରିଙ୍ଗ ମିସ୍ତ୍ରୀ ଜଣକ ଶିକାଛିଡା ଗ୍ରାମର ଲକ୍ଷ୍ମଣ ପାଣ୍ଡେଙ୍କ ପୁଅ ନିରୋଜ ପାଣ୍ଡେ ବୋଲି ଜଣାପଡିଛି । ସୂଚନା ଅନୁସାରେ, ନିରୋଜ ଶାନ୍ତିପଡା ଠାରେ ଏକ ଘରେ ସେଣ୍ଟ୍ରିଙ୍ଗ କାମ କରୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଛାତରୁ ପଡି ଯାଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ଠାରେ ଭର୍ତି କରାଯାଇଛି ।

# କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ନେଇ ସମୀକ୍ଷା

ଭୁବନେଶ୍ୱର,୧୪/୦୯ (ନି.ପ୍ର): ୨୦୨୪ ସୁଦ୍ଧା ରାଜ୍ୟର ପ୍ରତିଟି ଘରେ ନିରାପଦ ପାନୀୟ ଜଳ ପହଂଚାଇବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦିପ କୁମାର ଅମାତ ପ୍ରକାଶ କରିଛନ୍ତି । କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ କାର୍ଯ୍ୟକ୍ଷମ ବିଭିନ୍ନ ପାନୀୟଜଳ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ଦୁଇଟି ସମୀକ୍ଷା ବୈଠକ ମନ୍ତ୍ରୀ ଶ୍ରୀ ଅମାତଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପୂର୍ବାହ୍ନରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ବିଭାଗୀୟ ଅଧିକାରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନରେ ଯାଇ ପ୍ରକଳ୍ପ ନିର୍ମାଣର ମାନ ତଦାରଖ କରନ୍ତୁ । ପୂର୍ବ ନିର୍ଦ୍ଧାରିତ ସମୟସୀମା ଓ କାର୍ଯ୍ୟଗୁଡ଼ିକର ମାନକୁ ଭଲ ଭାବରେ ତଦାରଖ କରି ସନ୍ତୁଷ୍ଟ ହେଲାପରେ ଯାଇ ଉପଯୁକ୍ତ ପ୍ରାପ୍ୟ ମଞ୍ଜୁର କରିବାକୁ ମନ୍ତ୍ରୀ ଶ୍ରୀ ଅମାତ ପରାମର୍ଶ ଦେଇଛନ୍ତି । ଏହା ସହିତ ପାଇପ ବିଛାଇଲାବେଳେ ଯେଉଁ କଂକ୍ରିଟ ରାସ୍ତାଗୁଡ଼ିକୁ ଭଙ୍ଗା ଯାଉଛି ତାହାର ମରାମତି ଭାଙ୍ଗିବାର ୧୫ ଦିନ ମଧ୍ୟରେ ସଂପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦିଷ୍ଟ ଦିନ ମଧ୍ୟରେ ମରାମତି ନକଲେ ସେହି କମ୍ପାନୀ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସେ ନିର୍ଦ୍ଦେଶ ଦେଇଛନ୍ତି ।

ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସରକାରୀ ଦଳର ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ବରିଷ୍ଠ ବିଧାୟକ ଶଶିଭୂଷଣ ବେହେରା, ବିଧାୟକ ଧ୍ରୁବଚରଣ ସାହୁ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ନିର୍ମାଣାଧିନ ବିଭିନ୍ନ ପାନୀୟ ଜଳ ପ୍ରକଳ୍ପର ଅଗ୍ରଗତି ଓ ତତ୍ ସଂପର୍କିତ ସମସ୍ୟା ସଂପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡ଼ା ଜିଲ୍ଲାର ୧୪୧୭ଟି ଗ୍ରାମ ଓ ଜଗତସିଂହପୁର ଜିଲ୍ଲାର ୧୨୨୧ଟି ଗ୍ରାମ ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଉପକୃତ ହେବେ । କେନ୍ଦ୍ରାପଡ଼ା ଜିଲ୍ଲାରେ ୩୨୪୩୫୪ଟି ଗୃହରୁ ଅଦ୍ୟାବଧି ୧୮୨୨୦୭ଟି ଗୃହକୁ ପାନୀୟ ଜଳ ଯୋଗାଇ ଦିଆଯାଇଥିଲାବେଳେ ଜଗତସିଂହପୁର ଜିଲ୍ଲାର ୨୭୨୯୯୫ଟି ଗୃହ ମଧ୍ୟରୁ ଅଦ୍ୟାବଧି ୧୨୪୬୯୮ଟି ଗୃହକୁ ପାନୀୟ ଜଳ ଯୋଗାଇ ଦିଆଯାଇଛି । ବଳକା ଗୃହଗୁଡ଼ିକୁ ୨୦୨୪ ସୁଦ୍ଧା ପାନୀୟ ଜଳ ଯୋଗାଇଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ତାହାକୁ ଦୃଷ୍ଟିରେ ରଖି କାମଗୁଡ଼ିକୁ ଆଗେଇନେବାକୁ ମନ୍ତ୍ରୀ ଶ୍ରୀ ଅମାତ ପରାମର୍ଶ ଦେଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ୍ ର ୨୦୦ଟି ଗ୍ରାମରେ ନିରାପଦ ପାନୀୟଜଳ ଯୋଗାଣ ପାଇଁ ୨୪୧.୩୭ କୋଟି ଟଙ୍କା, ଆଳି ବ୍ଲକ୍ ରେ ୧୨୬ ଗ୍ରାମ ପାଇଁ ୧୧୩.୭୨ କୋଟି ଟଙ୍କା, ରାଜକନିକା ବ୍ଲକ୍ ?ର ୧୫୬ଟି ଗ୍ରାମ ପାଇଁ ୧୧୪.୧୯ କୋଟି ଟଙ୍କା ଏବଂ ଜଗତସିଂହପୁର ଜିଲ୍ଲାର ଏରସମା, ବାଲିକୁଦା ଓ ନୂଆଗାଁ ବ୍ଲକ୍ ଅନ୍ତର୍ଗତ ୯୦ଟି ଗ୍ରାମ ପାଇଁ ୧୪୨.୮୯ କୋଟି ଟଙ୍କା ଓ କୁଜଙ୍ଗ, ରଘୁନାଥପୁର, ତିର୍ତ୍ତୋଲ ଓ ଏରସମା ବ୍ଲକ୍ ର ୫୪୪ଟି ଗ୍ରାମ ପାଇଁ ୪୩୧.୧୧ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ମୁଖ୍ୟମନ୍ତ୍ରୀଙ୍କ ବହୁ ଆକାଂକ୍ଷିତ 'ପ୍ରତି ଘରକୁ ନିରାପଦ ପାନୀୟ ଜଳ' ସ୍ୱପ୍ନ ସାକାର ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ଅମାତ ପ୍ରକାଶ କରିଛନ୍ତି । ବୈଠକରେ ବିଭାଗୀୟ ବରିଷ୍ଠ ଅଧିକାରୀ, ଉଭୟ ଜିଲ୍ଲାର କ୍ଷେତ୍ର ଅଧିକାରୀ ଓ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବମାନେ ଯୋଗଦେଇଥିଲେ ।

# ନୂଆ ରୂପରେ ଉତ୍କଳ ମଣ୍ଡପ

ଭୁବନେଶ୍ୱର,୧୪/୦୯ (ନି.ପ୍ର): ଭୁବନେଶ୍ୱର ଉତ୍କଳ ସଂଗୀତ ମହାବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣ୍ଡପ ଏବେ ନୂଆ ରୂପରେ ସଜେଇ ହୋଇଛି । ଏହି ମଣ୍ଡପର ଏବେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସରିଛି । ଏଣିକି ଦର୍ଶକମାନେ ଏକ ଆକର୍ଷଣୀୟ ମଣ୍ଡପରେମନୋଜ୍ଞ ପରିବେଶ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ପାଇବେ । ରାଜ୍ୟ ସରକାରଙ୍କ ତରଫରୁ ୯୬ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାସ୍ତା ଓ କୋଠାବାଡି (ପୂର୍ତ) ବିଭାଗ ଦ୍ୱାରା ଏହି କାର୍ଯ୍ୟ ସମାପ୍ତ କରାଯାଇଛି । ଏଠାରେ ଯେପରି ସାଂସ୍କୃତିକ ଦଳମାନେ ନିଜକୁକାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି କରିପାରିବେ, ସେଥିପାଇଁ ମଂଚ ପଛପଟେ ଥିବା ୨ ଟି ବେସମେଂଟ ହଲ ଓ ଗ୍ରୀନରୁମ ଗୁଡିକର ଆଧୁନିକୀକରଣ କରାଯାଇଛି । ସବୁ ପ୍ରକୋଷ୍ଠରେ ସୁନ୍ଦର ସୁନ୍ଦର ଆକର୍ଷଣୀୟ ଦର୍ପଣ ଲଗାଯାଇଥିବାବେଳେ ଏଲ୍.ଇ.ଡି ଆଲୋକରେ ମଂଚ ସଜେଇହୋଇଛି । ନବୀକରଣ କରାଯାଇଥିବା ଏହି ଉତ୍କଳମଣ୍ଡପରେ ଏଣିକି ବିଭିନ୍ନ ସଂସ୍ଥା ଦ୍ୱାରା ସାଂସ୍କୃତିକ ଆୟୋଜନ କରିବା ସହଜ ହୋଇଛି । ଇଚ୍ଛୁକ ଅନୁଷ୍ଠାନମାନେ ଏଣିକି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅନ୍ ଲାଇନ୍ ଯୋଗେ ଉତ୍କଳ ମଣ୍ଡପ ବୁକିଂ କରିପାରିବେ ବୋଲି ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

ସୌନ୍ଦର୍ଯ୍ୟକରଣ କରାଯାଇଥିବା ଏହି ଉତ୍କଳ ମଣ୍ଡପକୁ ଆଜି ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ ବିଭାଗୀୟ ଅଧିକାରୀଙ୍କ ସମେତ ପରିଦର୍ଶନ କରିଥିଲେ । ପ୍ରକାଶ ଥାଉକି,ଚଳିତ ବର୍ଷ ଫେବୃୟାରୀ ୨୪ ତାରିଖରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଅଧିକ୍ଷଣ ଯନ୍ତ୍ରୀ , (ରାସ୍ତା ଓ କୋଠାବାଡି) ଡିଭିଜନ-୪, ନିର୍ମାଣସୌଧ, ଭୁବନେଶ୍ୱର ଓ ପ୍ରଖ୍ୟାତ ଓଡିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଅରୁଣା ମହାନ୍ତି ପ୍ରମୁଖ ପରିଦର୍ଶନ କରି ଏହାର ନବୀକରଣ ନିମନ୍ତେ ଉତ୍କଳମଣ୍ଡପ ପରିଦର୍ଶନ କରିଥିଲେ । ତଦନୁସାରେ ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ କୋଠାବାଡି (ପୂର୍ତ୍ତ) ବିଭାଗକୁ ଉତ୍କଳମଣ୍ଡପର ନବୀକରଣ କାର୍ଯ୍ୟ ପାଇଁ ଗତ ମଇ ୨ ତାରିଖରେ ହସ୍ତାନ୍ତର କରାଯାଇଥିଲା ଓ ଇତିମଧ୍ୟରେ ମଣ୍ଡପର ନବୀକରଣ କାର୍ଯ୍ୟ ସଂପାଦନ କରାଯାଇଛି ।

## ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳରେ କଂଗ୍ରେସର କର୍ମୀ ସମ୍ମିଳନୀ

ମାଲକାନଗିରି,୧୪/୦୯ (ନି.ପ୍ର): ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳରେ ଆଜି କଂଗ୍ରେସ ଦଳ ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱାଭିମାନ ଅଂଚଳର ଶତାଧିକ ଆଦିବାସୀ ଏକାଠି ହୋଇ ସ୍ୱାଭିମାନ ଅଂଚଳର ସମସ୍ୟା ବିଷୟ ନେଇ ଦୁଃଖ ପ୍ରକାଶ କରିଥିଲେ । ଲୋକେ କହିବା ଅନୁଯାଇ (ନାଁ ଏଠି ସ୍ୱାଭିମାନ କିନ୍ତୁ ଲୋକେ ହେଉଛନ୍ତି ହୀନମାନ) । ଏଣୁ ବିଭିନ୍ନ ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଡାବୁଗାଁ କଂଗ୍ରେସ ବିଧାୟକ ଭୁଜବଳ ମାଝୀ, ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ଉପ ସଭାପତି ଭିମା ବାର୍ଷେ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଇସାକ ଖୋସଲା. ଜିଲ୍ଲା କଂଗ୍ରେସ ଏସସି ସେଲ ସଭାପତି ଧନୁର୍ଜୟ ହନ୍ତାଳ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ମଙ୍ଗୁ ଖିଲ, ବାଲିମେଳା ନଗର କଂଗ୍ରେସ ସଭାପତି ସୁରେଶ ଖୋସଲା, ବରିଷ୍ଠ କଂଗ୍ରେସ ନେତା ଶରତ ଚନ୍ଦ୍ର ବୁରୁଦା, ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ଶିବାନୀ ବେହେରା ଏବଂ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ ।

# ଗୋମହିଷାଦିଙ୍କୁ ଚର୍ମବିଣ୍ଡି ରୋଗରୁ ରକ୍ଷା ପାଇଁ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ

ଭୁବନେଶ୍ୱର,୧୪/୦୯ (ନି.ପ୍ର): ଉଳରଭାରତର କିଛି ରାଜ୍ୟରେ ଗୋମହିଷାଦି ଚର୍ମବିଣ୍ଡି ରୋଗରେ ଆକ୍ରାନ୍ତ ହୋଇଥିବା ପରିପ୍ରେକ୍ଷୀରେ ଓଡ଼ିଶାରେ ଏହି ରୋଗ ବ୍ୟାପିବାକୁ ପ୍ରତିରୋଧ କରିବା ଦିଗରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପରାମର୍ଶ କ୍ରମେ ବିଭାଗ ପକ୍ଷରୁ ଆଗୁଆ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି ।

ଏହି ପରିପ୍ରେକ୍ଷୀରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଚର୍ମବିଣ୍ଡି ରୋଗ ନିୟନ୍ତ୍ରଣ ଓ ପ୍ରତିରୋଧ ନିମନ୍ତେ ରାଜ୍ୟର ସୀମାବର୍ତୀ ଜିଲ୍ଲାର ମୁଖ୍ୟ ଜିଲ୍ଲା ପ୍ରାଣୀଚିକିତ୍ସା ଅଧିକାରୀମାନଙ୍କୁ ପତ୍ର ଲେଖି ବିଭାଗ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ବାଲେଶ୍ୱର, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା, ଗଞ୍ଜାମ, ଗଜପତି, ନୂଆପଡ଼ା, ସୁନ୍ଦରଗଡ଼, ବରଗଡ଼, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଚର୍ମବିଣ୍ଡି ରୋଗର ଲକ୍ଷଣ ଓ ପ୍ରତିଷେଧକ ବ୍ୟବସ୍ଥା ସଂପର୍କରେ ବ୍ୟାପକ ପ୍ରଚାର ଓ ଜନସଚେତନତା କରିବାକୁ ସିଡ଼ିଭିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହିସବୁ ଜିଲ୍ଲାରେ ରାଜ୍ୟ ସୀମାର ୫ କିମି ପରିଧି ମଧ୍ୟରେ ଥିବା ସୀମାବର୍ତୀ ବ୍ଲକ୍ ଓ ଗ୍ରାମଗୁଡ଼ିକୁ ଚିହ୍ନଟ କରି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ କୁହାଯାଇଛି । ପ୍ରାଣୀମାନଙ୍କ ମଧ୍ୟରେ ରୋଗ ସଂକ୍ରମଣକୁ ରୋକିବା ପାଇଁ ଆବଶ୍ୟକ ଔଷଧ ପ୍ରୟୋଗର ବ୍ୟବସ୍ଥା ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ପ୍ରଶାସନକୁ ଆନ୍ତରାଜ୍ୟ ଗୋମହିଷାଦିର ପରିବହନ ଉପରେ କଟକଣା ଲାଗୁ କରିବା ପାଇଁ ପରାମର୍ଶ ଦିଆଯାଇଛି । ଗୋମହିଷାଦିର ବ୍ୟବସାୟ ଓ ପ୍ରାଣୀମେଳା, ପ୍ରଦର୍ଶନୀ ଆଦିକୁ ସାମୟିକ ଭାବେ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ରୋଗ ପ୍ରତିଷେଧକ ଭ୍ୟାକ୍‌ସିନ୍ ସଂଗ୍ରହ କରାଯାଇଛି ଓ ଆବଶ୍ୟକ ହେଲେ ସୀମାବର୍ତୀ ବ୍ଲକ୍ ଗୁଡ଼ିକୁ ବଂଟନ କରାଯିବ ।

ଏଥି ସହିତ ପ୍ରାଣୀଚିକିତ୍ସାରେ ସଂପୃକ୍ତ ଭେଟ୍, ପାରାଭେଟ୍, ଗୋମିତ୍ର, ପ୍ରାଣୀମିତ୍ର ଏବଂ ପଂଚାୟତିରାଜ ପ୍ରତିନିଧିମାନଙ୍କୁ ଚର୍ମବିଣ୍ଡି ରୋଗ ଏବଂ ଏହାର ପ୍ରତିଷେଧକ ଓ ଚିକିତ୍ସା ବ୍ୟବସ୍ଥା ବିଷୟରେ ସଚେତନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗୁହାଳ ଏବଂ ଗୋରୁମହିଷାଦି ରହୁଥିବା ସ୍ଥାନକୁ ନିୟମିତ ବିଶୋଧନ କରିବା ପାଇଁ କୁହାଯାଇଛି ।

ଯଦି କୌଣସିଠାରେ ଗୋମହିଷାଦିଙ୍କ ମଧ୍ୟରେ ଚର୍ମବିଣ୍ଡି ରୋଗ ଦେଖାଯାଏ, ତେବେ ପ୍ରଭାବିତ ଗୋମହିଷାଦିଙ୍କୁ ତୁରନ୍ତ ଅନ୍ୟମାନଙ୍କଠାରୁ ପୃଥକ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସବୁ ପ୍ରଭାବିତ ପଶୁ ସୁସ୍ଥ ହେବା ପର୍ଯ୍ୟନ୍ତ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ନିୟମିତ ପ୍ରଭାବିତ ଫାର୍ମ ପରିଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ସନ୍ଦେହ ହେଉଥିବା ପ୍ରାଣୀର ନମୁନା ସଂଗ୍ରହ କରି ଡିଷ୍ଟ୍ରିକଫ ଡାଇଗ୍ନୋଷ୍ଟିକ୍ ଲାବେରୋଟୋରୀ କିମ୍ବା ପ୍ରାଣୀରୋଗ ଗବେଷଣା ପ୍ରତିଷ୍ଠାନର ପରୀକ୍ଷାଗାରକୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ଚର୍ମବିଣ୍ଡି ଏକ ଭୂତାଣୁଜନିତ ସଂକ୍ରମଣ ରୋଗ, ଯାହା ମଶା, ଡାଆଁଶ ଓ ଟିଙ୍କମାନଙ୍କ ଦ୍ୱାରା ବ୍ୟାପିଥାଏ । ପ୍ରଭାବିତ ପଶୁର ଘା, ରକ୍ତ, ଲାଳ, ସିଂଘାଣି ଓ ଶୁକ୍ର ଆଦି ଦ୍ୱାରା ଗୋଟିଏ ପଶୁରୁ ଅନ୍ୟ ପଶୁକୁ ବ୍ୟାପିଥାଏ । ଆକ୍ରାନ୍ତ ଗାଈଗୋରୁଙ୍କ ଶରୀରରେ ତାପମାତ୍ରା ବୃଦ୍ଧିଘଟି ଜ୍ୱର ହୋଇଥାଏ ଏବଂ ସେମାନେ ଚାଲିବାରେ କଷ୍ଟ ଅନୁଭବ କରିଥାନ୍ତି । ମୁଣ୍ଡ, ବେକ ଓ ପହ୍ଲା ଆଦିରେ ଆବୁ ବାହାରିବା ପରି ଫୁଲା ଦେଖାଯାଏ । ଆଶୁ ଚିକିତ୍ସା ଦ୍ୱାରା ଏହି ରୋଗ ସଂପୂର୍ଣ୍ଣ ଆରୋଗ୍ୟ ହୋଇଥାଏ । ତେଣୁ କୌଣସି ଅଂଚଳରେ ଏହି ରୋଗ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀଧନ ନିରୀକ୍ଷକ, ପ୍ରାଣୀ ଚିକିତ୍ସକ କିମ୍ବା ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ ଖବର ଦେବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି ।

# ୨୦୨୨-୨୩ ବର୍ଷରେ ଓଡ଼ିଶାରେ ୩୦୦ ବିଜୁ ସେତୁ ନିର୍ମାଣ ଲକ୍ଷ୍ୟ

ଭୁବନେଶ୍ୱର,୧୪/୦୯ (ନି.ପ୍ର): ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶାରେ ୩୦୦ ବିଜୁ ସେତୁ ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଲକ୍ଷ୍ୟ ହାସଲ କରିବା ନିମନ୍ତେ ମଙ୍ଗଳବାର ଗ୍ରାମ୍ୟ ନିର୍ମାଣ ଭବନରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଏକ ସମୀକ୍ଷା ବୈଠକ କରିଛନ୍ତି । ବୈଠକରେ ମନ୍ତ୍ରୀ ଶ୍ରୀ ଘଡ଼ାଇ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେତୁର ଗୁଣବତା ବଜାୟ ରଖିବା ଉପରେ ଗୁରୁତ୍ୱ ଦେବା ସହ ସେ ପ୍ରକଳ୍ପ ନିମନ୍ତେ ଥିବା ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଥିବା ସମସ୍ୟାର ତ୍ୱରିତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେତୁ ପ୍ରକଳ୍ପଗୁଡ଼ିକର ଅଗ୍ରଗତିର ସମୀକ୍ଷା ନେଇ ପ୍ରତ୍ୟେକ ମାସରେ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ ଶ୍ରୀ ଘଡ଼ାଇ ପ୍ରକାଶ କରିଛନ୍ତି ।

ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ କହିଛନ୍ତି ଯେ ସେତୁ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସଂପନ୍ନ କରିବାରେ ଉଭୟ ବିଭାଗୀୟ ଅଧିକାରୀ ଏବଂ ଏଜେନ୍ସୀଙ୍କ ସମାନ ଦାୟିତ୍ୱ ରହିଛି । ତେଣୁ ସମସ୍ତଙ୍କୁ ଦଳଗତ ମନୋଭାବ ନେଇ କାମ କରିବାକୁ ପଡ଼ିବ । ସମସ୍ତ ଯନ୍ତ୍ରୀମାନଙ୍କୁ କ୍ଷେତ୍ର ଗସ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନରେ ଥିବା ସମସ୍ୟାଗୁଡ଼ିର ସମାଧାନ କରି ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟରେ ସଂପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଜୁ ସେତୁ ପରି ଐତିହାସିକ ଯୋଜନାର ପରିକଳ୍ପନା କରିଥିଲେ । ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୧୩୯ଟି ବିଜୁ ସେତୁ ନିର୍ମାଣ ହୋଇଛି ଏବଂ ୨୦୨୩ ମାର୍ଚ୍ଚ ସୁଦ୍ଧା ଆହୁରି ୩୦୦ଟି ବିଜୁ ସେତୁ ନିର୍ମାଣ କରାଯିବ । ଏହି ସମୀକ୍ଷା ବୈଠକରେ ଗ୍ରାମ୍ୟ ଉନ୍ନୟନ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ, ଯନ୍ତ୍ରୀମୁଖ୍ୟ ପ୍ରଦୀପ ସାମଲ, କୋଠାବାଡ଼ି ଓ ସେତୁର ମୁଖ୍ୟଯନ୍ତ୍ରୀ ରମେଶ ଚନ୍ଦ୍ର ବେହେରା, ସ୍ୱତନ୍ତ୍ର ଶାସନ ସଚିବ ଇଂ ଅକ୍ଷୟ କୁମାର ପ୍ରଧାନ, ମୁଖ୍ୟଯନ୍ତ୍ରୀ(ରାସ୍ତା) ସଂଜୀବ ମହାନ୍ତିଙ୍କ ସମେତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ଏଜେନ୍ସୀମାନେ ଉପସ୍ଥିତ ଥିଲେ ।

## ଜନ ଶିକ୍ଷଣ ସଂସ୍ଥା ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

କେନ୍ଦ୍ରାପଡ଼ା,୧୪/୦୯ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ତିନିମୁହାଣୀ ସ୍ଥିତ ଜନ ଶିକ୍ଷଣ ସଂସ୍ଥା ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ବ୍ଲକରେ ଥିବା କେନ୍ଦ୍ର ମାନଙ୍କ ହିତାଧିକାରୀଙ୍କ ମଧ୍ୟରେ ସେଲଫି, ବକ୍ତୃତା, କୌଶଳ ଦକ୍ଷତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର ନିର୍ଦ୍ଦେଶକ ଆଶିଷ ରଞ୍ଜନ ସାହୁ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ସଂସ୍ଥାର ଅଧ୍ୟକ୍ଷ ଅଜୟ କୁମାର ଖୁଣ୍ଟିଆ, ପ୍ରଶିକ୍ଷିକା ପ୍ରଭାସିନୀ ରାଉତ, ବିଜୟଲକ୍ଷ୍ମୀ ପ୍ରତିହାରୀ, ପୁଷ୍ପାଞ୍ଜଳୀ ସାହୁ, ସୁଦିପ୍ତ ସୁନ୍ଦର କର, ଶଶି ଭୂଷଣ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ପୋକସୋ ଅଧିନିୟମ ଉପରେ ଆଇନ୍ ସଚେତନତା ଶିବିର

ଜୟପୁର,୧୪/୦୯ (ନି.ପ୍ର): ଜୟପୁର ଜିଲ୍ଲା ଆଇନ୍ ସେବାପ୍ରାଧିକରଣ ଜୟପୁର ଆନୁକୂଲ୍ୟରେ ଶ୍ରୀଅରବିନ୍ଦ ଇଂଟିଗ୍ରାଲ୍ ଏଜୁକେସନ କେନ୍ଦ୍ର ଇରିଗେସନ କୋଲନୀ ଜୟପୁର ଠାରେ ପୋକସୋ ଅଧିନିୟମ ଉପରେ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହେଇଥିଲା । ଏଥିରେ ଲୋକଅଦାଲତ ବିଚାରପତି ତଥା ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଜୟପୁର ସୁମନ ଜେନା ମୂଖ୍ୟ ଅତିଥି ହିସାବରେ ଯୋଗଦେଇଥିଲେ । ଏହା ବ୍ୟତୀତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୁଶ୍ରୀ ରାଜଶ୍ରୀ ଦାସ୍ ଏବଂ ସ୍ପେସିଆଲ୍ ପିପି ଡଃ. ଗାୟତ୍ରୀ ଦେବୀ, ଅରବିନ୍ଦ ସ୍କୁଲ୍ ର ସମ୍ପାଦକ ଚନ୍ଦ୍ରଶେଖର ମହାପାତ୍ର, ସଭାପତି ହରିହର ସାହୁ, ପ୍ରଧାନ ଶିକ୍ଷକ ନିରଞ୍ଜନ ନାୟକ ଏବଂ ସହ ଶିକ୍ଷୟିତ୍ରୀ ବୃନ୍ଦ ଉପସ୍ଥିତ ଥିଲେ ।

ଏହି ଶିବିରରେ ଛାତ୍ରଛାତ୍ରୀ ମାନଙ୍କୁ ପୋକ୍ସ ଅଧିନିୟମର ଆଇନ୍ ଅନୁସାରେ ରହିଥିବା ବିଭିନ୍ନ ଧାରା ଯାହାକି ବଳାତ୍କାର, ଅଶ୍ଳୀଳ ଇଙ୍ଗିତ କରିବା, ଖରାପ ଭାଷା ବ୍ୟବହାର କରିବା, ମହିଳା ପୀଡ଼ିତା, ଶିଶୁ ଯୌନନିର୍ଯ୍ୟାତନା ଇତ୍ୟାଦି, ତାହାର ଦଣ୍ଡ ବିଧାନ ଓ କାରାଦଣ୍ଡ ବିଷୟରେ ସଚେତନତା କରାଯାଇଥିଲା ।

## ଓଡ଼ିଆ ପ୍ରାଣ ଗୁରୁପ୍ରସାଦ...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ୧୯୯୭ ମସିହାରୁ ୨୦୨୦ ପର୍ଯ୍ୟନ୍ତ ଦୀର୍ଘ ୨୪ ବର୍ଷ ସେ ଅନୁଷ୍ଠାନର ସଭାପତି ଭାବେ ସୁଚାରୁ ରୂପେ କାର୍ଯ୍ୟ ସଂପାଦନ କରିଯାଇଛନ୍ତି। ଯେତେବେଳେ ଯେଉଁ ବିପଦ ଆପଦ ଏହି ଅନୁଷ୍ଠାନ ପାଇଁ ଆସିଛି ତାର ସମ୍ମୁଖୀନ ହେବା ପାଇଁ ସବୁବେଳେ ପ୍ରସ୍ତୁତ ହୋଇଛନ୍ତି।

ସମାଜ ସେବା ଛଡ଼ା ସାହିତ୍ୟ କ୍ଷେତ୍ରରେ ସେ ଯେଉଁ ସବୁ ପୁସ୍ତକ ସୃଷ୍ଟି କରିଯାଇଛନ୍ତି ତାହା ତାଙ୍କୁ କାଳଜୟୀ କରିବ। ତାଙ୍କର 'ମୋହନବଂଶୀ' ପୁସ୍ତକ ଆଧ୍ୟାତ୍ମିକ ସାହିତ୍ୟ କ୍ଷେତ୍ରରେ ଏକ ଉଲ୍ଲେଖଯୋଗ୍ୟ ରଚନା ଯାହା ହିନ୍ଦୀ ଏବଂ ବଙ୍ଗଳା ଭାଷାରେ ଅନୁଦିତ ହୋଇ ପାଠକୀୟ ଶ୍ରଦ୍ଧା ଲାଭ କରିଛି। ଓଡ଼ିଶାର ପାଣି, ପବନ, ମାଆ, ମାଟି, ମଣିଷ, ଭାଷା ସାହିତ୍ୟ, ସଂସ୍କୃତିକୁ ପ୍ରାଣ ଭରି ଭଲ ପାଉଥିବା ଜଣେ ମଣିଷ ହେଲେ ଗୁରୁପ୍ରସାଦ। ନିରାଡ଼ମ୍ବର ଜୀବନଶୈଳୀ, ଆଧ୍ୟାତ୍ମବାଦୀ, କୃଷ୍ଣଭକ୍ତ, ସାଧୁସନ୍ଥ ଭକ୍ତ, ଦାନଶୀଳ, ମଧୁରଭାଷୀ ସର୍ବଗୁଣ ସମ୍ପନ୍ନ ବ୍ୟକ୍ତି ହେଉଛନ୍ତି ଗୁରୁପ୍ରସାଦ। ଉତ୍କଳ ଜନନୀ ତାର ଜଣେ ସୁଯୋଗ୍ୟ ସନ୍ତାନକୁ ହରାଇ ନିରଳସ ପଦ ସେବାରୁ ବଞ୍ଚିତ ହୋଇଛି। ସେହି ପରୋପକାରୀ ଅହଂ ଶୂନ୍ୟ ମଣିଷଟିର ଆତ୍ମା ଯେ ବିଭୂପାଦରେ ଲୀନ ହେବ ଏଥିରେ କୌଣସି ସନ୍ଦେହ ନାହିଁ। ବନ୍ଦେ ଉତ୍କଳ ଜନନୀ।

ସଂପାଦକ, କଟକ ଲେଖକ ସହଯୋଗ ସମିତି,
ମୋ: ୯୨୩୮୬୩୨୭୫୦

## ମମତାଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗ ଏକ ଆଇନ ବିହୀନ ରାଜ୍ୟ : ରବିଶଙ୍କର ପ୍ରସାଦ

ନୂଆଦିଲ୍ଲୀ, ୧୪/୦୯ : ଭାରତୀୟ ଜନତା ପାର୍ଟି ବୁଧବାର ତୃଣମୂଳ କଂଗ୍ରେସ ଉପରେ ଆକ୍ରମଣ କରି କହିଛି ଯେ, ଗତକାଲି ପଶ୍ଚିମବଙ୍ଗରେ ଅତ୍ୟାଚାର ଏବଂ ରାଜନୈତିକ ହିଂସା ଚରମ ସୀମାରେ ପହଂଚିଛି । ବଙ୍ଗଳା ବୌଦ୍ଧିକ ପରମ୍ପରା, ସାଂସ୍କୃତିକ ପରମ୍ପରାର ଏକ ବିସ୍ତୃତ ଅଂଚଳ । କିନ୍ତୁ ମମତାଙ୍କ ନେତୃତ୍ୱରେ ଆଇନ ବିହୀନ ରାଜ୍ୟରେ ପରିଣତ ହୋଇଛି । ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେପି ନେତା ରବି ଶଙ୍କର ପ୍ରସାଦ କହିଛନ୍ତି ଯେ, ମମତା ବାନାର୍ଜୀ ବଙ୍ଗଳା ସୀମା ବାହାରେ ଗଣତନ୍ତ୍ରକୁ ବଂଚାଇବା ବିଷୟରେ କଥା କହନ୍ତି ଏବଂ ବଙ୍ଗଳା ଭିତରେ ଗଣତାନ୍ତ୍ରିକ ଅଧିକାରର ଉଲ୍ଲଂଘନ କରି ସମସ୍ତ ସୀମା ଅତିକ୍ରମ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଆଇଏଏସ୍ ସ୍ତରରେ....

ଅନୁସୂଚିତ ଜନଜାତି ବିଭାଗରେ ନିର୍ଦ୍ଦେଶିକା ଗୁହା ପୁନମ ତାପସ କୁମାରଙ୍କୁ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି ।ଏହାସହ ସେ ଓରମାସ୍ ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ରାଜ୍ୟ ସରକାର ଜାତୀୟ ସ୍ୱାସ୍ଥ୍ୟ ମିଶନରେ ମିଶନ ନିର୍ଦ୍ଦେଶିକା ଭାବେ ଓଏସ୍ଏମ୍ସିଏଲ୍ର ପରିଚାଳନା ନିର୍ଦ୍ଦେଶିକା ଡ. ବୃନ୍ଦା ଡି'ଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ସେହିପରି ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ଆଇଆରଟିଏସ୍ ଅଫିସର ସଞ୍ଜୟ କୁମାର ମିଶ୍ରଙ୍କୁ ଅତିରିକ୍ତ ଭାବେ ଓପିଟିସିଏଲ୍ ପରିଚାଳନା ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଦାୟିତ୍ୱ ନ୍ୟସ୍ତ ହୋଇଛି । ସେହିପରି ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ବରିଷ୍ଠ ଓଏଏସ୍ ସରୋଜ କୁମାର ମିଶ୍ରଙ୍କୁ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି । ସେ ପୂର୍ବଭଳି ଗୃହ ବିଭାଗର ସ୍ୱତନ୍ତ୍ର ସଚିବ(ପ୍ରୋଟୋକଲ)ର ଅତିରକ୍ତ ଦାୟିତ୍ୱ ତୁଲାଇବେ ।

### ଏଲିଜାବେଥଙ୍କ ଅନ୍ତିମ....

ପାଳନ କରିଛି। ରାଣୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଲାଲକିଲ୍ଲା ଓ ରାଷ୍ଟ୍ରପତି ଭବନ ସମେତ ଦେଶବ୍ୟାପୀ ଜାତୀୟ ପତାକା ଅର୍ଦ୍ଧନମିତ ରହିଥିଲା। ରାଣୀ ଏଲିଜାବେଥ ଦ୍ୱିତୀୟ ବ୍ରିଟେନର ରାଣୀ ଭାବେ ସର୍ବାଧିକ ବର୍ଷ କାର୍ଯ୍ୟ କରିଛନ୍ତି। ଗତ ୮ ତାରିଖରେ ତାଙ୍କର ପରଲୋକ ହୋଇଛି। ଏଥିପାଇଁ ବ୍ରିଟେନରେ ୧୦ ଦିନିଆ ରାଷ୍ଟ୍ରୀୟ ଶୋକ ଏବେ ପାଳନ କରାଯାଉଛି। ୭୦ ବର୍ଷ ଧରି ରାଣୀ ଆସନରେ ବସିବା ପରେ ୯୬ ବର୍ଷ ବୟସରେ ତାଙ୍କର ନିଧନ ହୋଇଥିଲା। ରାଣୀଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଚାର୍ଲସ ରାଜା ହୋଇଛନ୍ତି। ରାଣୀଙ୍କ ଶେଷକୃତ୍ୟ ସଂପନ୍ନ ହେବା ପର୍ଯ୍ୟନ୍ତ ଦେଶରେ ରାଷ୍ଟ୍ରୀୟ ଶୋକ ପାଳିତ ହେବ। ତାହାପରେ ବ୍ରିଟିସ ରାଜ ପରିବାର ଆଉ ୭ ଦିନ ଶୋକ ପାଳନ କରିବେ। ୱେଷ୍ଟମିନିଷ୍ଟର ଆବେ ନାମକ ଐତିହାସିକ ଚର୍ଚ୍ଚରେ ସାଧାରଣତଃ ବ୍ରିଟେନ ରାଜା ଓ ରାଣୀମାନଙ୍କର ରାଜ୍ୟାଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। କିନ୍ତୁ ମୃତ୍ୟୁପରେ ସେମାନଙ୍କ ଶରୀରକୁ ସବୁଦିନ ପାଇଁ ୱିଣ୍ଡସରର ସେଣ୍ଟ ଜର୍ଜ ଚାପେଲରେ ବିଶ୍ରାମ ଦିଆଯାଇଥାଏ। ରାଣୀଙ୍କ ଶେଷକୃତ୍ୟରେ ଯୋଗଦେବା ପାଇଁ ବିଶ୍ୱର ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟମାନଙ୍କୁ ଆମନ୍ତ୍ରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ରିଟେନର ପ୍ରଧାନମନ୍ତ୍ରୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଓ ରାଜନେତାମାନେ ଉପସ୍ଥିତ ରହିବେ।

### ପୁରୀରେ ବିଜେପିର....

ଆଟାକ୍ କରୁଛି ବିଜେପି ଠିକ ସେହି ଷ୍ଟାଇଲରେ ଓଡିଶାରେ ବି ଲଢ଼ିବାକୁ ରଣନୀତି ପ୍ରସ୍ତୁତ କରୁଛି ଦଳ । ସେପଟେ ଏହାକୁ ନେଇ ପ୍ରତିକ୍ରିୟା ରଖିଛି ବିଜେଡି । ପୁରୀରେ ପ୍ରଶିକ୍ଷଣ ଶିବିରରେ ଆଗାମୀ ରଣନୀତି ନେଇ ଚିନ୍ତନ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଛି । ଗୁରୁବାର ଶିବିରର ଶେଷଦିନରେ କ୍ଷେତ୍ରୀୟ ପ୍ରଭାରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଆସି ନେତାଙ୍କୁ ମାର୍ଗଦର୍ଶନ ଦେବେ । ଆଉ ଚଳିତ ମାସ ଶେଷରେ ଜେପି ନଡ୍ଡା ଓଡିଶା ଆସିବା ପରେ ଆହୁରି ଆକ୍ରମଣାତ୍ମକ ହେବାକୁ ରଣନୀତି ପ୍ରସ୍ତୁତ କରିପାରନ୍ତି ।

## ଶାଣଦେଇରେ ଶୁଭୁନାହିଁ ଆଉ ମହାବଳର ହେଣ୍ଟାଳ

ଉଦଳା, ୧୪/୦୯ (ନି.ପ୍ର): ଶିମିଳିପାଳର ପାଦଦେଶରେ ଥିବା ଶାଣଦେଇ ଜଙ୍ଗଲରେ କିଛି ବର୍ଷ ପୂର୍ବେ ମହାବଳ ବାଘ ନିର୍ଭୟରେ ବିଚରଣ କରୁଥିଲେ । କିନ୍ତୁ ଗ୍ରାମବାସୀ ମାନେ ଗମନା ଗମନର ସୁବିଧା ପାଇଁ ଏହି ଜଙ୍ଗଲ ମଧ୍ୟ ଦେଇ ରାସ୍ତା ନିର୍ମାଣ କଲେ । ଫଳରେ ଉକ୍ତ ସ୍ଥାନଟି ମହାବଳଙ୍କ ପାଇଁ ଆଉ ନିରାପଦ ହୋଇ ରହିଲା ନାହିଁ । ଏବେ ଏଠାରେ ଆଉ ମହାବଳ ଆଦୌ ଦେଖିବାକୁ ମିଳୁ ନାହାଁନ୍ତି । ଶିମିଳିପାଳରେ ଜୀବଜନ୍ତୁଙ୍କ ସୁରକ୍ଷା ଓ ଏହାର ସୌନ୍ଦର୍ଯ୍ୟବୃଦ୍ଧି ପାଇଁ ଉକ୍ତ ଅଭୟାରଣ୍ୟ ମଧ୍ୟକୁ ଚାଲିଥିବା ରାସ୍ତା ନିର୍ମାଣକୁ ପ୍ରଥମେ ବନ୍ଦ କରାଯିବା ଉଚିତ ବୋଲି ବହୁ ପ୍ରକୃତି ପ୍ରେମୀ ମତ ଦେଇଛନ୍ତି ।

## ପଦ୍ମଶ୍ରୀ ପୁରସ୍କାର ପାଇଁ ଆବେଦନକୁ ନେଇ ଚର୍ଚ୍ଚା : ପ୍ରଶାସନ ପାଇଁ ଚ୍ୟାଲେଞ୍ଜ

ଭଦ୍ରକ,୧୪/୦୯ (ନି.ପ୍ର): ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ସମୟରେ ପ୍ରତିଭାଧାରୀଙ୍କୁ ବିଭନ୍ନ ପୁରସ୍କାର ଦେଇ ସମ୍ମାନିତ କରିଥାଆନ୍ତି। ଏହି ସବୁ ସମ୍ମାନ ମଧ୍ୟରେ କେନ୍ଦ୍ର ସରକାର ପ୍ରଦାନ କରୁଥିବା ପଦ୍ମଶ୍ରୀ ପୁରସ୍କାର ଅନ୍ୟତମ। କେନ୍ଦ୍ର ସରକାର ଏହି ପୁରସ୍କାର ପାଇଁ ଆବେଦନ ପତ୍ର ଗ୍ରହଣ କରୁଛନ୍ତି। ଯାହାକୁ ଜିଲ୍ଲା ପ୍ରଶାସନ ଅନୁମୋଦନ ଓ ସୁପାରିଶ କରିବେ। ତେବେ ଏହି ଆବେଦନକୁ ନେଇ ଏବେ ଜିଲ୍ଲାରେ ଚର୍ଚ୍ଚା ଚାଲିଛି। ଆବେଦନକାରୀଙ୍କ ବାସ୍ତବିକ ଯୋଗ୍ୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେତେକ ଆବେଦନ କାରୀ ଜାଲ ପ୍ରମାଣପତ୍ର ଯୋଗାଡ କରି ତାହାକୁ ଦାଖଲ କରିଥିବା ମଧ ଶୁଣିବାକୁ ମିଳିଛି। ଅତୀତରେ ରାଜ୍ୟ ସରକାର ଏବଂ ସାହିତ୍ୟ ଏକାଡେମୀଙ୍କ ବିରୁଦ୍ଧରେ କୋର୍ଟରେ ପୁରସ୍କାରକୁ ନେଇ ମାମଲା ବିଚାରାଧୀନ ରହିଛି। ସୂଚନାଯୋଗ୍ୟ ଯେ ଅତୀତରେ ପ୍ରଖ୍ୟାତ ଔପନ୍ୟାସିକ ଚନ୍ଦ୍ରଶେଖର ରଥ ଜଣେ ଅଭିଜ୍ଞ ସରକାରୀ କଲେଜର ଅଧ୍ୟକ୍ଷ ଥାଇ ବହୁ ଉପାଦେୟ ପୁସ୍ତକର ରଚନା କରିଛନ୍ତି। ଯାହାଙ୍କ ପୁସ୍ତକ 'ଅସୂର୍ଯ୍ୟ ଉପନିବେଶ'ର ଇଂରାଜୀ ଅନୁବାଦ ମଧ ହୋଇଛି। ସେହିଭଳି ଜଣେ ବିଜ୍ଞ ପ୍ରାଜ୍ଞ ପୁରୁଷଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ସେ ଅନ୍ତିମ ଶଯ୍ୟାରେ ଶଯ୍ୟାଶାୟୀ ଥିଲେ। ପୁରସ୍କାର ପାଇବା ପରେ ତାଙ୍କ ପୁତ୍ର ପୁରସ୍କାର ନେଇ ତାଙ୍କୁ ପ୍ରଦାନ କଲାବେଳେ କେବଳ ସେ ଖୋଲା ଆକାଶକୁ ଚାହିଁ ଟିକିଏ ଶୁଖିଲା ହସ ହସିଥିଲେ। ପୁରସ୍କାରର ଖୁସି ସେ ଉପଲବ୍ଧି କରି ପାରି ନଥିଲେ। ସେହିଭଳି ମର୍ଯ୍ୟାଦାଜନକ ପଦ୍ମଶ୍ରୀ ପୁରସ୍କାର ପାଇଁ ପ୍ରକୃତ ଦାବିଦାର ଚୟନ କରିବା ଏବେ ପ୍ରଶାସନର ମୁଣ୍ଡବଥାର କାରଣ ପାଲଟିଛି। ପ୍ରଶାସନ କେତେ ସ୍ୱଚ୍ଛତା ଅବଲମ୍ବନ କରୁଛି ତାହା କେବଳ ଦେଖିବାକୁ ବାକି ରହିଛି। ଉପଯୁକ୍ତ ଆବେଦନକାରୀଙ୍କୁ ପ୍ରଶାସନ ସୁପାରିଶ କରୁ ବୋଲି ବ୍ଲକ କଳା, ସଂସ୍କୃତି, ସଂଘର ଉପସଭାପତି ଚାନ୍ଦବାଲି ବ୍ଲକ - ତ୍ରିଲୋଚନ ପଣ୍ଡା, ଭଦ୍ରକ ବ୍ଲକ - ପ୍ରଶାନ୍ତ କୁମାର ବେହେରା, ନରେନ୍ଦ୍ର ପ୍ରସାଦ ପରିଡା, ବନ୍ତ ବ୍ଲକ- ଲକ୍ଷ୍ମଣ ଚରଣ ରାଉତ, ଭଣ୍ଡାରିପୋଖରୀ ବ୍ଲକ - ରବିନ୍ଦ୍ର କୁମାର ଯେନା ପ୍ରମୁଖ ଦାବି କରିଛନ୍ତି।

## ବସ୍ତାରେ ଅହିଂସା ରଥକୁ ସମ୍ବର୍ଦ୍ଧନା



ବସ୍ତା, ୧୪/୦୯ (ନି.ପ୍ର): ଆଜି ବସ୍ତାରେ ଅହିଂସା ରଥକୁ ଭବ୍ୟ ସମ୍ବର୍ଧନା ସଦାନନ୍ଦପୁର GP ଓ ବସ୍ତା ବଜାର ବାସୀଙ୍କ ତରଫରୁ ସରପଞ୍ଚ ରଚିତା ମହାନ୍ତି ଓ ସମିତି ସଦସ୍ୟା ମଧୁସ୍ମିତା କର ବସ୍ତା ବଜାରସ୍ଥିତ ତାରିଣୀଛକ ଠାରେ ସ୍ୱାଗତ ସମ୍ବର୍ଧନା ପ୍ରଦାନ କରିଥିଲେ। ଏହି ମହାଉତ୍ସବରେ ବସ୍ତା ବିଜେଡିର ବରିଷ୍ଠ ନେତା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମାପ୍ରସାଦ ବେହେରା, ପୁର୍ବତନ ସରପଞ୍ଚ ତଥା ବ୍ଲକ ସଭାପତି ଅନୀଲ ମହାନ୍ତି, ବିରଷ୍ଠ ନେତା ଶଙ୍କର କର, ବିରାଜ ସଂ ଦେଓ, ଦେବାଶିଶ କର, ରିଙ୍କୁ ଦେ, ମୟାଧର ବେହେରା, ନାରାୟଣ ସାହୁ, ଅରବିନ୍ଦ ପ୍ରମାଣିକ, ସେଖ ସଲାଉଦ୍ଦିନ, ଟୁକୁ ସେଠୀ, ପଦୀପ ବେହେରା, ଅଜୟ ଦେ, ଗଦାଧର ପାତ୍ର ବିଜୟ ବିଶ୍ୱାଳ ଓ ସ୍ଥାନୀୟ ମିଶନ ଶକ୍ତିର ମହିଳା ଗଣ ତଥା ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଦେବ ଓ ସୁଶାନ୍ତ ପ୍ରଧାନ ପ୍ରମୁଖ।

## ଗାଈ ଗୋରୁଙ୍କୁ ବ୍ୟାପୁଥିବା ଲମ୍ପି ସ୍କିନ ରୋଗକୁ ନେଇ ଆଲର୍ଟ ଜାରୀ କଲା ପ୍ରାଣୀ ସମ୍ପଦ ବିଭାଗ

ଭୁବନେଶ୍ୱର, ୧୪/୦୯ (ନି.ପ୍ର): ବିଭିନ୍ନ ରାଜ୍ୟରେ ଗାଈ ଗୋରୁ ମଇଁଷି ମାନଙ୍କ ଦେହରେ ଦେଖା ଦେଉଥିବା ଚର୍ମ ରୋଗ ବା ଲମ୍ପି ସ୍କିନ ରୋଗ ରୋଗ ବ୍ୟାପିବା ପରେ ଓଡିଶା ସରକାର ସତର୍କ ହୋଇଛନ୍ତି । ରାଜ୍ୟ ସରକାରଙ୍କ ପ୍ରାଣୀ ସମ୍ପଦ ବିଭାଗର ସଚିବ ଅରବିନ୍ଦ ପାଢ଼ୀ ୧୪ ଟି ଜିଲ୍ଲା କୁ ପତ୍ର ଲେଖି ଆଲର୍ଟ କରିଛନ୍ତି । ଏହି ଜିଲ୍ଲା ଗୁଡିକ ମଧ୍ୟରେ ବାଲେଶ୍ୱର, ଝାରସୁଗୁଡା, କେନ୍ଦୁଝର, ମୟୁରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା, ଗଞ୍ଜାମ, ଗଜପତି, ନୂଆପଡା, ସୁନ୍ଦରଗଡ, ବରଗଡ଼, କଳାହାଣ୍ଡି, କୋରାପୁଟ, ମାଲକାନଗିରି ସାମିଲ ରହିଛି । ଏହି ଆଲର୍ଟ ଜାରୀ କରା ଯିବା ସହ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରା ଯାଇଛି । ଆନ୍ତରାଜ୍ୟ ଗୋ ମଇଁଷି ପରିବହନ ଉପରେ କଟକଣା ଲଗାଇବା ସହ - ପ୍ରାଣୀମେଳା ଓ ପ୍ରଦର୍ଶନୀ ଉପରେ ରୋକ ଲଗା ଯିବା କଥା ଏଥିରେ ଉଲ୍ଲେଖ ରହିଛି । ସେହି ସୀମାବର୍ତୀ ଜିଲ୍ଲା ଓ ବ୍ଲକ ଉପରେ ବିଶେଷ ଧ୍ୟାନ ଦେବାକୁ ଏହି ପତ୍ରରେ ଉଲ୍ଲେଖ କରା ଯାଇଛି ।

## ଚକଜୁନୀରେ ଭାଗବତ ଜନ୍ମ ମହୋତ୍ସବ ଓ ବାର୍ଷିକ ଉତ୍ସବ ପାଳିତ

ଜଳେଶ୍ୱର, ୧୪/୯(ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ପଂଚାୟତର ଚକଜୁର୍ନୀ ଗାଁରେ ଶ୍ରୀରାଧାକୃଷ୍ଣ ଭାଗବତ ଟୁଙ୍ଗିରେ ଶ୍ରୀମଦ୍ ଭାଗବତ ମହାପୁରାଣର ଜନ୍ମ ମହୋତ୍ସବ ଓ ଟୁଙ୍ଗୀର ବାର୍ଷିକ ଉତ୍ସବ ପାରମ୍ପରିକ ରିତିରେ ଅନୁଷ୍ଠିତ ହୋଇ ଯାଇଛି । ଆୟୋଜିତ ସଭାରେ ଅଧ୍ୟାପକ କାର୍ତ୍ତିକେଶ୍ୱର ପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ ଆଧ୍ୟାତ୍ମିକ ଚିନ୍ତା ଚେତନା ମଧ୍ୟରେ ପ୍ରତ୍ୟେକଙ୍କର ସର୍ବାଙ୍ଗିନ ଉନ୍ନତି ହୋଇଥାଏ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ପ୍ରବଚକ ଗୌରାଙ୍ଗ ଚରଣ ପରିଡା ଯୋଗ ଦେଇ ଭାଗବତ ଟୁଙ୍ଗୀ ଦ୍ୱାରା ଅନ୍ୟମାନଙ୍କ ଠାରେ ଆଧ୍ୟାତ୍ମୀକ ବାର୍ତ୍ତା ପହଞ୍ଚି ପାରୁଥିବା ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡା. ପଦ୍ମନାଭ ପ୍ରଧାନ, ହରିପଦ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସଂପାଦକ ଲକ୍ଷ୍ମୀଧର ଦେ ଅତିଥି ପରିଚୟ କରିଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ରଜେନ୍ଦ୍ର ସାମଲ ଓ ରମେଶ ଚନ୍ଦ୍ର ଦାସ ପାଲାଗାନ କରିଥିଲେ । ଶ୍ରୀପତି ପ୍ରଧାନ ଧନ୍ୟବାଦ ଦେଇଥିବା ବେଳେ ଟୁଙ୍ଗୀର ସଭାପତି ଲେଲିନ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ବରିଷ୍ଠ ସାମ୍ବାଦିକ ଗୋପୀନାଥ ରଣାଙ୍କ ପରଲୋକ



ବାଲେଶ୍ୱର,୧୪/୦୯ (ନି.ପ୍ର): ଦୀର୍ଘଦିନ ଧରି କିଡ଼ନୀ ରୋଗରେ ପୀଡ଼ିତ ଥିବା ବରିଷ୍ଠ ସାମ୍ବାଦିକ ଗୋପୀନାଥ ରଣାଙ୍କର ୬୦ ବର୍ଷ ବୟସରେ ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁ ଖବର ପ୍ରଚାର ହୋଇଯିବା ପରେ ବୁଧବାର ସକାଳେ ବାଲେଶ୍ୱରର ସାମ୍ବାଦିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମାଣିଖମ୍ବସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ବେଳକୁ ସହଧର୍ମିଣୀ ବବିତା ରଣା, କନ୍ୟା ପ୍ରାଚୀପ୍ରଭା ରଣା, ସୁଚିପଭା ରଣା, ରଚିପ୍ରଭା ରଣା ଓ ସ୍ମୃତିପ୍ରଭା ରଣା, ସାନଭାଇ ଅଶୋକ ରଣା, ଭାଇବୋହୂ ବିନ୍ଦୁ ରଣା, ପୁତ୍ର ହିତେଶ ରଣା ଓ ଯୋଗେଶ ରଣା ପ୍ରମୁଖ ଉପସ୍ଥିତ ଥିଲେ ।ଏକ ଶୋକାକୁଳ ପରିବେଶ ମଧ୍ୟରେ ବାଲିଘାଟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପିତା ହରେକୃଷ୍ଣ ରଣା ଓ ମାତା ଭାଷାମଣିଙ୍କ ସୁପୁତ୍ର ଭାବେ ସେ ୧୯୬୨ ମସିହାରେ ଜନ୍ମଗ୍ରହଣ କରିଥିଲେ। ଶିକ୍ଷାଗ୍ରହଣ ପରେ ଚାକିରି ପ୍ରତି ଆଗ୍ରହୀ ନହୋଇ ସାମ୍ବାଦିକତା ପ୍ରତି ମନ ବଳାଇଥିଲେ। ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟ କରିବା ସହ ଗତ କିଛିବର୍ଷ ଧରି ସେ ହିନ୍ଦୀ ନ୍ୟୁଜ ଚ୍ୟାନେଲ 'ଆଜତକ'ର ବାଲେଶ୍ୱର ପ୍ରତିନିଧି ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଭଳି ଜଣେ ନିର୍ଭୀକ, ପରୋପକାରୀ, ଦରଦୀ ତଥା ମେଳାପୀ ବ୍ୟକ୍ତିତ୍ୱଙ୍କର ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

## ଅହମ୍ମଦାବାଦରେ ଲିଫ୍ଟ ଭୁଶୁଡ଼ିବାରେ ୬ ଜଣ ଶ୍ରମିକ ମୃତ, ୨ ଆହତ

ଅହମ୍ମଦାବାଦ, ୧୪/୦୯ (ନି.ପ୍ର): ଗୁଜୁରାଟର ଅହମ୍ମଦାବାଦସ୍ଥିତ ଗୁଜୁରାଟ ବିଶ୍ୱବିଦ୍ୟାଳୟ ନିକଟରେ ଏକ ନିର୍ମାଣଧିନ କୋଠାର ଲିଫ୍ଟ ଭୁଶୁଡ଼ି ପଡ଼ିବାରୁ ୬ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ବୁଧବାର ସକାଳ ପ୍ରାୟ ୯.୩୦ ସମୟରେ ଏହି ଦୁର୍ଘଟଣା ଘଟିଛି। ନିର୍ମାଣାଧିନ ଏହି କୋଠାର ନାମ ହେଉଛି ଏସ୍ୱାୟର-୨, ଯାହା ୧୩ ମହଲା । ଏହାର ସପ୍ତମ ମହଲାରେ ନିର୍ମାଣ କାର୍ଯ୍ୟ ଚାଲିଥିଲା ଏବଂ ଲିଫ୍ଟ ମାଧ୍ୟମରେ ସାମଗ୍ରୀ ଯୋଗାଣ କରାଯାଉଥିଲା । ଏହି ସମୟରେ ହିଁ ଦୁର୍ଘଟଣା ଘଟିଥିଲା । ଲିଫ୍ଟ ୧୩ତମ ମହଲାରୁ ଖସିଗଲା, ଯେଉଁଥିରେ ସପ୍ତମ ମହଲାରେ କାମ କରୁଥିବା ଶ୍ରମିକମାନେ ଆସିଥିଲେ । ଘଟଣାସ୍ଥଳରେ ନିର୍ମାଣ କାର୍ଯ୍ୟକୁ ଦେଖୁଥିବା ସୁପରଭାଇଜର ଏବଂ ଅନ୍ୟ ଲୋକମାନେ ଦୁର୍ଘଟଣା ଘଟିବା ମାତ୍ରେ ବଲ୍ବ ଏବଂ ଫ୍ୟାନ ଛାଡ଼ି ଅଫିସରୁ ପଳାଇ ଯାଇଥିଲେ। ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ ଅହମ୍ମଦାବାଦ ଜିଲ୍ଲାର ଘୋଗମ୍ବା ଅଂଚଳରେ ବାସିନ୍ଦା ଥିଲେ ।

## କୁମ୍ଭକାର ସମାଜକୁ ଏକତା ସୂତ୍ରରେ ବାନ୍ଧି ରଖିଛି କରମ ପୂଜା : ମହାଶକ୍ତି ଯୁବକ ସଂଘ



ଉଦଳା, ୧୪/୦୯ (ନି.ପ୍ର): ଉଦଳା ସହରର ୱାର୍ଡ ନଂ-୭(ନାଗବଣୀ)ରେ ଥିବା କୁମ୍ଭାର ସାହି ଠାରେ ପ୍ରତିବର୍ଷ ପରି ଚଳିତ ବର୍ଷ ଆନନ୍ଦ ଉଲ୍ଲାସ ମଧ୍ୟରେ କରମ ପୂଜା ଅନୁଷ୍ଠିତ ହୋଇ ଯାଇଛି । ମହାଶକ୍ତି ଯୁବକ ସଂଘ ଓ ସ୍ଥାନୀୟ ବାସିନ୍ଦାଙ୍କ ଉଦ୍ୟମରେ କରମ ପୂଜା ପରେ ମାଦଳର ତାଳେ ତାଳେ ଝୁମର ଗୀତ ଓ ନୃତ୍ୟ ପରିବେଷିତ ହୋଇଥିଲା । ଚଳିତ ବର୍ଷ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ ଯଥାକ୍ରମେ ମୁଖ୍ୟ ଅତିଥି , ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ସଂଗୀତ, ନୃତ୍ୟ ଓ ପରମ୍ପରା କିପରି ଆମ ସମାଜକୁ ସମୃଦ୍ଧ କରି ଗଢ଼ି ତୋଳିବା ସହିତ ଦେଶ ଗଠନରେ ସହାୟକ ହୋଇଥାଏ ବିସ୍ତୃତ ବର୍ଣ୍ଣନା କରିଥାଏ । ଯୁବକ ସଂଘର ସମ୍ପାଦକ ରାମଚନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିବା ସହିତ କରମ ପୂଜା ସମଗ୍ର ଓଡ଼ିଶାରେ କୁମ୍ଭକାର ମାନଙ୍କୁ ଏକତା ସୂତ୍ରରେ କିପରି ବାନ୍ଧି ରଖିଛି ବ୍ୟକ୍ତ କରିଥିଲେ । ସଭାପତି ସୁରେନ୍ଦ୍ର ବେହେରା କୁମ୍ଭକାର ସମ୍ପ୍ରଦାୟରେ ବର୍ଷସାରା ମଧ୍ୟରେ ଦୁଇଟି ଉତ୍ସବ ପାଳିତ ହୋଇଥାଏ, ସେଥିରୁ ଗୋଟିଏ ହେଲା କରମ ପୂଜା ଓ ଅନ୍ୟଟି କୁରାଳ ପଞ୍ଚମୀ ବୋଲି କହିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ହିନ୍ଦୀ ଦିବସ ଓ ସବୁଜକବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଜୟନ୍ତୀରେ ପୁସ୍ତକ ପ୍ରଦର୍ଶନୀ

ଭୁବନେଶ୍ୱର,୧୪/୦୯ (ନି.ପ୍ର): ହିନ୍ଦୀ ଦିବସ ଓ ସବୁଜକବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ୧୧୮ତମ ଜୟନ୍ତୀ ଅବସରରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପିକା ଡଃ ମନୋରମା ବିଶ୍ୱାଳ ମହାପାତ୍ର ଯୋଗଦେଇ ନିଜ ବକ୍ତବ୍ୟରେ ହିନ୍ଦୀ ଭାଷା ଆମ ରାଷ୍ଟ୍ରଭାଷା ଓ ଓଡ଼ିଆ ମାତୃଭାଷା । ସମସ୍ତେ ମାତୃଭାଷା ଓ ରାଷ୍ଟ୍ରଭାଷାକୁ ଆପଣେଇ ନେଲେ ଆମର ସାହିତ୍ୟ ଓ ସଂସ୍କୃତି ଅଧିକ ବିକଶିତ ହୋଇପାରିବ । ପ୍ରତ୍ୟେକ ନିଜ ପରିବାରର ସନ୍ତାନମାନଙ୍କୁ ହିନ୍ଦୀ ଓ ଓଡ଼ିଆ ଭାଷା କହିବା, ପଢ଼ିବା, ଲେଖିବାକୁ ପ୍ରୋତ୍ସାହିତ କରିବା ଆବଶ୍ୟକ । ସେହିଭଳି ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଓଡ଼ିଆ ସାହିତ୍ୟକୁ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରି ତାଙ୍କ ସାହିତ୍ୟ କୃତିକୁ ଆଲୋଚନା କରିଥିଲେ ।

## ଓଡିଶାର ପ୍ରଥମ ଇଫକୋ ନାନୋ ଫର୍ଟିଲାଇଜର ପ୍ଲାଂଟର ଜନଶୁଣାଣୀ ଅନୁଷ୍ଠିତ



ପାରାଦୀପ, ୧୪/୦୯ (ନି.ପ୍ର): ଇଫକୋ ପାରାଦୀପ ୟୁନିଟ୍ ପରିସରରେ ପ୍ରସ୍ତାବିତ ନାନୋ ଫର୍ଟିଲାଇଜର ପ୍ଲାଂଟ୍ ପାଇଁ ସେପ୍ଟେମ୍ବର ୧୪ ତାରିଖ ବୁଧବାର ଦିନ ପାରାଦୀପ ମୁନିସିପାଲିଟି କଲ୍ୟାଣ ମଣ୍ଡପ ଠାରେ ଏକ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ଓ କାରାଦୀପ ଆଂଚଳିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆୟୋଜିତ ହୋଇଥିଲା । ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଡଃ କାହ୍ନୁ ଚରଣ ଧିରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଆଂଚଳିକ ପ୍ରଦୂଷଣ ବୋର୍ଡର ଅଧିକାରୀ ପି.ସି. ବେହେରା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ, ଆଦର୍ଶ ଥାନା ଅଧିକାରିଣୀ ଶୁଭଲକ୍ଷ୍ମୀ ପୂଜାରୀ, ପ୍ରଦୂଷଣ ବୋର୍ଡର ଉପ ପରିବେଶ ଯନ୍ତ୍ରୀ ବିବେଚିତା ଷଡଙ୍ଗୀ, ଇଫକୋ ନାନୋ ପ୍ରକଳ୍ପର ବରିଷ୍ଠ ସାଧାରଣ ପରିଚାଳକ ପି.ଏସ. ନୀଳାମ୍ବରନ, ମାନବ ସମ୍ବଳ ଅଧିକାରୀ ବି.କେ. ପରିଡା, ପରିବେଶ ସହ ପରିଚାଳକ ଦେବାଶିସ ମହାନ୍ତି ଓ ଇଫକୋ ଲୋକ ସମ୍ପର୍କ ଅଧିକାରୀ ପ୍ରଶନ୍ନ ବେଉରା ପ୍ରମୁଖ ଉପସ୍ଥିତ ଥିଲେ । ତେବେ ନାନୋ ଫର୍ଟିଲାଇଜରର ଏପରି ଜନଶୁଣାଣୀ ଓଡିଶାରେ ପ୍ରଥମ । ଏହି ଜନ ଶୁଣାଣୀରେ ସ୍ଥାନୀୟ ଜନସାଧାରଣ ବିଭିନ୍ନ ଏନଜିଓ, ପରିବେଶବିତ୍, ସାମାଜିକ କର୍ମୀ ଓ ଗଣମାଧମର ପ୍ରତିନିଧି ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଏହି ଅବସରରେ ନାନୋ ସାରର ଉପକାରିତା ଏବଂ ଏହାର ପ୍ରୟୋଗ ପରିବେଶ ପାଇଁ ଅନୁକୂଳ ବୋଲି ଇଫକୋ ପକ୍ଷରୁ ତଥ୍ୟ ଭିତିକ ମତାମତ ଉପସ୍ଥାପିତ କରାଯାଇଥିଲା । ଇଫକୋ ପ୍ଲାଂଟ ପରିସରର ୧୦ ଏକର ଜମି ଉପରେ ପ୍ରତିବର୍ଷ ୩୩ ହଜାର କିଲୋଲିଟର ନାନୋ ଡିଏପି ଓ ୟୁରିଆ ଉତ୍ପାଦିତ ହେବ ଏବଂ ଏହି ପ୍ରକଳ୍ପର ବ୍ୟୟ ଅଟକଳ ୨୨୫ କୋଟି ଟଙ୍କା ରହିଛି । ଏହି ଜନ ଶୁଣାଣୀରେ ୩୬ ଜଣ ଇଫକୋର ନାନୋ ପ୍ଲାଂଟ ସପକ୍ଷରେ ମତାମତ ଦେଇଥିବା ବେଳେ ଜଣେ ଏହି ପ୍ରକଳ୍ପକୁ ବିରୋଧ କରିଥିଲେ । ସର୍ବଶେଷରେ ଏହି ଜନଶୁଣାଣୀ ସଫଳ ହୋଇଥିବା ଜଣାଯାଏ ।

## ଆଦର୍ଶ ବିଦ୍ୟାଳୟ ୮ମ ପ୍ରତିଷ୍ଠା ଦିବସ ପାଳିତ : ଭାଗନେଲେ ୬ ଜିଲ୍ଲାର ପ୍ରତିଯୋଗୀ




ଭଦ୍ରକ,୧୪/୦୯ (ନି.ପ୍ର): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଅଷ୍ଟମ ପ୍ରତିଷ୍ଠା ଦିବସ ଭଦ୍ରକ ସରକାରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ନୋଡାଏ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଟି ଜିଲ୍ଲାର ଆଦର୍ଶ ବିଦ୍ୟାଳୟର ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ଆଜି ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ ଯୋଗ ଦେଇ ଏହାକୁ ଉଦ୍ଘାଟନ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟ, ନରେନ୍ଦ୍ର କୁମାର ଦାସ ଏବଂ କାଦମ୍ବରୀ କରଶର୍ମାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଭଦ୍ରକ କେନ୍ଦ୍ରିୟ ବିଦ୍ୟାଳୟର ଅଧକ୍ଷା ସୁଜାତା ମିଶ୍ର, ନୋଡାଲ ଆଦର୍ଶ ବିଦ୍ୟାଳୟ ପଳାଶଗଡ଼ିଆର ଅଧକ୍ଷ ପାର୍ଥ ସୁନ୍ଦର ମହାକୁଡ଼ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଆଗାମୀ ଭବିଷ୍ୟତ ଶୁଭକାମନା ଜଣାଇବା ସହ ଜଣେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମାୟାଧର ସାହୁ, ପ୍ରଣୟ କୁମାର ନାୟକଙ୍କ ସହ ଗଙ୍ଗାଧର ସାହୁ, ବିଜୟ କୁମାର ଜେନା, ଆଦ୍ୟାଶା ମିଶ୍ର, ରଞ୍ଜନ କୁମାର ବେହେରା ପରିଚାଳନା କରିଥିବା ବେଳେ ଅକ୍ଷୟ କୁମାର ହୋତା, ପ୍ରଦିପ୍ତ କୁମାର ଦାସ, ଚାରୁଲତା ମହାପାତ୍ର, ବୈକୁଣ୍ଠ ବିଶ୍ୱାଳ, ମନୋଜ କୁମାର ସାହୁ, ବନଲତା ସାହୁ ପ୍ରମୁଖ ଶିକ୍ଷୟତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଭଦ୍ରକ ଜିଲ୍ଲାର ସମସ୍ତ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀବୃନ୍ଦ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ଆସନ୍ତା କାଲି ଉଦ୍ଯାପନୀ ଉତ୍ସବରେ ପୁରସ୍କୃତ କରାଯିବ।

ବାଲେଶ୍ୱର, ଗୁରୁବାର, ୧୫ ସେପ୍ଟେମ୍ବର, ୨୦୨୨

ଧ୍ୱନି ପ୍ରତିଧ୍ୱନି



## ଛାତ୍ର କଂଗ୍ରେସର ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୪/୦୯ (ନି.ପ୍ର): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବୁଧବାର ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ମହର୍ଷି କଲେଜଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ "ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ" କାର୍ଯ୍ୟକ୍ରମରେ ଏକ ପଦଯାତ୍ରା ହୋଇଥିଲା । ଛାତ୍ର କଂଗ୍ରେସ କର୍ମକର୍ତାମାନେ ଏବଂ ଛାତ୍ରଛାତ୍ରୀମାନେ ମହର୍ଷି କଲେଜରୁ ଯାତ୍ରା ଆରମ୍ଭ କରି ରମାଦେବୀ ବିଶ୍ୱବିଦ୍ୟାଳୟ ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିକ୍ରମା କରାଯାଇଥିଲା। ୟାସିର ନୱାଜଙ୍କ ଆହ୍ୱାନରେ ରାହୁଲ ଗାନ୍ଧୀଙ୍କର ଭାରତଯୋଡ଼ କାର୍ଯ୍ୟକ୍ରମକୁ ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଆଗେଇ ନିଆଯିବ। ଓଡ଼ିଶାର ସାରା ମଧ ଏହି କାର୍ଯ୍ୟକ୍ରମ ଏବେ ଚାଲିଛି। ଏଥିରେ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ପ୍ରତି ତାଙ୍କର ସମର୍ଥନ ବ୍ୟକ୍ତ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରୀ ନୱାଜ କହିଥିଲେ ଯେ ଦେଶର ଅଖଣ୍ଡତା ରକ୍ଷା କରିବାପାଇଁ, ଗଣତନ୍ତ୍ର ଓ ସମ୍ବିଧାନକୁ ସଶକ୍ତ କରିବାପାଇଁ, ଦେଶର ସମ୍ପତି ବିକ୍ରିକୁ ରୋକିବା ପାଇଁ ଏବଂ ବିଶେଷ କରି ଘୃଣା, ହିଂସା, ଦ୍ୱେଷକୁ ପରିହାର କରି ଏକ ନୂତନ ଭାରତ ବର୍ଷର ଗଠନର ପ୍ରଚେଷ୍ଟା ହେଉଛି ଭାରତ ଯୋଡ଼ୋ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ସେହିପରି ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ଛାତ୍ର ବିଜେଡ଼ିର ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବାପାଇଁ ମୁଖ୍ୟମନ୍ତ୍ରୀ ଚକ୍ରାନ୍ତ କରୁଛନ୍ତି। ଗୋଟିଏ ପଟେ ଚାରିବର୍ଷ ହେଲା ଛାତ୍ର ସଂସଦର ନିର୍ବାଚନ ବନ୍ଦ କରାଯାଇଥିଲା ବେଳେ, ଛାତ୍ର ବିଜେଡ଼ି ପକ୍ଷରୁ କ୍ୟାମ୍ପସ କମିଟି ଗଠନ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ୨୨ ବର୍ଷ ଭିତରେ ଛାତ୍ର ବିଜେଡ଼ି ଏକ ନିକମା, ମେରୁଦଣ୍ଡବିହିନ, ମସ୍ତକ ବିହିନ, ସ୍ୱାଭିମାନ ରହିତ, ଗୋଡ଼ାଣିଆ, ଅନ୍ଧ, ମୂକ, ବଧିର ସଂଗଠନ ଭାବରେ ରହିଛି। ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରଣୟନ କରାଯାଇଛି ଯାହାକି ବିଜେପି ଓ ଆରଏସଏସ ପ୍ରସ୍ତୁତ ଏକ ଶିକ୍ଷା ବ୍ୟବସ୍ଥା। ଶିକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦିଆଯାଇଛି।

# କୃଷି ବିଭାଗର ୩୦ ବରିଷ୍ଠ ଅଧିକାରୀଙ୍କୁ ଜିଲ୍ଲା ନୋଡାଲ ଅଧିକାରୀ ଦାୟିତ୍ୱ

ଭୁବନେଶ୍ୱର, ୧୪/୦୯ (ନି.ପ୍ର): ରାଜ୍ୟରେ ଚାଷର ସ୍ଥିତି ଓ ଯୋଜନାଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ ଏବଂ ତଦାରଖ ନିମନ୍ତେ ବିଭାଗ ପକ୍ଷରୁ ୩୦ ଜଣ ବରିଷ୍ଠ ଅଧିକାରୀଙ୍କୁ ୩୦ଟି ଜିଲ୍ଲାର ନୋଡାଲ ଅଧିକାରୀ ଭାବରେ ନିୟୋଜିତ କରାଯାଇଛି । ନୋଡାଲ ଅଧିକାରୀମାନେ ପ୍ରତିମାସରେ ଜିଲ୍ଲା ଗସ୍ତ କରି ଜିଲ୍ଲାରେ ଚାଷର ସ୍ଥିତି, କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି, ଉଦ୍ୟାନ କୃଷି, ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ସମୀକ୍ଷା କରି କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଏବଂ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୃଷି ଓ ଖାଦ୍ୟ ଉତ୍ପାଦନ, ଉଦ୍ୟାନ କୃଷି ଏବଂ ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକମାନଙ୍କ ସମେତ ବିଭାଗୀୟ ଅତିରିକ୍ତ ଶାସନ ସଚିବ, ଯୁଗ୍ମ ଶାସନ ସଚିବ, ଯୁଗ୍ମ ନିର୍ଦ୍ଦେଶକ ଆଦି ବରିଷ୍ଠ ଅଧିକାରୀମାନଙ୍କୁ ଜିଲ୍ଲାର ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି । ନୋଡାଲ ଅଧିକାରୀମାନେ ଜିଲ୍ଲାଗସ୍ତ ସମୟରେ ଚାଷୀମାନଙ୍କୁ ବିହନ, ସାର, କୀଟନାଶକ ଓ ବିଭିନ୍ନ କୃଷି ସାମଗ୍ରୀ ଯୋଗାଣର ସ୍ଥିତି, ଫସଲ ଋଣ ଯୋଗାଣ, ବଳରାମ ଯୋଜନାରେ ଯୁଗ୍ମଦେୟ ଗୋଷ୍ଠୀଙ୍କୁ ଋଣ ପ୍ରଦାନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଓଡ଼ିଶା ମିଲେଟ୍ ମିଶନ, କ୍ଷେତପୋଖରୀ ଖନନ, ଫସଲ ଚାଷରେ ବିବିଧିକରଣ, ସୌର ଜଳନିଧି ପ୍ରକଳ୍ପ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ଯୋଗାଣ ଆଦିର ଧାର୍ଯ୍ୟ ଲକ୍ଷ୍ୟ ଏବଂ ଏହାର ପୂରଣର ସମୀକ୍ଷା କରିବେ। ବିଭିନ୍ନ ପ୍ରକାରର ଫଳ ଓ ପନିପରିବା ଚାଷ ସମେତ ଆଳୁ, ମସଲାଚାଷ, ବ୍ଲକ୍ ସ୍ତରୀୟ ନର୍ସରୀ, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ଏମ୍‌ଜିଏନ୍‌ଆରଇଜିଏରେ ବୃକ୍ଷରୋପଣ ଆଦି ସଂପର୍କରେ ସବିଶେଷ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ ସହିତ ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ପ୍ରସ୍ତାବ ଦେବେ । ନୋଡାଲ ଅଧିକାରୀମାନେ ସେମାନଙ୍କ ଗସ୍ତ ସମୟରେ ବିହନ, ମୃତିକା, ସାର ଓ କୀଟନାଶକ ପରୀକ୍ଷାଗାର, ଡିଲର ପଏଂଟ, କୃଷି ଏବଂ ଉଦ୍ୟାନ କୃଷି ଫାର୍ମ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପ୍ରତିଷ୍ଠିତ ପ୍ରକଳ୍ପ, ଆଗ୍ରୋ ସର୍ଭିସ ସେଂଟର, ଯୁଗ୍ମଦେୟ ଗୋଷ୍ଠୀଗୁଡ଼ିକ ନିୟମିତ ପରିଦର୍ଶନ କରି ହିତାଧିକାରୀ ଏବଂ ଉଦ୍ୟୋଗୀମାନଙ୍କ ସହିତ ଆଲୋଚନା କରିବା ପାଇଁ କୁହାଯାଇଛି। ଏତଦ୍ ବ୍ୟତୀତ ସମନ୍ୱିତ କୃଷି ଫାର୍ମ, ଏମ୍‌ଜିଏନ୍‌ଆରଇଜିଏରେ ଫାର୍ମ ପଣ୍ଡ ଖନନ, କୂପ ଖନନ, ଭର୍ମି କମ୍ପୋଷ୍ଟ ୟୁନିଟ୍, ଅଣଧାନ ଫସଲ, ଡାଲି, ତୈଳବୀଜ, ମାଣ୍ଡିଆ, କପା, ଝୋଟ ଆଦି ସଂଗ୍ରହ କେନ୍ଦ୍ର ପରିଦର୍ଶନ କରିବେ ।

## ପୂର୍ବତଟ ରେଳପଥ ପକ୍ଷରୁ ରାଜଭାଷା ପକ୍ଷ ଉଦ୍ଘାଟିତ

ଭୁବନେଶ୍ୱର,୧୪/୦୯ (ନି.ପ୍ର): ପୂର୍ବତଟ ରେଳପଥ ମୁଖ୍ୟାଳୟ ଠାରେ ବୁଧବାର ହିନ୍ଦୀ ଦିବସ ପାଳନ କରାଯିବ ସହିତ ରାଜଭାଷା ପକ୍ଷ ଉଦ୍ଘାଟନ କରାଯାଇଛି । ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ରେଳପଥର ମୁଖ୍ୟ ରାଜଭାଷା ଅଧିକାରୀ ରବି ଶଙ୍କର ମିତ୍ର ଏବଂ ପ୍ରମୁଖ ଅଧିକାରୀ ମାନଙ୍କ ଉପସ୍ଥିତିରେ ଏହି ପକ୍ଷ୍ୟକୁ ଉଦ୍ଘାଟନ କରିଛନ୍ତି । ଏହି ଅବସରରେ ମହାପ୍ରବନ୍ଧକ ରେଳପଥର ଅଧିକାରୀ ଓ କର୍ମଚାରୀ ମାନଙ୍କୁ ହିନ୍ଦୀ ଦିବସର ଶପଥ ପାଠ କରାଇବା ସହିତ ମାନ୍ୟବର ରେଳମନ୍ତ୍ରୀଙ୍କ ବାର୍ତାକୁ ଦୋହରାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ରାଜଭାଷା ଅଧିକାରୀ ତାଙ୍କ ସମ୍ବୋଧନରେ ହିନ୍ଦୀ ଦିବସର ଇତିହାସ ଉପରେ ଆଲୋକପାତ କରିଥିଲେ ଏବଂ ହିନ୍ଦୀର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ । ମହାପ୍ରବନ୍ଧକ ଶ୍ରୀ ଶ୍ରୀବାସ୍ତବ ତାଙ୍କ ବକ୍ତବ୍ୟ ରେ ରେଳ କର୍ମଚାରୀ ମାନଙ୍କୁ ଅଧିକରୁ ଅଧିକ ରାଜଭାଷା ମାଧ୍ୟମରେ ଅଫିସ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ବିଭିନ୍ନ ଆଂଚଳିକ ପ୍ରତିଯୋଗିତା ଏବଂ ରାଜଭାଷା ସହ ଜଡିତ ଅନ୍ୟ ପ୍ରତିଯୋଗିତାରେ ଭାଗନେଇଥିବା କୃତି ପ୍ରତିଯୋଗୀ ମାନଙ୍କୁ ଏହି ଅବସରରେ ମହାପ୍ରବନ୍ଧକଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ରେଳପଥର ରାଜଭାଷା ଅଧିକାରୀ ଶ୍ରୀମତୀ ୟାଳିନା ପଣ୍ଡା ପରିଚାଳନା କରିଥିଲେ।

# ୫-ଟିରେ ସାମିଲ ହେଲା ଓଡ଼ମ୍ବର ରଘୁନାଥ ଜୀଉ ଉଚ୍ଚ ବିଦ୍ୟାଳୟ

ବାଲେଶ୍ୱର,୧୪/୦୯ (ନି.ପ୍ର): ତୃତୀୟ ପର୍ଯ୍ୟାୟ ରୂପାନ୍ତିଣ ୫-ଟି ତାଲିକାରେ ରେମୁଣା ବ୍ଲକ ଅନ୍ତର୍ଗତ ଓଡ଼ମ୍ବରସ୍ଥିତ ରଘୁନାଥ ଜୀଉ ଉଚ୍ଚ ବିଦ୍ୟାଳୟ ସାମିଲ ହେବାକୁ ନେଇ ସ୍ଥାନୀୟ ଅଞ୍ଚଳ ଲୋକେ ସନ୍ତୋଷ ପ୍ରକାଶ କରିଛନ୍ତି। ବିଦ୍ୟାଳୟ କମିଟି, ପୁରାତନ ଛାତ୍ର ପରିଷଦ ଓ ଗ୍ରାମବାସୀଙ୍କ ପକ୍ଷରୁ ଏହାର ଶିଳାନ୍ୟାସ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ରୂପାନ୍ତରିଣ ବିଦ୍ୟାଳୟ ପାଇଁ ଶିଳାନ୍ୟାସ କରିବା ସହ ଆୟୋଜିତ ବୈଠକରେ ଯୋଗ ଦେଇଥିଲେ।



ବିଦ୍ୟାଳୟର ରୂପାନ୍ତରିଣ କାର୍ଯ୍ୟରେ ଗୁଣବତ୍ତା ରକ୍ଷା ସାଙ୍ଗକୁ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପନ୍ନ ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଜିଲା ପରିଷଦ ସଦସ୍ୟ ଅଭିମନ୍ୟୁ ଧିନ୍ଦା, ସ୍ଥାନୀୟ ସରପଞ୍ଚ ମଞ୍ଜୁଶ୍ରୀ ଦାସ, ସମିତି ସଭ୍ୟା ରଞ୍ଜନା ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟିରେ ଏହି ବିଦ୍ୟାଳୟ ସାମିଲ କରାଇବାକୁ ନେଇ ବିଧାୟକ ଶ୍ରୀ ପରିଡ଼ାଙ୍କୁ ସାଧୁବାଦ ଜଣାଇଥିଲେ। ଏଣିକି ବିଦ୍ୟାଳୟର ରୂପରେଖ ବଦଳିବ ।

## ଟ୍ରିପଲ 'ଏ' ଖୋର୍ଦ୍ଧାରେ 'ସମେହିବା' ଉଦ୍ଘାଟିତ

ଖୋର୍ଦ୍ଧା, ୧୪/୦୯ (ନି.ପ୍ର): (ବୁଧବାର)ଦିନ ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ' ରେ ସ୍ୱାଧୀନତାର ୭୫ତମ ଅମୃତ ମହୋତ୍ସବ ଉପଲକ୍ଷେ ବିଦ୍ୟାଳୟସ୍ତରୀୟ ଜାତୀୟ ପ୍ରତିଯୋଗିତା 'ସମେହିବା' ଖୋର୍ଦ୍ଧାର ଜିଲ୍ଲାପାଳ ଶ୍ରୀଯୁକ୍ତ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ କରକମଳରେ ଉଦ୍ଘାଟିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ସଭାପତି ଶ୍ରୀଯୁକ୍ତ ସତ୍ୟବାଦୀ ବଳିଆରସିଂହ ମହୋଦୟ, ବିଦ୍ୟାଳୟର ପ୍ରତିଷ୍ଠାତା ଡାକ୍ତର ନନ୍ଦକିଶୋର ପଟ୍ଟନାୟକ ମହୋଦୟ ଏବଂ ଅଧ୍ୟକ୍ଷା ଶ୍ରୀମତୀ ଦିପ୍ତିମୟୀ ମହାନ୍ତି ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତାରେ ଜାତୀୟ ସ୍ତରରେ ଓଡିଶା ତଥା ଓଡିଶା ବାହାରୁ ୨୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟରୁ ପ୍ରାୟ ୫୦୦



ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ଏଥିରେ ପ୍ରଥମ ଦିନ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା । ନୃତ୍ୟର ବିଚାରକ ଭାବେ ସୁନାମଧନ୍ୟ ନୃତ୍ୟଶିଳ୍ପୀ ଶ୍ରୀ ଗୌତମ ଭଟ୍ଟାଚାର୍ଯ୍ୟ ଓ ସ୍ମରଣିକା ହୋତା ଏବଂଦେଶାତ୍ମବୋଧକ ଗୀତରେ ବିଚାରକ ଭାବେ ଓଡିଶାର ଆଗ ଧାଡିର କଣ୍ଠଶିଳ୍ପୀ ଶ୍ରୀ ପ୍ରଶାନ୍ତ ପାଢୀ ଓ ଶ୍ରୀମତୀ ସଙ୍ଗୀତା ଗୋସାଇଁ ଯୋଗଦେଇ ଏହି କାର୍ଯ୍ୟକ୍ରମରେ ଇନ୍ଦ୍ରଧନୁର ସାତ ରଙ୍ଗ ଯୋଡିଥିଲେ । ଅତିଥି ଏବଂ ବିଚାରକମଣ୍ଡଳୀକୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ନୃତ୍ୟ ବିଭାଗକୁ ଏକାଦଶ ଶ୍ରେଣୀର ଛାତ୍ରୀ ମଧୁସ୍ମିତା ଓ ସୁଚିସ୍ମିତା ଏବଂ ସଙ୍ଗୀତ ବିଭାଗକୁ ଏକାଦଶ ଶ୍ରେଣୀର ଆଦିତ୍ୟ ଓ ଟୁଇଙ୍କିଲ୍ ପରିଚାଳନା କରିଥିଲେ । ଆସନ୍ତା କାଲି ଏହାର ଦ୍ୱିତୀୟ ତଥା ଉଦ୍‌ଯାପନ ଦିବସରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହେବ, ଯେଉଁଥିରେ ଖୋର୍ଦ୍ଧାର ବିଧାୟକ ଶ୍ରୀଯୁକ୍ତ ଜ୍ୟୋତିନ୍ଦ୍ରନାଥ ମିତ୍ର ମହୋଦୟ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ରୂପେ କର୍ଣ୍ଣେଲ ଏସ୍.କେ. ମିଶ୍ର ଯୋଗଦାନ କରିବେ ।

## ରାଜ୍ୟରେ ନୂଆ ୨୬୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୪/୦୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୬୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୦୮୫୩ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୨୬୦ ଆକ୍ରାନ୍ତଙ୍କ ମଧ୍ୟରୁ ୧୫୨ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୧୦୮ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୨୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୩୫୩ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୧୯୯୪୧ ରେ ପହଂଚିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୬୭୪ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୨୬୦ ସଂକ୍ରମିତଙ୍କ ମଧ୍ୟରୁ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୯, ବରଗଡ଼ ଜିଲ୍ଲାରେ ୪, ବଲାଙ୍ଗିର ଜିଲ୍ଲାରେ ୯, କଟକ ଜିଲ୍ଲାରେ ୧୦, ଦେବଗଡ଼ ଜିଲ୍ଲାରେ ୪, ଢେଙ୍କାନାଳ ଜିଲ୍ଲାରେ ୧, ଗଞ୍ଜାମ ଜିଲ୍ଲାରେ ୨, ଜଗତସିଂହପୁର ଜିଲ୍ଲାରେ ୫, ଯାଜପୁର ଜିଲ୍ଲାରେ ୫, ଝାରସୁଗୁଡ଼ା ଜିଲ୍ଲାରେ ୧, କଳାହାଣ୍ଡି ଜିଲ୍ଲାରେ ୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ସୁଗୋ ପଂଚାୟତରେ ପୋଷଣମାସ ପାଳିତ : ଅପପୃଷ୍ଟି ଲାଗି ସଚେତନତା

ଜଳେଶ୍ୱର, ୧୪/୯(ନି.ପ୍ର): ଚଳିତ ସେପ୍ଟେମ୍ବର ବିଶ୍ୱ ପୋଷଣମାସ ପାଳନ ଅବସରରେ ସୁଗୋ ପଂଚାୟତର ଧାନ ସିମୁଳିଆ ଅଙ୍ଗନୱାଡି କେନ୍ଦ୍ରରେ ପଂଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଆୟୋଜିତ ସଭାରେ ତ୍ରିଲୋଚନ ବାରିକ ସଭାପତିତ୍ୱ କରିଥିଲେ । ଏଥିରେ ପଂଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା ପୋଷଣ ମାସର ଆବଶ୍ୟକତା ଓ ଉପାଦେୟତା ସଂପର୍କରେ ଅପପୃଷ୍ଟି ଦୂର ଲାଗି ସଚେତନତାର ବାର୍ତ୍ତା ଦେଇଥିଲେ। ସରପଂଚ ଜୟନ୍ତୀ ପରିଡା, ସଦସ୍ୟା ପ୍ରତିନିଧି ସଂଜୟ କୁମାର ମହାନ୍ତି,



ଅଂଗନୱାଡି ସଂଘର ସଭାନେତ୍ରୀ ବନଜା ଦାସ ଏଥିରେ ବକ୍ତବ୍ୟ ରଖିଥିବା ବେଳେ ଅଂଗନୱାଡି କର୍ମୀ, ଗର୍ଭବତୀ ମହିଳା, ପ୍ରସୂତୀ, କିଶୋରୀ ଓ ନିର୍ବାଚିତ ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଆରତୀ ଚନ୍ଦ, ସରସ୍ୱତୀ ସାହୁ, ସୁଜାତା ପାତ୍ର, ରେବତୀ ରାଜ, ଅନିତା ଦାସ ମହାପାତ୍ର, ସରିତା ମହାନ୍ତି, ସସ୍ମିତା ଦାସ, ପୁଷ୍ପଲତା କାମିଳା, ଶାନ୍ତିଲତା ମହାନ୍ତି, ଶାନ୍ତିଲତା ଜେନା, ପ୍ରଦୀପ ପାତ୍ର, ହରିଶଂକର ରାଜ, ସୁଜିତ୍ ଜେନା, ଅମୀୟ ପାତ୍ର, ଶାନ୍ତିଲତା ବିର, ଜ୍ୟୋସ୍ନାରାଣୀ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

## ମାଆ ସାଜିଲେ ପ୍ରଧାନଶିକ୍ଷୟିତ୍ରୀ, ଏଇତ ମହାନତା

ବସ୍ତା, ୧୪/୦୯ (ନି.ପ୍ର): ବସ୍ତାର ସତ୍ୟବତୀ ସରକାରୀ ଉପ୍ରା ବିଦ୍ୟାଳୟ ମୁଳିଦା ଗ୍ରାମରେ ଉକ୍ତ ବିଦ୍ୟାଳୟରେ ଅଭାନୀୟ ଘଟଣା ସ୍କୁଲଚାଲିଥିବା ସମୟରେ ଦେଖିବାକୁ ମିଳିଥିଲା । ଦିଦି ତାଙ୍କର ପାଠ ପଢାଉଥିଲା ସମୟରେ ଅଷ୍ଟମ ଶ୍ରେଣିର ଛାତ୍ରୀ ନାମ ତାର ଡିଲି ରାମ ବାପାତାର କୋରନା ସମୟରେ ଆର ପାରିକୁ ଛାଲିଯାଇଛନ୍ତି । ମାତାର ଦାଦନ ଖଟିବାକୁ ଯାଇଛି । ଘରେ କାକାଙ୍କ ପାଖରେ ରୁହେ । ଆଜି ପାଠ ଢୁଥିବା ସମୟ ଭାରି ଅସୁସ୍ଥତା ଅନୁଭବ କରୁଥିବା ସମୟ ରେ ଦିଦିଙ୍କ ନଜର ତାଉପରେ ପଡିଥିଲା ସଂଗେ ସଂଗେ ଦିଦି ତାପାଖକୁ ଯାଇ ଦେହରେ ହାତ ମାରିଥିଲ ଦେହରେ ତାତି ବହୁତ ଥିଲା । ପୁଣି ବାହାର ଲଘୁଚାପ ବର୍ଷା



ଦିଦି ତାଙ୍କର ସ୍କୁଲ ହତା ବିତରେ ତୁଳସି, ଅଦା, ଆଲବିରା ଗଛ ଆଗରୁ ଲଗାଇଥିଲେ । ଆଉ ଜଣେ ଦିଦିଙ୍କୁ କହି ଏହି ଗଛ ପତ୍ର ଆଣି ବାଟିକରି ପିଲାଟିକୁ ଦେବା ସହିତ ଅମୃତାଞ୍ଜନ ଆଣି ଅଫିସ ଗୃହରେ ପିଲାଟିର ମୁଣ୍ଡ ମାଲିସ କରିଥିଲେ ପ୍ରାଏ କିଛି ସମୟ ପରେ ଦେହଟିକେ ଭଲ ଲାଗିଲା ଏହାକୁ କୁହାଯାଏ ମହାନତା ପରେ ପୁଣି ଶ୍ରେଣିକୁ ଆସିଲା ଏକଥାଟି ଜାଣିବାପରେ ସାଧାରଣରେ ଆଲୋଚନା ହେଉଛି ମାଆ ସାଜିଲେ ଦିଦି ଆମେ ମଧ ଦିଦିଙ୍କ କାଯ୍ୟକୁ ପ୍ରଶଂସା କରୁଛୁ ।

## ପୃଥ୍ୱୀରାଜ ହାଇ ସ୍କୁଲରେ ହିନ୍ଦୀ ଦିବସ ପାଳିତ

ବଲାଙ୍ଗିର,୧୪/୦୯ (ନି.ପ୍ର): ଆଜି ବଲାଙ୍ଗିର ଜିଲ୍ଲା ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ ପାଳନ କରାଯାଇଛି । ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସନ୍ତୋଷିନୀ ସେଠୀ ଛାତ୍ରମାନଙ୍କୁ ହିନ୍ଦୀ ଭାଷାର ମହତ୍ତ୍ୱ ବିଷୟରେ କହିଥିଲେ । ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଅମିତ କୁମାର ବାଗ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ହିନ୍ଦୀ ଶିକ୍ଷକ ବିଜୟ କୁମାର ବାଘ ଧନ୍ୟବାଦ ଅର୍ପଣ କରିଥିଲେ ।

# ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ରାଷ୍ଟ୍ରୀୟ ହିନ୍ଦି ଦିବସ ପାଳିତ

ବସ୍ତା, ୧୪/୦୯ (ନି.ପ୍ର): ଭାରତ ର ରାଷ୍ଟ୍ର ଭାଷା ହିନ୍ଦୀ ର ମହିମା ମଣ୍ଡନ କରିବା ଓ ପ୍ରଚାର ପ୍ରସାର ଉଦ୍ଦେଶ୍ୟ ରେ ସେପ୍ଟେମ୍ବର ୧୪ କୁ ସାରା ଦେଶରେ ହିନ୍ଦୀ ଦିବସ ପାଳିତ ହୋଇ ଆସୁଅଛି। ଏହି ଅବସର ରେ ବସ୍ତା ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସର ରେ ଏକ ଉତ୍ସବ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଶ୍ରୀପତି ପାତ୍ରଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ହୋଇଯାଇଛି ।ସଭା ପ୍ରାରମ୍ଭ ରେ 'ସାରେ ଯହାଁରେ ଅଚ୍ଛା ଓ ହିନ୍ଦ୍ ଦେଶ କେ ବାସୀ' ସଙ୍ଗୀତ ଗାନ କରାଯାଇଥିଲା। ଅନନ୍ୟା, ଝରଣା, ପ୍ରାଚୀ, ଭାଗ୍ୟ ଲକ୍ଷ୍ମୀ, ତନୁଶ୍ରୀ, ପ୍ରତିକ୍ରିୟା, ସୃତି ସୁହାନା, ଅପୂର୍ବା, ଭାଗ୍ୟ ଶ୍ରୀ, ସାଗର,




ହିତେଶ, ସାନ୍ତନୁ ପ୍ରଭୃତି ଛାତ୍ରଛାତ୍ରୀ ଭାଷଣ, କବିତାପାଠ ଓ ଅଭିନୟ ପ୍ରସ୍ତୁତି ରେ ପାରଦର୍ଶିତା ଦେଖେଇଥିଲେ । ମୁଖ୍ୟ ଅତିଥି ଭାବେ ଅନୀଲ ଗୁପ୍ତା ଓ ବିଦ୍ୟାଳୟର ପ୍ରତିଷ୍ଠାତା ସମାଜସେବୀ ଶ୍ୟାମାପ୍ରସାଦ ବେହେରା ଯୋଗଦେଇ ରାଷ୍ଟ୍ରୀୟ ଭାଷା ହିନ୍ଦି ଓ ଏହି ଦିବସ ର ମାହାତ୍ମ୍ୟ ପ୍ରତିପାଦିତ କରିଥିଲେ । କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଭାରପ୍ରାପ୍ତ ପ୍ରଧାନାଚାର୍ଯ୍ୟା ସୁଶ୍ରୀ ରଞ୍ଜିତା ପାଢୀ। ଗୁରୁଜୀ ପ୍ରଶାନ୍ତ ଗିରି ଅତିଥି ପରିଚୟ, ପ୍ରଦାନକରିଥିବାବେଳେ ଗୁରୁମା ନମିତା ଦାସ ପ୍ରାରମ୍ଭିକ ସୂଚନା ଓ ସୁଶାନ୍ତି ଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ମୟୂରଭଞ୍ଜ ଗସ୍ତ

ବାରିପଦା, ୧୪/୦୯ (ନି.ପ୍ର): କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଡକ୍ଟର ସୁରେଶ ଚନ୍ଦ୍ର ଦଳାଇ, ଭା.ପ୍ର.ସେ. ମୟୂରଭଞ୍ଜ ଜିଲ୍ଲାଗ୍ରସ୍ତ କାର୍ଯ୍ୟକ୍ରମରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ଉପବିଭାଗ ଏବଂ ସଂପୃକ୍ତ ଲାଇନ୍ ବିଭାଗ ଯୋଜନା କାର୍ଯ୍ୟାନ୍ୱୟନ ଅନ୍ତର୍ଗତ ବିଭିନ୍ନ ଉନ୍ନୟନ ଓ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟଧାରା ଉପରେ ତନଖି କରିବା ସହ ବିସ୍ତୃତ ଭାବେ ସମୀକ୍ଷା ମୂଳକ ଆଲୋଚନା କରିଛନ୍ତି। କେନ୍ଦ୍ରାଂଚଳ ରାଜସ୍ୱ କମିଶନର ଡ.ଦଳାଇ ତା.୧୨.୦୯.୨୦୨୨ ରିଖ ଠାରୁ ତା.୧୫.୦୯.୨୦୨୨ ରିଖ ପର୍ଯ୍ୟନ୍ତ ୩ ଦିନିଆ ମୟୂରଭଞ୍ଜ ଜିଲ୍ଲାଗସ୍ତ କାର୍ଯ୍ୟକ୍ରମର ତା.୧୩.୦୯.୨୦୨୨ ରିଖ ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ବିଶେଷ



କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରାଜସ୍ୱ, ନ୍ୟାୟିକ, ସଂସ୍ଥାପନ, ସାଧାରଣ ଓ ବିବିଧ, ନିଜାରତ୍, ସବ୍‌ରେଜିଷ୍ଟ୍ରାର, ଅବକାରୀ ଆଦି ଉପବିଭାଗ ସମେତ ଜିଲ୍ଲା ଜରୁରୀ, ଜିଲ୍ଲା ମଙ୍ଗଳ, ସାଧାରଣ ଯୋଗାଣ, ଜିଲ୍ଲା ସମାଜ କଲ୍ୟାଣ, ଜିଲ୍ଲା ସାମାଜିକ ସୁରକ୍ଷା, ଡିଆରଡିଏ, ଜିଲ୍ଲା ପଂଚାୟତ, ଜିଲ୍ଲା ଶିଶୁ ସୁରକ୍ଷା, ଜିଲ୍ଲା କ୍ରୀଡା, ଡିଆଇପିଆରଓ, ସଞ୍ଚ ସଂଚୟ ଆଦି ବିଭିନ୍ନ ବିଭାଗୀୟ କାର୍ଯ୍ୟାନ୍ୱୟନ ଉପରେ ନୀରିକ୍ଷଣ ସହ ଆଲୋଚନା ମୂଳକ ସମୀକ୍ଷା କରିଥିଲେ। ସେହିପରି ଅପରାହ୍ନରେ ରାଜସ୍ୱ ଆୟୁକ୍ତ ଡ. ଦଳାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ କେନ୍ଦ୍ର ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ବିଭିନ୍ନ ଲାଇନ ବିଭାଗ ଦ୍ୱାରା ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଓ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଅଗ୍ରଗତିର ସ୍ଥିତି ସଂପର୍କିତ ବିଭାଗୱାରୀ ବିଶଦ ଭାବେ ଆଲୋଚନା ମୂଳକ ସମୀକ୍ଷା କରିଥିଲେ। ସମୀକ୍ଷାରେ ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ଜିଲ୍ଲା ଗ୍ରାମ୍ୟ ବନ ବିଭାଗ, ଜଳ ଯୋଗାଣ ଓ ପରିମଳ, ଜଳ ଅମଳ ପ୍ରକଳ୍ପ, ସତନ୍ତ୍ର ଭୂଅର୍ଜନ, ଜାତୀୟ ରାଜପଥ ପ୍ରାଧିକରଣ, (ରାସ୍ତା ଓ ଗୃହ) ସ୍ୱମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,କୃଷି, ଉଦ୍ୟାନ କୃଷି, ପ୍ରାଣୀ ସଂପଦ, ମୟୂରଭଞ୍ଜ ଜଳ ସେଚନ, କ୍ଷୁଦ୍ର ଜଳସେଚନ, ଉଠାଜଳ ସେଚନ, ବିଦ୍ୟୁତ୍ ବିଭାଗ, ଗ୍ରାମ୍ୟ ନିର୍ମାଣ, ଜିଲ୍ଲା ଶ୍ରମ ବିଭାଗ ଆଦି ବିଭିନ୍ନ ବିଭାଗ ଯୋଜନା କାର୍ଯ୍ୟକ୍ରମ ଗୁଡିକର କାର୍ଯ୍ୟକାରିତାର ଅଗ୍ରଗତି ସ୍ଥିତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ସମୀକ୍ଷା କରିଥିଲେ। ସମୀକ୍ଷାରେ ଜାତୀୟ ରାଜପଥ ନର୍ମାଣ କାର୍ଯ୍ୟର ଅଗ୍ରଗତି, ଗ୍ରାମ୍ୟ ନିର୍ମାଣ ଓ ପୁ* ବିଭାଗ ଯୋଜନାରେ କାର୍ଯ୍ୟକାରୀ କରାଯାଉଥିବା ଗମନାଗମର ରାସ୍ତା, ପୋଲ ସଂଯୋଗୀକରଣ ସରକାରୀ କୋଠାବାଡି ଯଥା ଅଙ୍ଗନୱାଡି କେନ୍ଦ୍ର ଗୃହ ଓ ବିଦ୍ୟାଳୟ ଶ୍ରେଣୀ ଗୃହ ଆଦି ନିର୍ମାଣ କାର୍ଯ୍ୟର ସ୍ଥିତି ସମୀକ୍ଷା କରାଯିବା ସହ ସୁବର୍ଣ୍ଣରେଖା ପ୍ରକଳ୍ପ ଜମି ଅଧିଗ୍ରହଣ ସଂପର୍କିତ ମାମଲାର ସ୍ଥିତି ଅଧିଗ୍ରହଣ ସଂପର୍କରେ ସମୀକ୍ଷା କରାଯାଇଥିଲା। ଶିକ୍ଷା ବିଭାଗ ଯୋଜନା କାର୍ଯ୍ୟକ୍ରମରେ ବିଦ୍ୟାଳୟ ସୁପରିଚାଳନା ଓ ଭିତ୍ତିଭୂମି ବିକାଶ ଆଦି ଉପରେ ଆରଡିସି ସମୀକ୍ଷା କରି ପ୍ରତି ମାସରେ ଡିଇଓ ଓ ବିଇଓ ମାନେ ୧୦ ଦିନ ଗସ୍ତ ଯାଇ ବିଦ୍ୟାଳୟ ପରିଦର୍ଶନ କରିବା ସହ ଶିକ୍ଷା ପରିଚାଳନା ବ୍ୟବସ୍ଥା ଉପରେ ସବିଶେଷ ବିବରଣୀ ଦେବାକୁ ଗୁରୁତ୍ୱାରୋପ କରିଥିଲେ।

# ବାରିପଦା ସହର ଉପକଂଠରେ ଦନ୍ତା ହାତୀ

ବାରିପଦା, ୧୪/୦୯ (ନି.ପ୍ର): ଆଜି ବାରିପଦା ସହର ଉପକଂଠରେ ଥିବା ପୋଡା ଅସ୍ତିଆ ଗ୍ରାମରେ ଏକ ବିରାଟ ଦନ୍ତା ହାତୀ ଆସି ଗାଁରେ ବୁଲିବାର ଦେଖା ଯାଇଛି । ତେବେ ଗ୍ରାମବାସୀ ମାନେ ଦନ୍ତାହାତୀ ଗାଁକୁ ଆସିଥିବାରୁ ଆତଙ୍କିତ ହୋଇ ରହିଥିବା ବେଳେ, କିଛି ପିଲା ଏବଂ ଯୁବକ ମାନେ ଦାତିପଛରେ ଏବଂ ଆଗରେ ରହି ହାତିର ଫୋଟ ଭିଡିଓ ଉତୋଳନ କରୁଥିବାର ମଧ ଦେଖା ଯାଇଛି । କୋଣସି କାରଣରୁ ଜଙ୍ଗଲରୁ ଜନବସତି ମୁହାଁ ହୋଇ ହାତିଟି ଆଜି ପୋଡା ଅସ୍ତିଆ ଠାରେ ଆସି ପହଂଚିଥିବା ବେଳେ ବନ ବିଭାଗ କର୍ମଚାରୀ ମାନେ ହାତୀର ଗତିବିଧି ଉପରେ ଲକ୍ଷ୍ୟ ରଖିଛନ୍ତି । ସୂଚନା ଅନୁଯାୟୀ, ଉକ୍ତ ଦନ୍ତା ହାତୀଟି ଜଙ୍ଗଲରୁ ପଳାଇ ଆସି ଗତକାଲି ରାତିରେ ପାଇକବସା ଅଂଚଳରେ



ଥିଲା । ତେବେ ଆଜି ସକାଳ ସମୟରେ ଜାମବଣି ହୋଇ ପୋଡା ଅସ୍ତିଆ ଗ୍ରାମକୁ ଆସିଥିଲା । ବନବିଭାଗ ପକ୍ଷରୁ ଦୁଇ ଗୋଟି ଗାଡି ଯୋଗେ ହାତୀର ଗତିବିଧି ଉପରେ ଲକ୍ଷ୍ୟ ରଖାଯାଇଛି । ହାତୀଟି କୋଣସି ଧନଜୀବନ କ୍ଷୟକ୍ଷତି କରିନଥିବା ସୂଚନା ଥିବା ବେଳେ ବନବିଭାଗ ଟିମ ସୁରକ୍ଷିତ ଭାବେ ହାତୀକୁ ଜଙ୍ଗଲ ମଧ୍ୟକୁ ନେବା ପାଇଁ ଚେଷ୍ଟା ଜାରି ରଖିଥିବାର ଜଣା ଯାଇଛି । ତେବେ ଶିମିଳିପାଳ ଅରଣ୍ୟରେ ଦିନକୁ ଦିନ ପରିବେଶ ସନ୍ତୁଳନ ହରାଇବା ସହିତ ଖାଦ୍ୟାଭାବ, ଶିକାର, ଜଙ୍ଗଲଅଗ୍ନୀ ଆଦି କାରଣରୁ ଜଙ୍ଗଲି ଜନ୍ତୁ ମାନେ ଜନବସତି ମୁହାଁ ଆସି ବହୁ ଧନ ଜୀବନ କ୍ଷତି କରିବା ସହିତ ନିଜେ ମଧ ମୃତ୍ୟୁମୁଖରେ ପଡୁଥିବାର ଦେଖା ଯାଉଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo